
ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com




ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ସୋମବାର ୨୭ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 27 May 2024
Vol.No. 35 ■ No.141 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019




## ଜମିବ ଶେଷ ପର୍ଯ୍ୟାୟ ପ୍ରଚାର: ଦଳୀୟ କର୍ମୀଙ୍କୁ ବଳ ଦେବେ ବଡ଼ ନେତା




ନୂଆଦିଲ୍ଲୀ, ୨୬/୫ : ରାଜ୍ୟରେ ୪ ପର୍ଯ୍ୟାୟ ମତଦାନ ମଧ୍ୟରୁ ୩ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ବାକି ରହିଛି ଗୋଟିଏ ପର୍ଯ୍ୟାୟ ମତଦାନ । ଜୁନ ପହିଲାରେ ଚତୁର୍ଥ ପର୍ଯ୍ୟାୟ ମତଦାନ ହେବ । ତା ପୂର୍ବରୁ ୩ ପ୍ରମୁଖ ଦଳ ଭୋଟରଙ୍କୁ ମନାଇବାକୁ ଅଣ୍ଟା ଭିଡିଛନ୍ତି । ବିଜେଡିର ରାଜ୍ୟ ନେତାମାନେ ବାକି ଥିବା ଆସନରେ ପ୍ରଚାର ଆରମ୍ଭ କରିଦେଇଥିବା ବେଳେ ଦୁଇ ଜାତୀୟ ଦଳର କେନ୍ଦ୍ରୀୟ ନେତାମାନେ ପ୍ରଚାର କରିବାକୁ ଓଡିଶା ଆସୁଛନ୍ତି । ଏହି କ୍ରମରେ କଂଗ୍ରେସର ରାହୁଲ ଗାନ୍ଧୀ ୩୦ ତାରିଖରେ ଓଡିଶା ଆସୁଥିବା ବେଳେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ତାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ୨୯ ତାରିଖରେ ଓଡିଶା ଆସୁଛନ୍ତି । ରାହୁଲ ଗାନ୍ଧୀ ବାଲେଶ୍ୱର ଜିଲ୍ଲାର ସିମୁଳିଆ ଓ ସାନମହତିପୁରରେ ନିର୍ବାଚନ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ମଲ୍ଲିକାର୍ଜୁନ ଖଡଗେ ବାଲେଶ୍ୱର ଓ ଭଦ୍ରକରେ ନିର୍ବାଚନ ପ୍ରଚାର କରିବେ । ସେପଟେ ପୁଣି ୨୯ ତାରିଖରେ ଓଡିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ସେ ଦିନିକିଆ ଗସ୍ତରେ ଓଡିଶା ଆସି ବାରିପଦା ଛଉ ପଡିଆରେ ଦିନ ୧୨ଟା ବେଳେ ଜନସଭାକୁ ଉଦବୋଧନ ଦେବେ । ଏହାପରେ ବାଲେଶ୍ୱର ଏବଂ ଦିନ ୩.୩୦ ରେ କେନ୍ଦ୍ରାପଡାରେ ଜନସଭା କରିବେ ପ୍ରଧାନମନ୍ତ୍ରୀ । ସେହିଭଳି ୨୮ ତାରିଖରେ ଗୃହମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଅମିତ୍ ଶାହା ମଧ୍ୟ ଓଡିଶା ଆସୁଛନ୍ତି । ସେ ଦିନ ୧୦ ଟାରେ ଚାନ୍ଦବାଲିରେ ଜନସଭାକୁ ଉଦବୋଧନ ଦେବେ । ଏହାପରେ କୋରେଇ ଓ ନିମାପଡାରେ ଜନସଭା କରିବାର କାର୍ଯ୍ୟକ୍ରମ ରହିଛି । କେବଳ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ନୁହଁନ୍ତି । ୨୭ ତାରିଖରେ ଓଡିଶା ଆସୁଛନ୍ତି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା । ସେ ୨୭ ତାରିଖରେ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ, କାକଟପୁରରେ ଜନସଭା କରିବେ । ୨୮ ତାରିଖରେ ରାଇରଙ୍ଗପୁର, ମୋରଡା, ସୋର, ଜଗତସିଂପୁରରେ ଜନସଭାକୁ ଉଦବୋଧନ ଦେବେ । ଏହାସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨୭ ରୁ ୩୦ ତାରିଖ ମଧ୍ୟରେ ବାଲେଶ୍ୱର, ଜଗତସିଂହପୁର, କେନ୍ଦ୍ରାପଡାରେ ପ୍ରଚାର କରିବେ । କେନ୍ଦ୍ରମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ମଧ୍ୟ ୨୭ ଓ ୨୮ ଦୁଇଦିନରେ କେନ୍ଦ୍ରାପଡା ଓ ଭଦ୍ରକରେ ପ୍ରଚାର ମଙ୍ଗ ସମ୍ଭାଳିବେ ।

## ପ୍ରକାଶ ପାଇଲା +୨ କଳା, ବିଜ୍ଞାନ ଓ ବାଣିଜ୍ୟ ରେଜଲ୍ଟ



ଭୁବନେଶ୍ୱର, ୨୬/୫ (ନି.ପ୍ର): ଆଜି ଏକ ସଙ୍ଗେ ପ୍ରକାଶ ପାଇଛି +୨ କଳା, ବିଜ୍ଞାନ ଓ ବାଣିଜ୍ୟ ରେଜଲ୍ଟ। କଳାରେ ପାସ୍ ହାର ୮୦.୯୫% ଥିବା ବେଳେ ବିଜ୍ଞାନର ପାସ୍ ହାର ୮୬.୯୩ % ଓ ବାଣିଜ୍ୟର ପାସ୍ ହାର ୮୨.୨୭% ରହିଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରୀକ୍ଷା ଫଳ ପ୍ରକାଶ ପାଇଛି। କଳାରେ ପୁଅଙ୍କ ଅପେକ୍ଷା ଝିଅଙ୍କ ପାସ୍ ହାର ଅଧିକ ରହିଛି। ୧,୦୪,୪୪୭ ପୁଅଙ୍କ ମଧ୍ୟରୁ ୭୫,୯୧୩ ଉତ୍ତୀର୍ଣ୍ଣ। ପୁଅଙ୍କ ପାସ୍ ହାର ୭୨.୬୮ ପ୍ରତିଶତ ରହିଛି। ସେହିପରି କଳାରେ ୧,୩୦,୭୭୧ ଝିଅ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧,୧୪,୫୧୬ ଉତ୍ତୀର୍ଣ୍ଣ କରିଛନ୍ତି। ଝିଅଙ୍କ ପାସ୍ ହାର ୮୭.୫୬ ପ୍ରତିଶତରହିଛି। ମୋଟ୍ ୨,୩୫,୨୧୮ ଜଣ ପରୀକ୍ଷା ଦେଇଥିବା ବେଳେ ୧,୯୦,୪୨୯ ଜଣ ପାସ୍ କରିଛନ୍ତି। ଯୁକ୍ତ ଦୁଇ ବିଜ୍ଞାନରେ ମଧ୍ୟ ଝିଅମାନେ ବାଜିମାତ୍ କରିଛନ୍ତି। ୬୦,୯୭୩ ପୁଅ ପରୀକ୍ଷାର୍ଥୀଙ୍କ

▶▶ପୃଷ୍ଠା ୭

## ମାଟ୍ରିକ୍ ରେଜଲ୍ଟ: ଏଥର ବି ଝିଅ ମାରିଲେ ବାଜି



ଭୁବନେଶ୍ୱର, ୨୬/୫ (ନି.ପ୍ର): ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ରେଜଲ୍ଟ ଆଜି ଘୋଷଣା କରିଛି ମାଧ୍ୟମିକ ଶିକ୍ଷା ପରିଷଦ। ଏଥର ମୋଟ ୫ ଲକ୍ଷ ୪୧ ହଜାର ୬୧ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇଥିବା ବେଳେ ୫ ଲକ୍ଷ ୩୦ ହଜାର ୧୫୩ ଜଣ ପାସ୍ କରିଛନ୍ତି। ୨୫୩ ଜଣ ଏମ୍‌ପି ହୋଇଥିବା ବେଳେ ବାକିମାନେ କୃତକାର୍ଯ୍ୟ ହୋଇପାରି ନାହାନ୍ତି। ପାସ୍ ହାର ୯୬.୦୭ % ରହିଛି। କୃତକାର୍ଯ୍ୟ ହୋଇଥିବା ୫ ଲକ୍ଷ ୩୦ ହଜାର ୧୫୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଛାତ୍ରୀଙ୍କ

▶▶ପୃଷ୍ଠା ୭

## ବାଘ ଛାଲ ଡିଲ୍ ବେଳେ ୫ ଜଣଙ୍କୁ ମାଡ଼ି ବସିଲା ବନବିଭାଗ



ନୂଆପଡ଼ା, ୨୬/୫ (ନି.ପ୍ର): ଗ୍ରାହକ ହୋଇ ଯାଇଥିଲେ। ବାଘ ଛାଲ ଡିଲ୍ ବେଳେ ମାଡ଼ି ବସିଲେ। କଲରାପତରିଆ ବାଘ ଛାଲ ଜବତ କରିଥିବା ବେଳେ ୫ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି ବନ ବିଭାଗ। ନୂଆପଡ଼ା ଜିଲ୍ଲାରୁ ଆସିଛି ଏପରି ଖବର। ଖଡିଆଳ ବନଖଣ୍ଡ ବିଭାଗ ଅଧିନସ୍ଥ ସାନ ମହେଶ୍ୱର ସେକ୍ସନ ହରିପୁର ଗାଁରେ କଲରାପତରିଆ ବାଘ ଛାଲ ବିକ୍ରି ପାଇଁ ଡିଲ୍ ଚାଲିଥିଲା। ବନ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ଗ୍ରାହକ ସାଜି ସେଠାକୁ ଯାଇଥିଲା। ଡିଲ୍ ବେଳେ ସମସ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା ବନ ବିଭାଗ। ଏଥିସହ ବାଘ ଛାଲ ଜବତ କରିଥିଲା। ଏହି ମାମଲାରେ ବନ ବିଭାଗ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ଦୁଇ ଜଣ ଫେରାର ହୋଇଯାଇଥିବା ଜଣାପଡ଼ିଛି। ବନ ବିଭାଗ ଅଭିଯୁକ୍ତଙ୍କଠାରୁ ୨ଟି ବାଇକ, ୫ଟି ମୋବାଇଲ ଫୋନ ଜବତ କରିଛି। ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ ଏନେଇ ସୂଚନା ଦେଇଛନ୍ତି। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସେ କହିଛନ୍ତି।

## ରାଇସ ମିଲରୁ ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର

ବଲାଙ୍ଗିର, ୨୬/୫ (ନି.ପ୍ର): ରାଇସ ମିଲରେ ଜଣେ ଟ୍ରକ ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ। ମୃତକ ଜଣକ ହେଉଛନ୍ତି ଉସତ୍ ମଟାରି (୬୫)। ତାଙ୍କ ଘର ହେଉଛି ବଲାଙ୍ଗିର ଜିଲ୍ଲାର କଅଗାଁ ରେ। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନାହିଁ। ପୁଲିସ ଘଟଣାର ତଦନ୍ତ କରୁଛି। ଆଜି ସକାଳେ ଟ୍ରକ୍ ନେଇ ମିଲ ଭିତରକୁ କୁଣ୍ଡା ଲୋଡ କରିବା ପାଇଁ ଯାଇଥିଲେ। ହେଲେ ସେ ଆଉ ମିଲ୍ ଭିତରୁ ବାହାରି ନଥିଲେ। ଅନେକ ସମୟ ପରେ ମିଲର ଅନ୍ୟ କର୍ମଚାରୀ ମାନେ ମିଲ୍‌କୁ ଯାଇଥିଲେ। ମିଲ୍ ଭିତରେ ଏକ ଗଛ ମୂଳରେ ଟ୍ରକ ଚାଳକଙ୍କର ମୃତଦେହ ପଡ଼ିଥିବା ମିଲ୍‌ର କର୍ମଚାରୀ ମାନେ ଦେଖିବାକୁ ପାଇଥିଲେ।

## ଯାତ୍ରୀବାହୀ ଗାଡ଼ିକୁ ପିଟିଲା ଟ୍ରକ୍: ଜଣେ ମୃତ, ୭ ଜଣ ଗୁରୁତର



ବାରିପଦା, ୨୬/୫ (ନି.ପ୍ର): ଯାତ୍ରୀବାହୀ ଗାଡ଼ିକୁ ପିଟିଦେଲା ଦ୍ରୁତଗାମୀ ଟ୍ରକ୍। ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଗୁରୁତର ଆହତ ହୋଇଛନ୍ତି। ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ବାରିପଦା ଦେଇ ଯାଇଥିବା ଜାତୀୟ ରାଜପଥରେ ଘଟିଛି। ବମ୍ବେ ଛକରୁ ୭ ଜଣ ଯାତ୍ରୀଙ୍କୁ ଧରି ଏକ ସବାରୀ ଭ୍ୟାନ୍ ବାରିପଦା ଟାଉନ୍ ଆସୁଥିଲା। ତେବେ ୧୮ ନମ୍ବର ଜାତୀୟ ରାଜପଥର ଅସନଜୋଡା ଛକରେ ରାସ୍ତା ପାର୍ଶ୍ୱରେ ସବାରୀଟି ଅଟକିଥିଲା। ସେଠାରୁ ଯାତ୍ରୀଙ୍କୁ ଉଠାଉଥିଲା। ଠିକ୍ ସେତିକି

▶▶ପୃଷ୍ଠା ୭

## ୧୨୦୦ ବୋତଲ କଫ ସିରପ୍ ଜବତ: ୩ ଗିରଫ

ବଲାଙ୍ଗିର, ୨୬/୫ (ନି.ପ୍ର): ୧୨୦୦ ବୋତଲ କଫ ସିରପ୍ ଜବତ। ବୋଲେରୋକୁ ଏସ୍କର୍ଟ କରି ନେଉଥିବା ବାଇକ୍ ଜବତ, ୩ ଗିରଫ। ଗିରଫ ବ୍ୟକ୍ତିଙ୍କ ପରିଚୟ ହେଲା ସେମାନେ ବଲାଙ୍ଗିର ସହର ବରପାଲି ପଡ଼ାର ତିନି ଜଣ ଯୁବକ। କଟକରୁ ବଲାଙ୍ଗିର ଚାଲାଣ ବେଳେ ଧରିଲା ବଲାଙ୍ଗିର ଟାଉନ୍ ଥାନା ପୁଲିସ। ସୂଚନା ଅନୁସାରେ ଏକ ବୋଲେରୋରେ କଟକରୁ ବଲାଙ୍ଗିର ଅଭିମୁଖେ ଆସୁଥିଲା ବେଆଇନ କଫସିରଫ। ଗୋଟିଏ ଆପାଚି ବାଇକ୍‌ରେ ବୋଲେରୋକୁ ଏସ୍କର୍ଟ କରୁଥିଲା ଜଣେ କଫସିରଫ ବେପାରୀ। ଏନେଇ କୌଣସି ସୂତ୍ରରୁ ଖବର ପାଇଥିଲା ବଲାଙ୍ଗିର ଟାଉନ ପୁଲିସ। ପୁଲିସ ତାର ଏକ ସ୍ୱତନ୍ତ୍ର ଟିମ ସହ ବୋଲେରୋକୁ ପିଛା କରିଥିଲା। ଫିଲ୍ମ ଷ୍ଟାଇଲରେ ଗୋଡ଼ାଇ ଗୋଡ଼ାଇ ବୋଲେରୋକୁ କାବୁ କରିଥିଲା। ଏହା ସହିତ ବୋଲେରୋକୁ ଏସ୍କର୍ଟ କରି ନେଉଥିବା ବାଇକ୍ ଚାଳକଙ୍କୁ ମଧ୍ୟ ଗିରଫ କରିଛି ପୁଲିସ। ଜବତ ବେଳେ ବୋଲେରୋ ଭିତରୁ ୧୨ ଶହ ବୋତଲ କଫ ସିରଫ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି ବଲାଙ୍ଗିର ଟାଉନ ପୁଲିସ। ଏହାସହ କଫ ସିରଫ ଚାଲାଣ ପଛରେ ଥିବା ମାଷ୍ଟର ମାଇଣ୍ଡକୁ ଖୋଜୁଛି ପୁଲିସ।

## ହିନ୍ଦୋଳରେ ମହିଳାଙ୍କୁ ବିଜେଡି ନେତା ମାଡ ମାରିବା ଘଟଣାରେ କେନ୍ଦ୍ରମନ୍ତ୍ରୀଙ୍କ କ୍ଷୋଭ



ଭୁବନେଶ୍ୱର, ୨୬/୫ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀର ରାସୋଲରେ ଜନୈକ ମହିଳାଙ୍କୁ ବିଜେଡିକୁ ଭୋଟ୍ ଦେବା ପାଇଁ ବଳପୂର୍ବକ ପ୍ରବର୍ତ୍ତାଇବା ଏବଂ ପ୍ରତିବାଦ କରିବାରୁ ତାଙ୍କୁ ମାଡ ମାରିବା ଘଟଣାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କ୍ଷୋଭ ପ୍ରକାଶ କରିଛନ୍ତି । ଘଟଣାରେ ପୋଲିସ ଡିଜି ସମ୍ପୃକ୍ତ ବିଜେଡି ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି । ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ 'ଏକ୍ସ'ରେ ଜନୈକ ମହିଳାଙ୍କ ପ୍ରତିକ୍ରିୟାର ଏକ ଭିଡିଓକୁ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ ୨୫ ବର୍ଷର ନବୀନ ସରକାରରେ ମହିଳାମାନେ ନିର୍ଯ୍ୟାତନାର ଶୀକାର । ନବୀନ ବାବୁଙ୍କ ଶାସନରେ ମହିଳାଙ୍କ ସୁରକ୍ଷା, ସମ୍ମାନ ଓ ଗରିମାର ଏଭଳି ସ୍ଥିତି ହୋଇଛି । ହିନ୍ଦୋଳ ନିର୍ବାଚନମଣ୍ଡଳୀର ରାସୋଲରେ ଘଟିଥିବା ଅଭାବନୀୟ ଘଟଣା ତା'ର ଏକ ଜ୍ୱଳନ୍ତ ପ୍ରମାଣ । ଭୋଟ୍ ସମସ୍ତଙ୍କ ନିଜସ୍ୱ ଅଧିକାର । କିନ୍ତୁ ନିର୍ଦ୍ଦିଷ୍ଟ ଦଳକୁ ଭୋଟ୍ ଦେବା ପାଇଁ ବଳପୂର୍ବକ ବାଧ୍ୟ କରିବା ଏବଂ ପ୍ରତିବାଦ କଲେ ହିଂସାକୁ ଆପଣାଇବା ବିଜେଡି ନେତାଙ୍କ ପୁରୁଣା ଅଭ୍ୟାସ, ଯାହା ଦୁର୍ଭାଗ୍ୟଜନକ । ଗଣତନ୍ତ୍ର ଅଧିକାରକୁ ବଳପୂର୍ବକ ଛଡ଼ାଇ ନେବା ତଥା ମହିଳାଙ୍କ ସମ୍ମାନ ପ୍ରତି ଏପରି ଉଦାସୀନତା ମନୋଭାବ ୨୫ ବର୍ଷ ରିମୋଟ କଣ୍ଟ୍ରୋଲ ସରକାରର ବିଫଳତାର ନମୁନା ଅଟେ । ନବୀନ ପଟ୍ଟନାୟକଙ୍କ ପାଖ ଲୋକ ହିଁ ତାଙ୍କୁ ଅସହାୟ କରିବା ଭଳି ପରିସ୍ଥିତି ସୃଷ୍ଟି କରିବା ସହ ବନ୍ଧକ କରି ରଖିଛନ୍ତି । ସେ ଏବେ ଗଣତନ୍ତ୍ରକୁ ବନ୍ଧକ ବନାଇବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି । ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ । ମାତୃଶକ୍ତିଙ୍କ ପ୍ରତି ଏଭଳି ଉପେକ୍ଷା, ଗୁଣ୍ଡାଗର୍ଦ୍ଦି ଏବଂ ଅଶାଳୀନ ବ୍ୟବହାରକୁ ଓଡ଼ିଶା ଲୋକମାନେ କେବେ ବରଦାସ୍ତ କରିବେ ନାହିଁ । ଓଡ଼ିଆ ଅସ୍ମିତାର ଏପରି ଉପହାସ ପାଇଁ ନବୀନ ବାବୁ ଓ ବିଜୁ ଜନତା ଦଳକୁ ଓଡ଼ିଶାବାସୀ ଖୁବଶୀଘ୍ର କଡ଼ା ଜବାବ ଦେବେ। ଏହି ଘଟଣାରେ ପୋଲିସ ଡିଜି ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବେ ତଥା ବିଜେଡି ଗୁଣ୍ଡାଙ୍କୁ ଶୀଘ୍ର ଗିରଫ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

## ଭୀଷଣ ରୂପ ନେଇଛି ବାତ୍ୟା 'ରେମାଲ': ଓଡ଼ିଶାର ଏହି ୫ ଜିଲ୍ଲାରେ ହୋଇପାରେ ପ୍ରବଳ ବର୍ଷା



ଭୁବନେଶ୍ୱର, ୨୬/୫ (ନି.ପ୍ର): ବାତ୍ୟା 'ରେମାଲ' ଆଜି ଭୀଷଣ ବାତ୍ୟାର ରୂପ ନେଇ ସାରିଥିବା ବେଳେ ଆହୁରି ତୀବ୍ର ରୂପ ଧାରଣ କରି ମଧ୍ୟରାତ୍ରରେ ବାଂଲାଦେଶର ମଙ୍ଗଲାରେ ଏହା ସ୍ଥଳଭାଗ ଛୁଇଁବାକୁ ଥିବା ବେଳେ ଏହାର ପ୍ରଭାବରେ ଓଡ଼ିଶାର ୫ଟି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତକାଲି ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ରେମାଲ' ଆଜି ଭୀଷଣ ବାତ୍ୟାର ରୂପ ନେଇଛି। ତାହା ଏବେ ଉତ୍ତର ବଙ୍ଗୋପସାଗରରେ ରହିଛି। ଭୀଷଣ ବାତ୍ୟା 'ରେମାଲ'ର ଗତି ମୁଖ୍ୟତଃ ଉତ୍ତର ଦିଗକୁ ରହିବ ଓ ଏହା ଆହୁରି ତୀବ୍ର ରୂପ ଧାରଣ କରିବାର ସମ୍ଭାବନା ରହିଛି। ଆଜି ମଧ୍ୟରାତ୍ର ସୁଦ୍ଧା ଏହା ସାଗର ଦ୍ୱୀପ ଓ ଖେପୁପରା ମଧ୍ୟରେ ପାଖାପାଖି ଦକ୍ଷିଣ-ପଶ୍ଚିମ ମଙ୍ଗଲା (ବାଂଲାଦେଶ ପାଖରେ ଅବସ୍ଥିତ ଏକ ସ୍ଥାନ) ଦେଇ ଏହା ସ୍ଥଳଭାଗକୁ ଛୁଇଁବ। ବାଂଲାଦେଶ ଓ ସଂଲଗ୍ନ ପଶ୍ଚିମବଙ୍ଗ ଉପକୂଳ ହୋଇ ଏହା ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହା ଉପକୂଳକୁ ଅତିକ୍ରମ କଲା ବେଳେ ପବନର ବେଗ ଘଣ୍ଟା ପ୍ରତି ୧୧୦ରୁ ୧୨୦ କିମି ବେଗର ପବନ ହେବ। ଏହାର ପ୍ରଭାବରେ ଓଡ଼ିଶାର

▶▶ପୃଷ୍ଠା ୭

# ପୁଅର ସମାଧି ଜଗିଛି ବାପା: ମଶାଣିରେ ତାନ୍ତ୍ରିକ ଭୟ



ଚନ୍ଦାହାଣ୍ଡି, ୨୬/୫ (ନି.ପ୍ର): ଅନ୍ଧବିଶ୍ୱାସ ହେଉ କିମ୍ବା ପୁଅ ପ୍ରତି ରହିଥିବା ଭଲ ପାଇବା। ସପ୍ତାହେ ହେଲା ସମାଧିକୁ ଜଗି ରହିଛି ଜଣେ ବାପା। ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକର ଏହି ଘଟଣା ପଛର କାହାଣୀ ଯେତିକି ରୋଚକ, ସେତିକି ଚିନ୍ତାଜନକ। କାରଣ ତାନ୍ତ୍ରିକ ଭୟ ଯୋଗୁ ଏହି ଅଭାଗା ବାପା ଜଣକ ଏମିତି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ହଳଦୀ ଗ୍ରାମର ରାଜେଶ ନାଗଙ୍କ ୪ବର୍ଷର ଶିଶୁପୁତ୍ର ଭୋଳା ନାଗ ଗତ ୧୯ତାରିଖ ଦିନ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଭୋଳାଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଭୋଳା ଆଖି ବୁଜିଥିଲେ। ପୁଅର ଏଭଳି ଆକସ୍ମିକ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରିନାହାନ୍ତି ରାଜେଶ। କେହି ତାନ୍ତ୍ରିକ ବିଦ୍ୟା ପ୍ରୟୋଗ କରି ପୁଅକୁ ମାରିଦେଇଥିବା ସନ୍ଦେହ କରୁଛନ୍ତି। ତେଣୁ ପୁଅକୁ ପୋତି ସମାଧି ତିଆରି କରିଛନ୍ତି। ସପ୍ତାହେ ହେଲା ସମାଧିକୁ ଦିନରାତି ଜଗି ରହିଛନ୍ତି। ରାଜେଶଙ୍କ ସହ ସଂପର୍କୀୟ ମଧ ସମାଧିକୁ ଜଗୁଥିବା ଦେଖିବାକୁ ମିଳିଛି। ଆହୁରି ୧୪ଦିନ ଧରି ସଂପର୍କୀୟଙ୍କ ସହ ଏମିତି ପାଳି କରି ଜଗିବେ ବୋଲି ରାଜେଶ କହିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ହେଲା, କୁଆଁରୀ କନ୍ୟା କିମ୍ବା ଶିଶୁର ମୃତ୍ୟୁ ହେଲେ ଶବକୁ ତାନ୍ତ୍ରିକ ନିଜ ସାଧନା ପାଇଁ ବ୍ୟବହାର କରିଥାଏ। ଏଥିପାଇଁ ମଶାଣିରୁ ଶବ ନେଇଥାନ୍ତି। ତନ୍ତ୍ର ବଳରେ ଶବରେ ପ୍ରାଣନ୍ୟାସ କରି କୌଣସି ଅଙ୍ଗ ମାଗିଥାନ୍ତି। ପ୍ରାଣନ୍ୟାସ ପରେ ମୃତକ ଯେଉଁ ଅଙ୍ଗ ଦେଖାଇଥାଏ ତାହାକୁ ତାନ୍ତ୍ରିକ କାଟି ନେଇଥାଏ। ଆଗକୁ ସାବିତ୍ରୀ ଅମାବାସ୍ୟା। ଏଥିପାଇଁ କୌଣସି ତାନ୍ତ୍ରିକ ଯୋଜନା କରି ଭୋଳାକୁ ହତ୍ୟା କରିଛି। ମାଟି ଖୋଳି ଶବ ନେଇଯିବାର ସମ୍ଭାବନା ରହିଛି। ତାନ୍ତ୍ରିକ କବଳରୁ ପୁଅର ଶବକୁ ରକ୍ଷା କରିବାକୁ ରାଜେଶ ମଶାଣିରେ ରହିଛନ୍ତି। ତେବେ ଏଭଳି ଅନ୍ଧବିଶ୍ୱାସ ଅନେକ ସମୟରେ ସାଂଘାତିକ ପରିସ୍ଥିତି ସୃଷ୍ଟି କରିବାର ନଜିର ରହିଛି। ତେଣୁ ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ସଚେତନ କରିବାକୁ ସାଧାରଣରେ ଦାବି ହୋଇଛି।

# ଜେ.ଏସ.ଏମ୍ କଲେଜ୍ ୨ ବାଣିଜ୍ୟର ଫଳାଫଳରେ ଶତପ୍ରତିଶତ ସଫଳତା ହାସଲ

ବଲାଙ୍ଗିର , ୨୬/୫ (ନି.ପ୍ର): ବଲାଙ୍ଗିର ସ୍ଥିତ ଜେ.ଏସ.ଏମ୍ କଲେଜ୍ ତାଙ୍କର ଅଧ୍ୟୟନ ଏବଂ କାର୍ଯ୍ୟକଳାପ ହେତୁ ବଲାଙ୍ଗିର ଜିଲ୍ଲାର ନମ୍ବର ୧ ବାଣିଜ୍ୟ କଲେଜ ଭାବରେ ଛିଡା ହୋଇଆସିଛି । ପ୍ରତି ବର୍ଷ ପରି ଏହି ବର୍ଷ ମଧ କଲେଜର ସମସ୍ତ ଛାତ୍ରଛାତ୍ରୀମାନେ ଉତ୍ତମ ନମ୍ବର ରଖି ୨ ବାଣିଜ୍ୟ ୨୦୨୪ ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇଛନ୍ତି । କଲେଜର ମୋଟ ୩୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୨୭ ଟି ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀ ଅଧିକାର କରିଛନ୍ତି, ୬ ଜଣ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀ ଅଧିକାର କରିଛନ୍ତି ଓ ୩ଜଣ ଛାତ୍ରଛାତ୍ରୀ ତୃତୀୟ ଶ୍ରେଣୀ ଅଧିକାର କରିଛନ୍ତି । କୁମାରୀ ନିଧି ଅଗ୍ରୱାଲ୍ ୯୩% ମାର୍କ ରଖି କଲେଜ ଟପର ହୋଇଛନ୍ତି । ସେ ଭବିଷ୍ୟତ ରେ ଏକ ଉତ୍ତମ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବା ନିମନ୍ତେ ଲକ୍ଷ୍ୟ ରଖିଛନ୍ତି । କୁମାରୀ ଖୁସବୁ ଅଗ୍ରୱାଲ୍ ୯୨% ମାର୍କ ରଖି କଲେଜର ଦ୍ୱିତୀୟ ଟପର ହୋଇଛନ୍ତି । ଶିକ୍ଷକ ଶିକ୍ଷୟତ୍ରୀଙ୍କର ଓ ପିଲାମାନଙ୍କର ପରିଶ୍ରମର ଉତ୍ତମ ପଳାଫଳ ଆସିଥିବାରୁ ପିଲାମାନଙ୍କର ପିତାମାତା ଅତିଆନନ୍ଦିତ ଅଟନ୍ତି ଓ ଏହି ଅବସରରେ କଲେଜେର ଚେୟାର ମ୍ୟାନ୍ ସିଏ. ଶ୍ରିକାନ୍ତ ଶର୍ମା ଏବଂ କଲେଜ ଅଧକ୍ଷ୍ୟ ଶ୍ରୀଯୁକ୍ତ ପିତବାସ ପଣ୍ଡା ଖୁସି ପ୍ରକାଶ କରି ପିଲାମାନଙ୍କର ଉତ୍ତମ ଭବିଷ୍ୟତ ନିମନ୍ତେ ଶୁଭାକାମନା କରିଅଛନ୍ତି। ବିଗତ ୮ ବର୍ଷ ସଫଳତା ଦେଖି ଆଶା କରାଯାଏ ଆଗାମି ଦିନଗୁଡିକରେ ଏହି କଲେଜରୁ ଆନେକେ ରାଜ୍ୟ ମାନ୍ୟତା ଛାତ୍ରଛାତ୍ରୀ ବାହାରିବେ ଓ ବଲାଙ୍ଗିର ର ଗୌରବ ଆଣିବେ।

# କେବେ ବଦଳିବ ବାଙ୍କି ମୁହାଣର ଚିତ୍ର ?

ପୁରୀ, ୨୬ ମଇ (ହି.ସ.)- ପୁରୀ ହେବ ବିଶ୍ୱ ଐତିହ୍ୟ ସହର । ଶ୍ରୀମନ୍ଦିର ପରିକ୍ରମା ମାର୍ଗ ଝିଲିମିଲି ଆଲୁଅରେ ଝଲସୁଛି । ଶ୍ରୀସେତୁରୁ କୋଠା ଛାତ ଦେଇ କାର୍ ଓ ଅନ୍ୟାନ୍ୟ ଗାଡ଼ି ବଲ୍ଲଭରେ ପାର୍କିଂ କରୁଛି । ସହରର ଚିତ୍ର ଦିନିକୁ ଦିନ ବଦଳୁଥିବା ବେଳେ ସମୁଦ୍ର ଓ ବାଙ୍କି ମୁହାଣ ନର୍ଦ୍ଦମା ଜଳର ମିଳନ ସ୍ଥଳ ଗତ ୩୦ ବର୍ଷ ଧରି ବଦଳି ପାରିନାହିଁ । ଜଣେ ବଙ୍ଗୀୟ ପର୍ଯ୍ୟଟକ ଦେଶର ସର୍ବୋଚ୍ଚ ନ୍ୟାୟଳୟରେ ଅଭିଯୋଗ କରିବା ପରେ ବାଙ୍କି ମୁହାଣ ଠାରେ ଟ୍ରିଟମେଂଟ ପ୍ଲାଂଟ ପ୍ରତିଷ୍ଠା କରାଯାଇଥିଲା । ଜନସ୍ୱାସ୍ଥ୍ୟ ବିଭାଗ ଏହାର ଦାୟୀତ୍ୱ ନେଇଥିବା ବେଳେ ଧର୍ମକୁ ଆଖି ଠାର ପରି ନର୍ଦ୍ଦମା ଜଳ ସିଧାସଳଖ ସମୁଦ୍ରରେ ମିଶୁଛି । ବାଙ୍କି ମୁହାଣର ଦୁଇ ପାର୍ଶ୍ୱରେ ଗଢି ଉଠିଥିବା ବସ୍ତି ଗୁଡ଼ିକର ପାଇଖାନା ପାଇପ୍ ସିଧାସଳଖ ବାଙ୍କି ମୁହାଣ ନାଳରେ ମିଶିଛି । କିଛି ମେସିନ ବସାଇ ସଫା କରାଯାଉଛି ବୋଲି ବିଭାଗ ପକ୍ଷରୁ ଡ଼ିଣ୍ଡିମ ପିଟାଯାଉଥିବା ବେଳେ ପ୍ରକୃତ ପକ୍ଷରେ ଏହି ପାଣି ଏତେ ବିଷାକ୍ତ ଯେ ତାହା ଗୋଡ଼ରେ ବାଜିଲେ ଚର୍ମ ରୋଗ ହେଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ, ନିଳାଦ୍ରୀ ପାର୍କ ନିକଟରେ ଏକ ଚଲାପଥ ପାଇଁ ୪ଟି ଶଙ୍ଖ ନିର୍ମାଣ କରି ଜଳ ନିଷ୍କାସନ କରାଯାଉଛି । ବାଙ୍କି ମୁହାଣ ନଳା ବସ୍ତି ନିକଟରେ ପ୍ରତିଦିନ ଟ୍ରକ୍ ଟ୍ରକ୍ ପଲିଥିନ, ବର୍ଜ୍ୟବସ୍ତୁ ପାର୍ଶ୍ୱରେ ଭାସିଯାଇ ଜମାଟ ବାନ୍ଧୁଥିବା ଦେଖିବାକୁ ମିଳୁଛି । ଏହି ପାଣିକୁ ପ୍ରୟୋଗ କରି ପାର୍କର ଗଛ ବଂଚାଇବା ପାଇଁ ବ୍ୟବସ୍ଥା କରିବାକୁ କିଛି ବର୍ଷ ତଳେ କୁହାଯାଉଥିଲେ ମଧ ତାହା ଅଦ୍ୟାବଧି କରାଯାଇ ପାରିନାହିଁ । ନର୍ଦ୍ଦମା ଜଳ ସମୁଦ୍ରରେ ମିଶିବା ଫଳରେ ସମୁଦ୍ରଜଳ ବିଷାକ୍ତ ହେଉଛି । ପର୍ଯ୍ୟଟକ ମାନେ ସେଠାରେ ସ୍ନାନ କରି ଚର୍ମ ରୋଗରେ ପୀଡ଼ିତ ହେଉଛନ୍ତି । ବାଙ୍କି ମୁହାଣର ଏଭଳି ଅସ୍ୱାସ୍ଥ୍ୟକର ଅବସ୍ଥା କେବେ ବଦଳିବ ବୋଲି ଅଂଚଳବାସୀ ଆଶା ବାନ୍ଧି ବସିଛନ୍ତି । ଏହି ପାଣିକୁ ଫେଂଟି ପଙ୍କ ପାଣି ଅଲଗା କରିବା ପାଇଁ ଏକ ଜଳଚକ୍ରୀ ନାମକୁ ମାତ୍ର ସ୍ଥାପନ କରାଯାଇଛି । ନର୍ଦ୍ଦମା ଜଳ ସମୁଦ୍ରରେ ମିଶିବା ଫଳରେ ସ୍ୱର୍ଣ୍ଣାଭ ବାଲି କଳା ପଡ଼ି ଗଲାଣି । ନଳା ପାଣି ଓ ସମୁଦ୍ର ମିଳନ ସ୍ଥଳରୁ କେତେକ ଜୀବଜନ୍ତୁ, କୁକୁର, ଛେଳି, ଗାଈ, ବଳଦ, ପାଣି ପିଇ ଅସୁସ୍ଥ ହୋଇ ପଡୁଥିବା ଦେଖିବାକୁ ମିଳୁଛି । ପର୍ଯ୍ୟଟକ ମାନେ କୂଳରେ ଚାଲି ଚାଲି ଯିବା ସମୟରେ ଏହି ପାଣିରେ ପଶି ଆର ପଟକୁ ଯାଉଛନ୍ତି । ପୁରୀ ସହର ପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ବାଙ୍କି ମୁହାଣ ଚିତ୍ର ବଦଳୁନାହିଁ ।

# ପର୍ଯ୍ୟଟକଙ୍କ ମନ ମୋହୁଛି ଗାରିଆ ଡୁଡୁମା ଜଳପ୍ରପାତ

ମାଲକାନଗିରି, ୨୬/୫ (ନି.ପ୍ର): ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ମାଲକାନଗିରି ଜିଲା । ମନମୋହୁଛି ଆଦିବାସୀ ପାହାଡ ଘେରି ରହିଥିବା ଗାରିଆ ଡୁଡୁମା ଜଳପ୍ରପାତ । ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲି ଛକରୁ ମାତ୍ର ୭ କିଲୋମିଟର ଗଲା ପରେ ପଡେ ଏହି ଜଳପ୍ରପାତ । ପାହାଡ ଘେରା ବଣଜଙ୍ଗଲର ମନୋରମ ପରିବେଶ ଭିତରେ ଏହି ଝରଣା ପ୍ରତିଟି ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି । ଯାହାପାଇଁ ଏଠାକୁ ପ୍ରତିଦିନ ଲାଗୁଛି ଦୂରଦୂରାନ୍ତରୁ ଲୋକଙ୍କ ଭିଡ଼ । ପ୍ରକୃତିକୁ ମନଭରି ଉପଭୋଗ କରିବା ସହିତ ଜମୁଛି ବଣଭୋଜିର ଆସର । ପାହାଡି ଝରଣାକୁ ପାହାଡ ଉପରୁ ସିଧାସଳଖ ଦେଖିବାର ମଜା ନେଉଛନ୍ତି ପର୍ଯ୍ୟଟକ । ଏନେଇ ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି ପଂଚାୟତର ଲୋକ ଓ ପଂଚାୟତ ନିର୍ବାହୀ ଅଧିକାରୀ। ମୋରମ ରାସ୍ତା ସହିତ ସେହି ସ୍ଥାନରେ ଯାନବାହାନ ମଧ ଯିବାର ସୁବିଧା ରହିଛି । ମାଲକାନଗିରି ଜିଲାର ମାଥିଲି ବ୍ଲକ ଅନ୍ତର୍ଗତ ଉଦୁଲିବେଡା ପଂଚାୟତ ଅଧିନରେଏହି ଜଳପ୍ରପାତ ରହିଛି । ଗୋବିନ୍ଦପାଲି ଠାରୁ ମାତ୍ର ୭ କି.ମି. ଦୂରତାରେ ରହିଥିବା ଏହି ସ୍ଥାନରେ ଗଲା ପରେ କାଠପୋଲ, ପ୍ରକୃତି ଝରଣାର କୂଳକୂଳ ଶବ୍ଦ ନିତିଦିନ ପ୍ରକୃତି ପ୍ରେମୀଙ୍କୁ ଟାଣି ନେଉଛି । ଗାରିଆ ଡୁଡୁମା ଜଳପ୍ରପାତକୁ ମନଭରି ଉପଭୋଗ କରୁଛନ୍ତି ପ୍ରକୃତିପ୍ରେମୀ । ଆଦିବାସୀ ଇଲାକାରେ ରହିଥିବା ଏହି ସୌନ୍ଦର୍ଯ୍ୟ ସ୍ଥାନରେ ଭୋଜିଭାତ ଆସର ବଢିବାରେ ଲାଗିଛି ।

# ଇଭିଏମ୍ ଡେମୋ ଦେଖାଇ ଧର୍ମଶାଳାରେ ଯୁବ ବିଜେଡିର ନିର୍ବାଚନ ପ୍ରଚାର

ଧର୍ମଶାଳା, ୨୬/୫ (ନି.ପ୍ର): ୪ର୍ଥ ତଥା ଶେଷ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ପ୍ରଚାର ଜୋର ଧରିଛି । ହାତ ଗଣତି କିଛି ଦିନ ପରେ ସାଧାରଣ ଏହି ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଶାସକ ଦଳ ବିଭିନ୍ନ ଉପାୟରେ ନିର୍ବାଚନ ପ୍ରଚାରକୁ ଜୋରଦାର କରିଛି । ନିର୍ବାଚନୀ ସଭା,ବାଇକ୍ ଶୋଭାଯାତ୍ରା,ଘର ଘର ବୁଲି ପ୍ରାର୍ଥୀ ଦଳ ସପକ୍ଷରେ ଭୋଟ ଭିକ୍ଷା କରୁଛନ୍ତି । ଆଜି ଭିନ୍ନ ଉପାୟରେ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଧାନସଭା ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟଙ୍କ ନିମନ୍ତେ ଯୁବ ବିଜେଡି ମଙ୍ଗ ଧରିଛନ୍ତି । ଧର୍ମଶାଳା ଯୁବ ବିଜେଡି ସଭାପତି କ୍ଷିତିଶ ନାୟକଙ୍କ ନେତୃତ୍ୱରେ ଶହଶହ କର୍ମୀ ଘରଘର ବୁଲି ଡେମୋ ଇଭିଏମ୍ ମେସିନ ଧରି ଭୋଟ ଭିକ୍ଷା କରୁଛନ୍ତି । ଆଜି ପ୍ରଥମେ ଏହି ନିର୍ବାଚନ ମଣ୍ଡଳୀ ୧୪ ନଂ ଜୋନ ପାଟପୁର ପଂଚାୟତ ପାଣିମୁହାଣୀଠାରୁ ଏଭଳି ପ୍ରଚାର ଆରମ୍ଭ ହୋଇଛି । ଏହା ସମସ୍ତ ପଂଚାୟତରେ ଭୋଟରଙ୍କ ନିକଟରେ ପଂହଚି ଭୋଟ ଭିକ୍ଷା କରାଯିବ ବୋଲି ଯୁବ ସଭାପତି କ୍ଷିତିଶ ନାୟକ ପ୍ରକାଶ କରିଛନ୍ତି ।

# ସାତକୋଶିଆରେ ୩୫ ଘଡ଼ିଆଳ ଶାବକଙ୍କ ଜନ୍ମ: ୪ ବର୍ଷରେ ଜନ୍ମନେଲେଣି ୧୨୮

ହରଭଙ୍ଗା, ୨୬/୫ (ନି.ପ୍ର): ସାତକୋଶିଆ ଗଣ୍ଡ ଅଭୟାରଣ୍ୟର ବଳଦମଡ଼ା ନିକଟରେ ଗୁରୁବାର ଏକ ମାଈ ଘଡ଼ିଆଳ କୁମ୍ଭୀର ୩୫ ଶାବକକୁ ଜନ୍ମ ଦେଇଥିବା ଦେଖିବାକୁ ମିଳିଛି। ଗତ ମାର୍ଚ୍ଚ ମାସରେ କୁମ୍ଭୀରଟି ଅଣ୍ଡା ଦେଇଥିଲା। ଅଣ୍ଡା ଦେବାର ଏକ ମାସ ପରେ ଛୁଆ ଫୁଟିବା କଥା। ମାତ୍ର ଅତ୍ୟଧିକ ଗରମ କାରଣରୁ ଅଣ୍ଡାରୁ ଛୁଆ ଫୁଟିବା ବିଳମ୍ବ ଘଟିଥିଲା। ଏହାକୁ ନେଇ ବନ୍ୟପ୍ରାଣୀ ବିଭାଗ ବିଚଳିତ ହୋଇପଡ଼ିଥିଲା। ଗତ ୮ତାରିଖ ଜାତୀୟ ବ୍ୟାଘ୍ର ସଂରକ୍ଷଣ ଟିମ୍ ସାତକୋଶିଆ ଗଣ୍ଡ ଅଭୟାରଣ୍ୟ ପରିଦର୍ଶନ କରିଥିଲେ। ଘଡ଼ିଆଳ ପ୍ରଜନନକୁ ଦୃଷ୍ଟିରେ ରଖି କୋର ଏରିଆରେ ମାଛମରା, ଡଙ୍ଗା ଇତ୍ୟାଦି ଚଳାଚଳକୁ କଡ଼ାକଡ଼ି ବନ୍ଦ କରାଯାଇଥିଲା। ବିଳମ୍ବରେ ହେଉପଛେ ମାଈ ଘଡ଼ିଆଳ ୩୫ ଶାବକ ଜନ୍ମ ଦେବା ପରେ ସାତକୋଶିଆ ବନ୍ୟପ୍ରାଣୀ କର୍ମଚାରୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ଏନେଇ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁଶାନ୍ତ ନନ୍ଦ ତାଙ୍କ



ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଜଣାଇଛନ୍ତି। ପ୍ରକାଶ ଯେ, ସାତକୋଶିଆ ଗଣ୍ଡ ଅଭୟାରଣ୍ୟର ମହାନଦୀ ବନ୍ୟପ୍ରାଣୀ ଅନୁଗୁଳ ବନଖଣ୍ଡ ଅଧୀନରେ ଥିବା ଟିକରପଡ଼ାଠାରେ ୧୯୭୫ ମସିହାରେ ଘଡ଼ିଆଳ କୁମ୍ଭୀର ସଂରକ୍ଷଣ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟଥିଲା ମହାନଦୀରେ ଘଡ଼ିଆଳ କୁମ୍ଭୀର ବଂଶବୃଦ୍ଧି। ଏଥିପାଇଁ ଟିକରପଡ଼ାଠାରେ ଏକ କୁମ୍ଭୀର ଗବେଷଣା କେନ୍ଦ୍ର ସହିତ ସଂରକ୍ଷଣ କେନ୍ଦ୍ର ଖୋଲାଯାଇଥିଲା। ମାତ୍ର ବିଭିନ୍ନ ସମୟରେ ବାହାରୁ ଅଣ୍ଡା ଅଣାଯାଇ ପ୍ରଜନନ ପରେ ବି ସାତକୋଶିଆରେ ଘଡ଼ିଆଳ ବଂଶବୃଦ୍ଧି ନଘଟୁନଥିଲା। ୨୦୨୦ରେ ଘଡ଼ିଆଳ ବଂଶବୃଦ୍ଧିକୁ ଦୃଷ୍ଟିରେ ରଖି କୃତ୍ରିମ ପ୍ରଜନନ ପାଇଁ କେତୋଟି ମାଈ ଏବଂ ଅଣ୍ଡିରା ଘଡ଼ିଆଳ ଗଣ୍ଡରେ ଛଡ଼ାଯାଇ ସେମାନଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯାଇଥିଲା। ଶେଷରେ ୨୦୨୧ରେ ପ୍ରଥମଥର ପାଇଁ ଏକ ମାଈ ଘଡ଼ିଆଳ ସାତକୋଶିଆର ବଳଦମଡ଼ାଠାରେ ୨୮ଟି ଶାବକକୁ ଜନ୍ମ ଦେଇଥିଲା। ୨୦୨୨ ମେ'ରେ ପୁଣି ମାଈ ଘଡ଼ିଆଳ କୁମ୍ଭୀର ୩୦ଟି ଶାବକ ଜନ୍ମଦେଇଥିଲା। ଗତ ୨୦୨୩ ମେ'ରେ ଘଡ଼ିଆଳ କୁମ୍ଭୀର ୩୫ଟି ଶାବକ ଜନ୍ମ ଦେଇଥିଲା। ଲଗାତାର ଚତୁର୍ଥଥର ପାଇଁ ଗତ ୨୩ ତାରିଖରେ ଘଡ଼ିଆଳ କୁମ୍ଭୀର ୩୫ଟି ଶାବକ ଜନ୍ମ ଦେବା ସାତକୋଶିଆରେ ଏହି ପ୍ରଜାତିର କୁମ୍ଭୀର ବଂଶବୃଦ୍ଧି ଦିଗରେ ସଫଳତା ଆଡ଼କୁ ଗତି କରୁଥିବା ଜଣାପଡୁଛି।

# ଭଜନ ସମ୍ରାଟ ଭିକାରୀ ବଳଙ୍କ ୯୫ତମ ଜୟନ୍ତୀ ଉତ୍ସବ

କେନ୍ଦ୍ରାପଡ଼ା, ୨୬/୫ (ନି.ପ୍ର): ବାରୁଅସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନର ଅକ୍ଷୟ ମହାନ୍ତି କକ୍ଷରେ ଓଡିଶାର କଥିତ ଯଥା କଣ୍ଠ ଶିଳ୍ପୀ ଭଜନ ସମ୍ରାଟ ଭିକାରୀ ବଳଙ୍କ ୯୫ତମ ପୂଜ୍ୟ ଜୟନ୍ତୀ ଉତ୍ସବ ଆଜି ଅପରାହ୍ନରେ ଯଥାବିଧି ଅନୁଷ୍ଠିତ ହୋଇଯାଇଛି । ରେଡିଓ ଭାବଗ୍ରାହୀ ଓ ଭାବଗ୍ରାହୀ କଳାନିକେତନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ କଳାନିକେତନର ପ୍ରତିଷ୍ଠାତା ସମ୍ପାଦକ ତଥା ବିଶିଷ୍ଟ ସଂଗୀତଜ୍ଞ ବିମଳ ପ୍ରସାଦ ପରିଡା ଅଧକ୍ଷତା କରିବା ସହିତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ସ୍ତୁତିଚାରଣ ଛଳରେ ଭିକାରୀ ବଳଙ୍କ ଜୀବନୀ ସମ୍ପର୍କିତ ବହୁ ଅନାଲୋଚିତ ତଥ୍ୟ ଉପସ୍ଥାପନା କରିଥିଲେ । ଜନ୍ମସ୍ଥାନ ସୋବଳା ଗ୍ରାମର ଭଗବାନ ମହାପୁରୁଷ ମଠରୁ ସଙ୍ଗୀତ ଜୀବନ ଆରମ୍ଭ କରି ଭଜନ ସମ୍ରାଟ ଭାବରେ ସାରା ଓଡିଶାରେ ପ୍ରସିଦ୍ଧି ଲାଭ କରିବା ମୂଳରେ ତାଙ୍କର ନିଷ୍ଠାପର ସଙ୍ଗୀତ ସାଧନା ତାଙ୍କୁ କାଳଜୟୀ କରିପାରିଛି ବୋଲି ବକ୍ତାମାନେ କହିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସମବାୟବିତ୍ ସୁଶୀଲ କୁମାର ସାମଲ, ମୁଖ୍ୟବକ୍ତା ଭାବରେ ପଣ୍ଡିତ ପଦ୍ମନାଭ ଦାଶ, ସମ୍ମାନୀତ ଅତିଥି ଭାବରେ ବାଣୀବିନୋଦ ସାହିତ୍ୟ ସଭା ନିକେତନର ସଭାପତି ନିରଞ୍ଜନ ପରିଡା, କଣ୍ଠଶିଳ୍ପୀ ପ୍ରଫେସର ପ୍ରଶାନ୍ତ କୁମାର ସାମଲ, କଳାପିପାସୁ ଅଜୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଓଡିଆ ଭକ୍ତିସଙ୍ଗୀତ କ୍ଷେତ୍ରରେ ଭିକାରୀ ବଳଙ୍କ ବିଶେଷ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରଥମେ ଅତିଥିମାନେ କଳାନିକେତନର ପରିସରରେ ଥିବା ଭିକାରୀ ବଳ, ଅକ୍ଷୟ ମହାନ୍ତି, କବି ଭାବଗ୍ରାହୀ ପରିଡା ଏବଂ ସରୋଜିନୀ ପରିଡାଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରିବା ପରେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ପରେପରେ ଭାବଗ୍ରାହୀ କଳାନିକେତନର ଛାତ୍ରୀ ରୂପାଲି ସୁତାର, ରାଜଲକ୍ଷ୍ମୀ ପରିଡା, ଭାଗ୍ୟଲକ୍ଷ୍ମୀ ପରିଡା ଏବଂ ଅର୍ଚ୍ଚନା ପରିଡା ଶ୍ରଦ୍ଧାଞ୍ଜଳୀ ସଙ୍ଗୀତ ଗାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ହରିଶ୍ଚନ୍ଦ୍ର ଜେନା, ନୃତ୍ୟଗୁରୁ ପ୍ରକାନ୍ତ ମହାରଣା, ନାଟ୍ୟ ନିର୍ଦ୍ଦେଶକ ଭୀମସେନ ପ୍ରଧାନ, ତବଲା ବାଦକ ଅଜୟ ଜେନା, ରେଡିଓ ଭାବଗ୍ରାହୀ ଟ୍ରଷ୍ଟି ଧିରାମଣୀ ପରିଡା, କେନ୍ଦ୍ର ନିର୍ଦ୍ଦେଶକ ଇଂ. ବିଶ୍ୱଜିତ ପରିଡା, କାର୍ଯ୍ୟକ୍ରମ ନିଷ୍ପାଦିକା ସୁଶ୍ରୀ ସଙ୍ଗୀତା ଜେନା ପ୍ରମୁଖ ଉପସ୍ଥିତ ରହି ସ୍ତୁତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । କଣ୍ଠଶୀଳ୍ପୀ ମାଗୁଣି ଚରଣ ସାହୁ, ସୁରେନ୍ଦ୍ର ରାଉତ, ପ୍ରଶାନ୍ତ ସାମଲ, ଅଜୟ ମହାନ୍ତି, ବିଷ୍ଣୁଚରଣ ବାରିକ, ପ୍ରତାପ ପରିଡା ପ୍ରମୁଖ ଭିକାରୀ ବଳଙ୍କ କାଳଜୟୀ ଭଜନ ଯଥାକ୍ରମେ କୋଠ ଭୋଗଖିଆ, ହାତରେ ମୋ ମୁଠା ମୁଠା, ମନ ପାରାରେ, ଜଗା କାଳିଆରେ ଇତ୍ୟାଦୀ ଗାଇ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଉମାକାନ୍ତ ପରିଡା, ଉତ୍ତମ ସ୍ୱାଇଁ, କେଦାର ସ୍ୱାଇଁ, ମାନସ ପରିଡା, ପ୍ରଭାତ ବେହେରା, ଅନିଲ ଜେନା, ତୋଫାନ ମଳିକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପ୍ରବଚକ ବିକ୍ରମ କେଶରୀ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।


## DECLARATION ABOUT CRIMINAL CASES

(As per the Commission's directions issued in Pursuance of the Order dated 13.02.2020 of the Hon'ble Supreme Court in Contempt Petitions(C) no. 2192 of 2018 in WP (C) no. 536 of 2011.

Name of the Political Party : **INDIAN NATIONAL CONTRESS**

Name of Election : **GENERAL ASSEMBLY ELECTION 2024**

Name of State / UT : **ODISHA**

Name of Constituency : **39 - REMUNA (SC) ASSEMBLY CONSTITUENCY**

Name of candidate : **SUDARSHAN JENA**

I, **SRI SUDARSHAN JENA**, a candidate for the above mentioned election, declare for public information the following details about my criminal antecedents :

(1) **Criminal antecedents : (a) Name of the offences -** 188,427 JPC. (b) Case no. : C.T. 830 / 2009 **(c) Name of the Court** - JMFC (Rural), Balasore **(d) Whether charges have been framed or not (Yes / No) :** Yes **(e) Date of conviction, if any :** Not applicable **(f) Date of punishment undergone, if any :** Not applicable **(g) Any other information required to be given :** Not applicable

(2) **The reasons for the selection of the candidate. Selection shall be with reference to the qualifications, achievements and merit of the candidate, and not mere "winnabilit" at the.oils not more than 100 words) :** Long years in public life and public sevice. Known for his integrity and political probity

(3) **Reason as to why other individuals without criminal antecedents could not be selected as candidates (not more than 100 words) :** There was not such a candidate.

* In this case of election to Council of States or States or election to Legislative Council by MLAs, mentionthe election concerned in place of name of Constituency.

Sd/- Sudarshan Jena


# ବିପଦରେ ଭିତରକନିକାର ଲୁଣା ଜଙ୍ଗଲ

ପଟ୍ଟାମୁଣ୍ଡାଇ, ୨୬/୫ (ନି.ପ୍ର): ମହାନଦୀ, ବ୍ରାହ୍ମଣୀ, ବୈତରଣୀ ନଦୀର ତ୍ରିକୋଣଭୂମିରେ ଗଢି ଉଠିଥିବା ତଥା ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଭିତରକନିକା ଏବେ ବିପଦରେ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଗୋଟେ ପଟେ ସମୁଦ୍ର ଜଙ୍ଗଲ ମଧକୁ ମାଡ଼ି ଆସୁଛି । ଅନ୍ୟପଟେ ବ୍ରାହ୍ମଣୀ, ବୈତରଣୀ ନଦୀ ପୋତି ହୋଇ ପଠା ସୃଷ୍ଟି ହେବା ଯୋଗୁଁ ଲୁଣା ଜଙ୍ଗଲ ମଧକୁ ମଧୁର ଜଳସ୍ରୋତ ନିୟମିତ ଭାବେ ହ୍ରାସ ପାଉଛି । ଭିତରକନିକା ମଧକୁ ମଧୁର ଜଳସ୍ରୋତ କମିବା ଯୋଗୁଁ ବଗଗହନ, ମଠଆଡିଆ, ପ୍ରଭାତି ନିକଟରେ ହଜାର ହଜାର ଲୁଣା ଗଛ ମରିଯିବା ଏହାର ଉଦାହରଣ । ଅବଶ୍ୟ ବ୍ୟାପକ ବୃକ୍ଷରୋପଣ ଯୋଗୁଁ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ରିପୋର୍ଟରେ ଭିତରକନିକାରେ ଲୁଣା ଜଙ୍ଗଲ ପରିସୀମା ବୃଦ୍ଧି ପାଇଥିଲେ ମଧ ଜାତୀୟ ଉଦ୍ୟାନ ମଧକୁ ମଧୁରଜଳ ପରିମାଣ ହ୍ରାସ ପାଉଛି । ତାହା ଲୁଣା ଜଙ୍ଗଲ ଓ ଭିତରକନିକାର ଜୈବ ବିବିଧତା ପ୍ରତି ବଡ଼ ବିପଦକୁ ଡାକି ଆଣୁଛି । ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ-୨୦୨୧ ଅନୁସାରେ, ଅନ୍ୟ ରାଜ୍ୟ ତୁଳନାରେ ଓଡିଶାରେ ଗତ ୨ ବର୍ଷରେ ଲୁଣା ଜଙ୍ଗଲ ସବୁଠୁ ଅଧିକ ବୃଦ୍ଧି ପାଇଛି । ସାରା ଭାରତରେ ୧୭ ବର୍ଗ କିଲୋମିଟର ଲୁଣା ଜଙ୍ଗଲ ବୃଦ୍ଧି ପାଇଥିବା ବେଳେ ସେଥିମଧରୁ ଓଡିଶାରେ ୮-୩୪ ବର୍ଗ କିଲୋମିଟର ଓ କେବଳ ଭିତରକନିକା ଜାତୀୟ ଉଦ୍ୟାନରେ ୭.୭୬ ବର୍ଗ କିଲୋମିଟର ଲୁଣା ଜଙ୍ଗଲ ବୃଦ୍ଧି ପାଇଛି । ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆର ଏହି ରିପୋର୍ଟ ଆମକୁ ଉଲ୍ଲସିତ କରୁଛି । ମାତ୍ର ପ୍ରକୃତ ସ୍ଥିତି ଏବେ ଭିତରକନିକାକୁ ସଂକଟ ମଧକୁ ଟାଣି ଆଣିଲାଣି । ଭିତରକନିକାର ବଗଗହନ, ମଠଆଡିଆ ଓ ପ୍ରଭାତି ନିକଟରେ ବିଦଳ ହଜାର ହଜାର ଲୁଣା ଗଛ ମରିଯିବା ଖବର ଜୈବ ବିବିଧତା ପ୍ରତି ବିପଦ ସୃଷ୍ଟି କରିଛି। ଜୁଆର ପାଣି ହାର କମି କମି ପାଣି ମାଡ଼ିବା ବନ୍ଦ ହୋଇଯିବା ଯୋଗୁଁ ଗତ ୫ ବର୍ଷରେ ଏହି ୩ଟି ସ୍ଥାନରେ ଲୁଣା ଜଙ୍ଗଲର ଅପମୃତ୍ୟୁ ସାମ୍ନାକୁ ଆସିଥିଲା। ମଧୁରଜଳ ସ୍ରୋତ ଭିତରକନିକାକୁ ନିୟମିତ ଭାବେ ହ୍ରାସ ପାଇବା ମଧ ଭିତରକନିକା ପ୍ରତି ବିପଦ ସୃଷ୍ଟି କରିଛି । ହେନ୍ତାଳ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ଏକ ନିର୍ଦ୍ଦିଷ୍ଟ ପରିମାଣର ମଧୁର ଓ ଲୁଣି ଜଳ ଆବଶ୍ୟକ। ନଦୀମାନଙ୍କରେ ପ୍ରବାହିତ ମିଠା ପାଣି ଓ ସମୁଦ୍ରରୁ ପ୍ରତିଦିନ ଜୁଆରରେ ଆସୁଥିବା ଲୁଣି ପାଣିର ମିଶ୍ରଣରେ ଲୁଣା ଜଙ୍ଗଲ ବଂଚି ରହିଥାଏ। ବ୍ରାହ୍ମଣୀ ଓ ବୈତରଣୀ ନଦୀର ମଧୁର ଜଳସ୍ରୋତ ଧିରେ ଧିରେ କମିବାରେ ଲାଗିଛି । ୧୬ ଅକ୍ଟୋବର ୨୦୨୨ରେ ବନବିଭାଗ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ମଧୁରଜଳ ପରିମାଣ ହ୍ରାସ ପାଇବାରେ ଲାଗିଛି, ମରିଯାଉଛି ହଜାର ହଜାର ଲୁଣା ଗଛବୋଲି ଦର୍ଶାଇଥିଲେ। କର୍ତ୍ତୃପକ୍ଷ ଓ ଦିଲ୍ଲୀସ୍ଥିତ ଜିଇଜେଡ୍ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାରେ ଭିତରକନିକା ଜାତୀୟ ଉଦ୍ୟାନକୁ ୭୦ ପ୍ରତିଶତ ମଧୁର ଜଳ ପ୍ରବାହିତ ହେଉଥିଲା । ତାହା ଏବେ ବର୍ଷା ଦିନେ ୪୦ ପ୍ରତିଶତକୁ ଖସି ଆସିଥିବା ବେଳେ ଖରାଦିନେ ଏହା ୧୫ ପ୍ରତିଶତ ମଧ୍ୟରେ ରହୁଛି । ଗତ ୧୦ ବର୍ଷ ଭିତରେ ସାତଭାୟାରୁ ଏକକୂଳା ମଧ୍ୟରେ ପ୍ରାୟ ୧ ଲକ୍ଷରୁ ଅଧିକ ଗଛକୁ ଓପାଡି ସମୁଦ୍ର ତା'ଗର୍ଭକୁ ନେଇ ଯାଇଛି । ଏଥିସହ ହବାଳିଖଟି ନିକଟରେ ଫରେଷ୍ଟ ଗେଷ୍ଟ ହାଉସ୍ ସମୁଦ୍ର ଗର୍ଭରେ ଲୀନ ହେବା ପରେ ନୂତନ ଭାବେ ଡଲଫିନ୍ ହାଉସ ନିର୍ମାଣ ହୋଇଥିଲା । ଗତ ୩ ବର୍ଷରେ ପ୍ରାୟ ୨ଶହ ମିଟର ସମୁଦ୍ର କୂଳକୁ ସେ ସ୍ଥାନରେ ମାଡି ଆସି ନୂତନ ଡଲଫିନ୍ ହାଉସ ପ୍ରତି ବିପଦ ସୃଷ୍ଟି କରିଛି । ଭିତରକନିକା ପ୍ରତି ବିପଦ ସେତିକିରେ ସରିନି। ଜଳବାୟୁ ପରିବର୍ତ୍ତନ ଓ ଲୁଣା ଜଙ୍ଗଲ ମଧକୁ ମଧୁର ଜଳ ହ୍ରାସ ଓ ଖାଦ୍ୟାଭାବ କାରଣରୁ ବଗଗହନକୁ ଦେଶୀୟ ପକ୍ଷୀ ମୁହଁ ମୋଡି ଦେଇଥିବା ବେଳେ ମଠଆଡିଆକୁ କେବଳ ଗେଣ୍ଡାଳିଆ ଆସୁଛନ୍ତି। ଅତିଥି ଅଲିଭରିଡଲେ କଇଁଛଙ୍କ ଗଣ ଅଣ୍ଡାଦାନସ୍ଥଳ ନାସୀ-୨ ସଙ୍କୁଚିତ ହୋଇଯିବା ଯୋଗୁଁ ଅଲିଭ୍ ରିଡଲେଙ୍କ ଗଣ ଅଣ୍ଡାଦାନ ସଂଖ୍ୟା ଗତ କିଛି ବର୍ଷ ହେଲା ଋଷିକୂଲ୍ୟାଠାରୁ କମିବାରେ ଲାଗିଛି।

# ସ୍ତନ୍ୟଦାତ୍ରୀଙ୍କ ଲାଗି ଖାଦ୍ୟ...

**ସ୍ତନ୍ୟଦାତ୍ରୀ ପୂର୍ବରୁ ଖାଉଥିବା ଖାଦ୍ୟଠାରୁ ଦୈନିକ ଭାତ ୬୦ ଗ୍ରାମ, ଡାଲି ୩୦ଗ୍ରାମ, କ୍ଷୀର ୧୦୦ ଗ୍ରାମ୍, ତେଲ, ଘିଅ ୧୦ ଗ୍ରାମ ଏବଂ ଚିନି, ଗୁଡ଼ ୧୦ଗ୍ରାମ୍ ଅଧିକ ଖାଇବା ଆବଶ୍ୟକ।**



ଶିଶୁ ପାଇଁ ମା’ କ୍ଷୀର ଅମୃତ। ତେଣୁ ଶିଶୁ ଜନ୍ମ ପୂର୍ବରୁ ହିଁ ପ୍ରକୃତି ମା’ ସ୍ତନରେ ତା’ର ସନ୍ତାନ ପାଇଁ ଖାଦ୍ୟ ଭରି ଦେଇଥାଏ। ଯେଉଁଥିରେ କି ଶିଶୁର ଅଭିବୃଦ୍ଧି ନିମନ୍ତେ ଭରି ରହିଥାଏ ସମସ୍ତ ପୋଷକ ତତ୍ତ୍ୱ ସାଙ୍ଗକୁ ରୋଗ ପ୍ରତିରୋଧକ ଶକ୍ତି। ତେଣୁ ଜନ୍ମର ଅତି କମରେ ୬ ମାସ ପର୍ଯ୍ୟନ୍ତ ଶିଶୁକୁ କେବଳ ସ୍ତନ୍ୟପାନ କରାଇବା ଲାଗି ପରାମର୍ଶ ଦିଆଯାଉଛି। ଯଦି ଶିଶୁଟି କେବଳ ମା’ କ୍ଷୀର ଖାଇବା ଦ୍ୱାରା ତା ଶରୀରରେ ବୃଦ୍ଧି ଘଟୁଛି ଏବଂ ଓଜନ ମଧ୍ୟ ବୃଦ୍ଧି ପାଉଛି, ଏହାର ଅର୍ଥ ଶିଶୁ କାର୍ବୋହାଇଡ୍ରେଟ୍ କ୍ୟାଲସିୟମ ପ୍ରୋଟିନ, ମିନେରାଲ୍ସ, ଭିଟାମିନ୍ସ ଭଳି ଆବଶ୍ୟକ ପୋଷକତତ୍ତ୍ୱ ୀର ଆକାରରେ ମା’ ଶରୀରରୁ ଗ୍ରହଣ କରି ବଢୁଛି। ତେବେ ପିଲା କ୍ଷୀର ଖାଇବା ଦ୍ୱାରା ଏସବୁ ମା’ ଶରୀରରୁ ହ୍ରାସ ପାଉଛି। ଯାହାକୁ ଭରଣା କରିବା ଆବଶ୍ୟକ। କାରଣ ଯଦି ସ୍ତନ୍ୟପାନଦ୍ୱାରା ମା’ ଶରୀରରୁ କ୍ୟାଲସିଅମ କମୁଛି ତେବେ ମା’ର ହାଡ଼ ଦୁର୍ବଳ ହେବ, ଆଇରନ କମିଗଲେ ରକ୍ତହୀନତା ଦେଖାଦେବ, ପ୍ରୋଟିନ କମିଗଲେ ପ୍ରୋଟିନ ଅଭାବଜନିତ ରୋଗ ହେବ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ, ଯାହାକି ଉଭୟ ମା’ ଏବଂ ଶିଶୁଙ୍କ ଲାଗି କ୍ଷତିକାରକ। ତେଣୁ ଉଭୟେ ସୁସ୍ଥ ରହିବା ଲାଗି ମା’କୁ ଦୈନିକ ଆକାରରେ ଶିଶୁ ଶରୀରକୁ ଯାଉଥିବା ଉପାଦାନଗୁଡ଼ିକ ଯେପରି ମା’ ଶରୀରରୁ ହ୍ରାସ ନପାଏ ତାହାକୁ ଭରଣା କରିବା ଲାଗି ତା’ଙ ଦୈନନ୍ଦିନ ଖାଦ୍ୟର ପରିମାଣ ବୃଦ୍ଧି କରାଇବା ଦରକାର। ଯେଉଁଥିଲାଗି ସେ ପୂର୍ବରୁ ଖାଉଥିବା ଖାଦ୍ୟଠାରୁ ଦୈନିକ ଭାତ ୬୦ଗ୍ରାମ, ଡାଲି ୩୦ଗ୍ରାମ, କ୍ଷୀର ୧୦୦ଗ୍ରାମ, ତେଲ, ଘିଅ୧୦ଗ୍ରାମ ଏବଂ ଚିନି, ଗୁଡ଼ ୧୦ଗ୍ରାମ ଅଧିକ ଖାଇବା ଆବଶ୍ୟକ।

ସାଧାରଣତଃ ଅନେକଙ୍କ ମନରେ ଧାରଣା ଥାଏ ଯେ, ପ୍ରତିଦିନ ଗୋଟିଏ ଫଳ କିମ୍ବା ଅନ୍ୟ କେତେକ ଖାଦ୍ୟ ଖାଇବା ଦରକାର। ଅନ୍ୟ କେତେକ ମଧ୍ୟ ଏହି ଖାଦ୍ୟ ଖାଇବା ଠିକ୍ ନୁହେଁ, ଏହାକୁ ଖାଇଲେ ଶିଶୁର ଝାଡ଼ା ହେବ, ଦେହ ଖରାପ ହେବ ଇତ୍ୟାଦି କହିଥାନ୍ତି।ହେଲେ ବାସ୍ତବରେ ଏସବୁ ଏକ ଭ୍ରାନ୍ତ ଧାରଣା ଯାହାକୁ ଆମେ ସୋସିଓ କଲ୍ଚରାଲ ଆସ୍ପେକ୍ଟସ ଅଫ ଫୁଡ଼ ବା ଆମ ଖାଦ୍ୟ ଅଭ୍ୟାସରେ ସାମାଜିକ ଓ ସାଂସ୍କୃତିକ କାଚଗୁଡ଼ିକର ପ୍ରଭାବ ବୋଲି କହିପାରିବା। କାରଣ ପ୍ରକୃତି ମା’ କ୍ଷୀରକୁ ଏଭଳି ଭାବେ ପ୍ରସ୍ତୁତ କରିଛି ଯାହାକୁ ବୈଜ୍ଞାନିକମାନେ ଏତେ ଚେଷ୍ଟା କଲା ପରେ ବି ପ୍ରସ୍ତୁତ କରିବାରେ ଅସଫଳ ହୋଇଛନ୍ତି । ତେଣୁ ମା’ ଖାଉଥିବା ଖାଦ୍ୟ କ୍ଷୀର ଆକାରରେ ଶିଶୁ ଦେହକୁ ଯାଇ ତା’ର କୌଣସି ଅସୁବିଧା କରାଇ ନଥାଏ। କେବଳ କୋଟୋଟି ଔଷଧ ଏ ସମୟରେ ଖାଇବା ଶିଶୁ ପାଁ ଠିକ ନୁହେଁ। ଏହା ବ୍ୟତୀତ ସ୍ତନ୍ୟଦାତ୍ରୀ ଭାତ, ଡାଲି, ଟି, ଦୁଧ, ଛେନା, ଫଳ, ଶାଗୁ, ଲାଉ, ସନ୍ତୁଳା ଓ ତଟକା ପନିପରିବାର ପ୍ରସ୍ତୁତ ଖାଦ୍ୟ, ଫଳରସ, ତେଲ, ଘିଅଠାରୁ ଆରମ୍ଭ କରି ଅନ୍ୟ ସବୁ ପ୍ରକାର ଖାଦ୍ୟ ଖାଇପାରିବେ। ହେଲେ ଖାଦ୍ୟ ସୁଷମ ସୁସ୍ୱାଦୁ ଏବଂ ସୁପ୍ରାଚ୍ୟ ବୋ ଜରୁରୀ। ଏ ସମୟରେ ପ୍ରଚୁର ପାଣି ପିଇବା ଦରକାର। ତେବେ ସାଧାରଣତଃ ସ୍ୱାସ୍ଥ୍ୟ ପ୍ରତି ନକାରାତ୍ମକ ପ୍ରଭାବ ପକପାଉଥିବା ଅଧକ ଥଣ୍ଡା, ତେଲ ମସଲା ଖାଦ୍ୟ, ଫାଷ୍ଟଫୁଡ଼ ଜାତ୍ୟ ଖାଦ୍ୟ ନଖାଇବା ଭଲ।



ପୂର୍ବାପେକ୍ଷା ୫୦୦ କ୍ୟାଲୋରି ଅଧିକ ଆବଶ୍ୟକ। ତେବେ ପ୍ରଶ୍ନ ଆସୁଛି ଏହାକୁ ଭରଣା କରାଯିବ କିପରି ? ଏହାର ଏକମାତ୍ର ଉପାୟ ;ହେଉଛି ମା’ର ଖାଦ୍ୟବୃଦ୍ଧି। ଅନେକେ ଏଥିପାଇଁ ବିଭିନ୍ନ ଭିଟାମକିନ ଔଷଧ, ପ୍ରୋଟିନ ପାଉଡ଼ର, ଆଡ଼ିଶନାଲ, ଫଡ୍ ସପ୍ଲିମେଣ୍ଟ ଗ୍ରହଣ କରିଥାନ୍ତି। ହେଲେ ଏସବୁ ଖାଦ୍ୟରେ ବିକଳ୍ପ ନୁହେଁ। କାରଣ ଜଣେ ଅସୁସ୍ଥ ବ୍ୟକ୍ତିକୁ ସୁସ୍ଥ ହେବା ଲାଗି ଔଷଧ ଖାଇବାକୁ ଦିଆଯାଇଥାଏ। କିନ୍ତୁ ଜଣେ ସୁସ୍ଥ ବ୍ୟକ୍ତି ଲାଗି ଖାଦ୍ୟ ହିଁ ଯଥେଷ୍ଟ। ତେଣୁ ସ୍ତନ୍ୟଦାତ୍ରୀ ମା’କୁ ଅଧିକ ଖାଦ୍ୟ ଯୋଗାଇଦେବାର ଅର୍ଥ ନୁହେଁ ଯେ, କୌଣସି ଆଡିଶନାଲ ଫୁଡ୍ ସପ୍ଲିମେଣ୍ଟ କିମ୍ବା ଔଷଧ ଦେବା। ତେଣୁ କ୍ଷୀର

# ପେଟବ୍ୟଥା ଦୂରକରେ ମର୍କଟାସନ





ପ୍ରଥମେ ସିଧା ହୋଇ ଶୋଇ ଦୁଇ ହାତକୁ କାନ୍ଧ ସମାନ୍ତର ଭାବେ ଲମ୍ବାଇ ଦିଅନ୍ତୁ। ଯେପରି ପାପୁଲି ଉପର ପଟକୁ ଖୋଲାଯିବ। ତାପରେ ଦୁଇ ଗୋଡ଼କୁ ଆଣ୍ଠୁ ପାଖରୁ ମୋଡ଼ି ପେଟ ପାଖରେ ରଖନ୍ତୁ। ତା’ପରେ ଦୁଇ ଆଣ୍ଠୁ କୁଡାହାଣ ଆଡ଼କୁ ଢଳାଇଛ ବାମ ଆଣ୍ଠୁ କୁ ଡାହାଣ ଆଡ଼କୁ ଢଳାଇ ବାମ ଆଣ୍ଠୁକୁ ଭୂମିସହ ଲଗାଇ ଦିଅନ୍ତୁ।ବାମ ଆଣ୍ଠୁ ଡାହାଣ ଆଣ୍ଠୁ ଉପରେ ରହିବ ତଥା ଡାହାଣ ପାଦର ଗୋଇଠି ଉପରେ ବାମ ପାଦର ଗୋଇଠି ରହିବ। ବେକକୁ ବାମ ପଟକୁ ଘୁରାଇ ରଖନ୍ତୁ। ଏହିଭଳି ବାମ ପାର୍ଶ୍ୱରେ ମଧ୍ୟ ଏହି ଆସନ କରି ପାରିବେ। ଏହି ଆସନ କରିବା ଫଳରେ ଅଂଟାବ୍ୟଥା,ସର୍ବାଇକେଲ, ସୋଣ୍ଡୋଲାଇଟିସ, ସ୍ଲିପଡୋସ୍କ ଏବଂ ସାଇଟିକାରୁ ବିଶେଷ ଉପକାର ମିଳିଥାଏ। ଅଣ୍ଟାବ୍ୟତା, ପେଟବ୍ୟଥା ଓ କୋଷ୍ଠ କାଠିନ୍ୟ ଦୂର ହୁଏ।

# ପ୍ରତିଦିନ ଫଳ ଖାଇଲେ ଡିମେନସିଆ ଆଶଙ୍କା କମେ



ବୟସ୍କ ଲୋକମାନେ ପ୍ରତିଦିନ କମଳା, ଅଙ୍ଗୁର ପରି ଖଟାଫଳ ଖାଇଲେ ସେମାନଙ୍କ ମଧ୍ୟରେ ଡିମେନସିଆ ଦେଖାଦେବାର ଆଶଙ୍କା ୨୩ ପ୍ରତିଶତ ହ୍ରାସ ପାଇଥାଏ। ଜାପାନର ତୋହୁକୁ ବିଶ୍ୱବିଦ୍ୟାଳୟରେ ଗବେଷକମାନେ ଜାଣିବାକୁ ପାଇଛନ୍ତି ଯେ, କମଳା, ଲେମ୍ବୁ, ଅଙ୍ଗୁର ପରି ଯେକୌଣସି ଖଟାଫଳ ପ୍ରତିଦିନ ଖାଇଲେ ଏହା ମସ୍ତିଷ୍କରେ ଆରୋଗ୍ୟ ହୋଇ ପାରୁ ନଥିବା କେତେକ ସ୍ଥିତିରୁ ମଧ୍ୟ ରକ୍ଷା କରିଥାଏ। କାରଣ ଖଟାଫଳରେ ଥିବା ସାଇଟ୍ରିକ ଏସିଡ଼ରେ ନୋବିଲେଟିନ ନାମକ ରସାୟନ ସ୍ମୃତିଶକ୍ତି ହ୍ରାସ କରିବା ପ୍ରକ୍ରିୟାକୁ ଧିମା କରିଥାଏ। ଏହାକୁ ପଶୁମାନଙ୍କ ଉପରେ ପରୀକ୍ଷଣ କରି ଗବେଷକ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ୧୩୦୦୦ ବୃଦ୍ଧଙ୍କ ଉପରେ ବି ପରୀକ୍ଷଣ କରାଯାଇଛି।

# ନିମ୍ନ ରକ୍ତ ଶର୍କରା ସମସ୍ୟା କମାଇବ ଗ୍ଲୁକୋଜ୍ ବଟିକା

ମଧୁମେହ ପୀଡ଼ିତ ବ୍ୟକ୍ତି ଯେତେବେଳେ ରକ୍ତ ଶର୍କରା ହ୍ରାସ ସମ୍ପର୍କିତ ବିପଦପୂର୍ଣ୍ଣ ସମସ୍ୟା ସାମ୍ନା, କରନ୍ତି, ଏହି ସମୟରେ ଶର୍କରାଯୁକ୍ତ ଖାଦ୍ୟ ବା ପାନୀୟ ଅପେକ୍ଷା ଗ୍ଲୁକୋଜ୍ ବଟିକା ଭଲ ବିକଳ୍ପ ହୋଇପାରେ। ଏକ ଅଧ୍ୟୟନରେ ଏହି ପ୍ରସ୍ତାବ ଦେଇଛି। ଠିକ୍ ସମୟରେ ନଖାଇଲେ, ସାଧାରଣ ଦିନ ଅପେକ୍ଷା କଠିନ ବ୍ୟାୟାମ, ମାତ୍ରାଧିକ ଇନସୁଲିନ ବା ମଧୁମେହ ସମ୍ପର୍କିତ ଅନ୍ୟ ଔଷଧ ସେବନ ଦ୍ୱାରା ମଧୁମେହ ପୀଡ଼ିତଙ୍କ ଠାରେ ରକ୍ତ ଶର୍କରା ହ୍ରାସ ଦେଖାଯାଇପାରେ। ଶରୀରର ରକ୍ତ ଶର୍କରା ହ୍ରାସ ପାଇଲେ ବ୍ୟକ୍ତି କ୍ଲାନ୍ତ ଅନୁଭବ କରେ, ଚିନ୍ତାରେ ରହେ, ହୃତ୍‌ସ୍ପନ୍ଦନ ବଢ଼ିଯାଏ, ଝାଳ ବାହାରିବା ଓ ମାନସିକ ଦ୍ୱନ୍ଦ୍ୱ ଭଳି ସମସ୍ୟା ଦେଖାଯାଏ। ଠିକ୍ ସମୟରେ ଚିକିତ୍ସା କରାନଗଲେ କୋମାକୁ ମଧ୍ୟ ଚାଲିଯିବାର ଆଶଙ୍କା ଥାଏ। ନୂଆ ଅଧ୍ୟୟନ ନିମନ୍ତେ ମେଡ଼ିକାଲ ଲିଟରେଚରରୁ ଗବେଷକମାନେ ତଥ୍ୟ ନେଇଥିଲେ, ଯାହା ଖାଦ୍ୟ ଶର୍କରାର ପ୍ରଭାବ ଓ ନିମ୍ନ ରକ୍ତ ଶର୍କରା ଲକ୍ଷଣରୁ ରକ୍ଷା




କରିଥିଲା। ଏଥିପାଇଁ ତିନିଟି ଭିନ୍ନ ଭିନ୍ନ ପରୀକ୍ଷା କରାଯାଇଥିଲା। ଏମର୍ଜେନ୍ସି ମେଡ଼ିକାଲ ଜର୍ଣ୍ଣାଲରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଅଧ୍ୟୟନରେ ବୟସ୍କ ଓ ପିଲାମାନେ ଟାଇପ-୧ କିମ୍ବା ଟାଇପ-୨ ମଧୁମେହରେ ପୀଡ଼ିତ ଥିଲେ। ୫୧୫ଜଣଙ୍କୁ ଶର୍କରା ଯୁକ୍ତ ଖାଦ୍ୟ ଦ୍ୱାରା ଚିକିତ୍ସା କରାଗଲା ଏବଂ ୨୩୨ଜଣଙ୍କୁ ଗ୍ଲୁକୋଜ ବଟିକା ଦିଆଗଲା। ୪ଟି ଅଧ୍ୟୟନରେ ଚକୋଲେଟ, କମଳାଜୁସ, ଜେଲି ବିନ୍ସ, କ୍ଷୀର, ଗ୍ଲୁକୋଜ ଜେଲ ଆଦି ବିଭିନ୍ନ ପ୍ରକାର ଶର୍କରାଯୁକ୍ତ ଖାଦ୍ୟ ବ୍ୟବହାର କରାଯାଇଥିଲା। ତେବେ ରକ୍ତ ଶର୍କରା ସ୍ତର ବଢ଼ାଇବାରେ ଗ୍ଲୁକୋଜ୍ ବଟିକା ପ୍ରଭାବଶାଳୀ ଜଣାପଡ଼ିଲା। ସମସ୍ତ ୪ଟି ଅଧ୍ୟୟନକୁ ମିଶାଇବା ପରେ ଜଣାପଡ଼ିଲା, ଗ୍ଲୁକୋଜ ବଟିକା ବ୍ୟବହାର କରିଥିବା ବ୍ୟକ୍ତି ଶୀଘ୍ର ସୁସ୍ଥ ଅନୁଭବ କରିଥିଲେ। ଅପରପକ୍ଷେ ଶର୍କରାଜାତୀୟ ଖାଦ୍ୟ ଗ୍ରହଣ କରିଥିବା ବ୍ୟକ୍ତି ୧୫ ମିନିଟ ମଧ୍ୟରେ ୧୧ପ୍ରତିଶତ କମ୍ ସୁସ୍ଥ ଅନୁଭବ କରିଥିଲେ।



ଏହି କିଛିବର୍ଷ ହେବ ଲୋକମାନଙ୍କ ଠାରେ ପରଫ୍ୟୁମ ଓ ଡିଓ ଅତ୍ୟାଧିକ ପରିମାଣରେ ବ୍ୟବହାର ହେଉଥିବାର ଦେଖିବାକୁ ମିଳିଛି। ଏବେ ଟେଲିଭିଜନ ଠାରୁ ଆରମ୍ଭ କରି ପ୍ରାୟ ସମସ୍ତ ବିଜ୍ଞାପନରେଏହି ଡିଓଡାଣ୍ଟକୁ ବେଶ ଭଲଭାବରେ ପ୍ରମୋସନ କରାଯାଉଛି। ବଜାରରେ ଏହି ଡିଓଡ୍ରାଣ୍ଟର ଚାହିଦା ଅଧିକ ରହିଥିବାରୁ ଭିନ୍ନ ଭିନ୍ନ କମ୍ପାନୀ ଏବେ ଏହାର ଉତ୍ପାଦନ ଏବଂ ସପ୍ଲାଏ ବଢ଼ାଇଦେଇଛନ୍ତି। ସପ୍ଲାଏ ବଢ଼ିବା ସାଙ୍ଗକୁଏହାକୁ ରେଟମଧ୍ୟ ବଜାରରେ ବଢ଼ିବାକୁ ଲାଗିଛି। କସମେଟିକ ଇନଗ୍ରୀଡିଏଣ୍ଟ୍ସ ରିଭ୍ୟୁରୁ ପ୍ରମାଣିତ ହୋଇଛି ଯେ ଏହି ଡିଓଡ୍ରାଂଟଣ୍ଟମାନଙ୍କରେ ଏଣ୍ଡୋକ୍ରିନ ଡିସରୁପଟଭ କେମିକାଲ ଓ ସିନଥେଟିକ କେମିକାଲ ଭଳି ଆଉକେତେକ କ୍ଷତିକାରକ ରାସାୟନିକ ପଦାର୍ଥ ମିଶି ରହିଥାଏ ଏବଂ ଏହା ହିଁ କର୍କଟ ଓ ଚର୍ମରୋଗ ଆଦିର କାରଣ ହୋଇଥାଏ। ଜେଁମାନେ ନିୟମିତ ଭାବେ ପରଫ୍ୟୁମ ବା ଡିଓ ବ୍ୟବହାର କରୁଛନ୍ତି ଏଥିପ୍ରତି ଧ୍ୟାନଦେବା ଆବଶ୍ୟକ।

# କର୍ମର ନିୟମ

କର୍ମ କରିବା ପାଇଁ ନିର୍ଦ୍ଦିଷ୍ଟ ନିୟମ କିମ୍ବା ବିଧି ନାହିଁ। ମାଧ୍ୟକର୍ଷଣ ଶକ୍ତି ଭଳି, କର୍ମ କରିବାର କୌଣସି ବିଜ୍ଞାନସମ୍ମତ କାରଣ କିମ୍ବା ଫଳ ମଧ୍ୟ ନାହିଁ। କେବଳ ବିଶ୍ୱାସ କରାଯାଏ, ଭଲ କାମ କଲେ ଭଲ ଫଳ ମିଳେ, ଆଉ ମନ୍ଦ କର୍ମର ଫଳ ମନ୍ଦ ହୁଏ। ଏଇ ବିଶ୍ୱାସ ହିଁ କର୍ମର ନିୟମ। ଅନ୍ଧାରରେ ଆଲୁଅ ଖୋଜୁଥିବା ମଣିଷ ଭିତରେ ଆଶା ଥାଏ, ସେ ନିଶ୍ଚୟ ଆଲୁଅ ଦେଖିବା ଆଶା ଦୃଢ଼ ହେଲେ ବିଶ୍ୱାସ ବଢ଼େ। ଶେଷରେ ସେ ଯାହା ପାଏ। ଏଣୁ, କର୍ମ ପାଇଁ ବିଶ୍ୱାସ ଠାରୁ ବଡ଼ ନିୟମ ଆଉ କିଛି ନାହିଁ। ବିଶ୍ୱାସ ରୂପକ ନିୟମ ପାଳନ କରି ଜଣେ ପାପୀ କିମ୍ବା ଅପରାଧୀ କୌଣସି ଉଚ୍ଚ ଆସନରେ ଅଧିଷ୍ଠିତ ହୋଇପାରେ। ଜଣେ ଉଚ୍ଚ ପଦରୁ ଖସି ଅପରାଧୀ ବି ପାଲଟିଯାଇପାରେ। ଦୁଃଖଜୀବନ ବିତାଉଥିବା ଦରିଦ୍ରକୁ କୁ-କର୍ମର ଫଳ କିମ୍ବା ସୁଖରେ ରହୁଥିବା ବ୍ୟକ୍ତି ନିଜ ସୁକର୍ମର ଫଳ ଭୋଗୁଥିବା କହିପାରନ୍ତି। କିନ୍ତୁ ବିଶ୍ୱାସ ହିଁ ଏହାର ମୂଳ। ଏହି ବିଶ୍ୱାସକୁ କର୍ମ ଭଲପାଏ କିମ୍ବା ମନ୍ଦହୁଏ। ସେହି ଅନୁସାରେ ଜଣେ ଫଳପାଏ।

# ବାସନମଜା ସ୍ପଞ୍ଜ୍‌ରେ ଭରିରହିଛି ବ୍ୟାକ୍ଟେରିଆ

ଅଇଁଠାବାସନ ସଫା କରିବା ପାଇଁ ବ୍ୟବହାର ହେଉଥିବା ବାସନ ମଜା ସ୍ପଞ୍ଜଗୁଡ଼ିକ ବ୍ୟାକ୍ଟେରିଆରେ ପରିପୂର୍ଣ୍ଣ। ଜର୍ମାନୀର ବୈଜ୍ଞାନିକମାନେ ରୋଷେଇ ଘରେ ବ୍ୟବହାର ହେଉଥିବା ଏହି ବାସନମଜା ସ୍ପଞ୍ଜରୁ ମିଳୁଥିବା ସୂକ୍ଷ୍ମଜୀବଙ୍କ ଡିଏନଏର ଅଧ୍ୟୟନ କରି ଜାଣିବାକୁ ପାଇଛନ୍ତି, ଏଥିରେ ମୋରାକ୍ସେଲା ଅସ୍ଲୋଏନ୍ସିସ ଭଳି ବ୍ୟାକ୍ଟେରିଆ ଭର୍ତ୍ତି ହୋଇ ରହିଥାନ୍ତି, ଯାହା ରୋଗ ପ୍ରତିରୋଧକ କ୍ଷମତା କମ୍ ଥିବା ଲୋକଙ୍କ ଠାରେ ସହଜରେ ସଂକ୍ରମଣ କରାଇଥାଏ। ଅପରିଷ୍କାର କପଡ଼ାରୁ ଆସୁଥିବା ଦୁର୍ଗନ୍ଧ ପଛରେ ମଧ୍ୟ ଏହି ଜୀବାଣୁ ରହିଥିବା ଜାଣିବାକୁ ପାଇଛନ୍ତି ବୈଜ୍ଞାନିକ। ମାଇକ୍ରୋବାୟୋଲୋଜି ପ୍ରଫେସର ମାସିମିଲାନୋ କାର୍ଡ଼ିନାଲ କହିଛନ୍ତି ରୋଷେଇ ଘରେ ବ୍ୟବହାର ହେଉଥିବା ସ୍ପଞ୍ଜ୍‌ରେ ଅନେକ ପ୍ରକାରର ବ୍ୟାକ୍ଟେରିଆ ରହିଥାନ୍ତି। ବାରମ୍ବାର ବ୍ୟବହାର ହେଉଥିବା ଏହି ସ୍ପଞ୍ଜ୍‌ର ବ୍ୟାକ୍ଟେରିଆ ସହଜରେ ବୃଦ୍ଧି ପାଆନ୍ତି। ସ୍ପଞ୍ଜକୁ ବାରମ୍ବାର ସାବୁନରେ ସଫା କଲେ ମଧ୍ୟ ସେଥିର ଜୀବାଣୁ ମରିନଥାନ୍ତି। ବରଂ ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି ସ୍ପଞ୍ଜ୍‌କୁ ସାବୁନରେ ସଫା କଲେବରଂ ଏକ ସ୍ୱତନ୍ତ୍ର ଧରଣର ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାନ୍ତି। ଗବେଷକମାନେ ମାଇକ୍ରୋସ୍କୋପ ତଳେ ସ୍ପଞ୍ଜ୍‌କୁ ଦେଖି ଜାଣିବାକୁ ପାଇଥିଲେ ଏକ କ୍ୟୁବିକ ସେଣ୍ଟିମିଟର ସ୍ପଞ୍ଜରେ ସେତିକି ବ୍ୟାକ୍ଟେରିଆ ଥାନ୍ତି, ଯେତିକି ମଳରେ ରହିଥାଏ। କିନ୍ତୁ ବିପଦଜନକ କଥା ହେଉଛି ଏହି ସ୍ପଞ୍ଜ୍‌କୁ ମାଇକ୍ରୋୱେଭରେ ରଖନ୍ତୁ ବା ଗରମ ପାଣିରେ ଫୁଟାନ୍ତୁ ଏଥିରୁ ଜୀବାଣୁ ମରନ୍ତି ନାହିଁ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୭ ମଇ ୨୦୨୪, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଏକ ଦୁର୍ଘଟଣା ଓ ଆଇନ...

ଚଳିତ ସପ୍ତାହରେ ପୁନେରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ଦୁଇ ଜଣ ଯୁବ ସଫ୍ଟୱେର ଇଞ୍ଜିନିୟରଙ୍କର ପ୍ରାଣହାନି ଘଟିଛି । ଏହାର କାରଣ ଜଣେ ନାବାଳକର ମଦ୍ୟପାନ ପ୍ରଭାବରେ ବେପରୁଆ ଗାଡ଼ି ଚାଳନା । ସମ୍ବାଦ ମୁତାବକ, ପିଲାଟି ତା'ର ଅନ୍ୟ ସାଙ୍ଗମାନଙ୍କ ସହିତ ତା' ବାପାଙ୍କ ପୋର୍ସି ଗାଡ଼ି ଚଳାଇ ବିଳମ୍ବିତ ରାତିରେ ଫେରୁଥିବା ବେଳେ ମୋଟର ସାଇକେଲରେ ଯାଉଥିବା ଉପରୋକ୍ତ ଦୁଇ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା, ଯାହାର ପରିଣତିରେ ସେମାନେ ପ୍ରାଣ ହରାଇଛନ୍ତି। ଆଉ ଏଇ ଘଟଣା ସମ୍ପ୍ରତି ଭାରତୀୟମାନଙ୍କ ଦୃଷ୍ଟି ଆକର୍ଷଣ କରିଛି, ମୁଖ୍ୟତଃ ସେହି ପିଲାଟିକୁ ସଡ଼କ ସୁରକ୍ଷା ଉପରେ ୩୦୦ ଶବ୍ଦରେ ଏକ ପ୍ରବନ୍ଧ ଲେଖିବାକୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ବା ବାଳ ଅପରାଧ ନ୍ୟାୟିକ ବୋର୍ଡ କହିବା ପରେ ଖଲାସ କରି ଦେଇଥିବା ଯୋଗୁଁ । ତେବେ ଘଟଣାର ଏତିକିରେ ପରିସମାପ୍ତି ଘଟିନାହିଁ । ସାଧାରଣ ଜନତାଙ୍କ ପକ୍ଷରୁ ଏହା ବିରୁଦ୍ଧରେ ପ୍ରବଳ ପ୍ରତିବାଦ ହେବା ପରେ ପରବର୍ତ୍ତୀ ସମୟରେ ପୁଲିସ ବୋର୍ଡଙ୍କୁ ତାଙ୍କ ଆଦେଶର ପୁଣିଥରେ ସମୀକ୍ଷା କରିବାକୁ ଅନୁରୋଧ କରିଥିଲା, ଯାହା ବୋର୍ଡ କରିଥିଲେ ଏବଂ ସେହି ପିଲାର ଜାମିନ ଖାରଜ କରି ତାକୁ ସୁଧାର ଗୃହକୁ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ପଠାଇ ଦେଇଛନ୍ତି । ତେବେ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାମାନେ ଏହି ମାମଲାର ତଦନ୍ତ ଏବଂ ଦଣ୍ଡ ବିଧାନ କରିବା ବେଳେ କଠୋର ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ରିପୋର୍ଟ ଅନୁସାରେ, ଦୁର୍ଘଟଣା ଘଟାଇ ଥିବା ନାବାଳକ ଜଣକ ପ୍ରତି ଜୀବନର ନିରାପତ୍ତାକୁ ବିପଦଗ୍ରସ୍ତ କରିଥିବା ତଥା ମୋଟର ଯାନ ଆଇନର ବ୍ୟବସ୍ଥାଗୁଡ଼ିକୁ ମାନିବାରେ ଅବହେଳା କରି ମୃତ୍ୟୁର କାରଣ ପାଲଟି ଥିବାରୁ ଭାରତୀୟ ଦଣ୍ଡବିଧି ସଂହିତା (ଆଇପିସି)ର ଧାରାଗୁଡ଼ିକ ଲାଗୁ କରାଯାଇଛି । ଅନ୍ୟ ପକ୍ଷରେ, ଏହି ପିଲାଟିର ବାପାଙ୍କୁ ଜୁଭେନାଇଲ ଜଷ୍ଟିସ୍ ଆକ୍ଟର ପ୍ରଯୁଜ୍ୟ ଆଇନଗୁଡ଼ିକ ବଳରେ ଗିରଫ କରାଯାଇଛି । ପୁଲିସ ନାବାଳକଟିକୁ ପ୍ରାପ୍ତବୟସ୍କଙ୍କ ପ୍ରତି ଲାଗୁ କରାଯାଉଥିବା ଦଣ୍ଡ ଦେବାକୁ ଅନୁରୋଧ କରିଛି, କିନ୍ତୁ କ୍ୱଚିତ୍ ଏପରି ହେବାର ସମ୍ଭାବନା ରହିଛି। ଗୋଟିଏ ପକ୍ଷରେ ନାବାଳକ ପ୍ରତି ବାଳ ଅପରାଧ ଆଇନ ଲାଗୁ କରାଯିବା ଯଥାର୍ଥ ହୋଇଥିବା ବେଳେ ତା'ର ବାପାଙ୍କୁ ସେହି ଆଇନ ଅନୁସାରେ ଗିରଫ କରାଯିବା– ଯିଏକି ଜଣେ ଅଭିଭାବକ ଓ ନାଗରିକ ଭାବରେ ତାଙ୍କର କର୍ତ୍ତବ୍ୟ ନିର୍ବାହ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି- ଆଇନକୁ ପରିହାସ କରିବା ଭଳି ହେବ । ତାଙ୍କ ବିରୋଧରେ ବାଳ ଅପରାଧ ଆଇନର ଯେଉଁସବୁ ଦଫା ଲଗା ଯାଇଛି, ସେସବୁ ଦଫା ଅନୁସାରେ ଆଇନ ତାଙ୍କ ଉପରେ କିଛି ଜୋରିମାନା ଧାର୍ଯ୍ୟ କରିବାର ସମ୍ଭାବନା ରହିଛି, ଯାହାକୁ ପୈଠ କରିବା ପରେ ସେ ଖଲାସ ହୋଇଯିବେ । ବାଳ ଅପରାଧୀଙ୍କ ଭଳି ଅସୁରକ୍ଷିତ ଲୋକମାନଙ୍କ ନିମନ୍ତେ ପ୍ରଣୟନ କରାଯାଇଥିବା ବିଶେଷ ଆଇନଗୁଡ଼ିକ ହେଉଛି ଏଯାବତ୍ ସାମାଜିକ ସଂରଚନାକୁ ବୁଝିବା କ୍ଷେତ୍ରରେ ମାନବ ଜାତି ଅତିକ୍ରମ କରିଥିବା ଦୂରତା ତଥା ନ୍ୟାୟ ପ୍ରଦାନ ସମ୍ପର୍କିତ ଅବଧାରଣାର ବିବର୍ତ୍ତନର ଏକ ସୂଚକ । ଆଇନ ନିର୍ମାତାମାନେ ସମ୍ପ୍ରତି ଏହି ପରିସ୍ଥିତି ପ୍ରତି ସେମାନଙ୍କର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି, ଯେଉଁଠି ଜଣେ ବୟଃପ୍ରାପ୍ତି ଅଭିମୁଖେ ଗତି କରୁଥିବା ବାଳକ, ଯାହାର କର୍ତ୍ତବ୍ୟରେ ବିଚ୍ୟୁତି ଦୁଇଜଣ ନିରୀହ ବ୍ୟକ୍ତିଙ୍କର ପ୍ରାଣହାନିର କାରଣ ପାଲଟିଛି, ସେ ହୁଏତ ବିଶେଷ ଆଇନର ଫାଇଦା ପାଇଯାଇପାରେ, ଏବଂ ଏହାକୁ ବନ୍ଦ କରିବା ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ଏହି ଘଟଣା ମଧ୍ୟ ପ୍ରଶାସନିକ କର୍ତ୍ତୃପକ୍ଷ ଏବଂ ସାଧାରଣ ଜନତାଙ୍କୁ କାହିଁକି ଲୋକମାନେ ସଡ଼କରେ ପ୍ରାଣ ହରାଉଛନ୍ତି, ତା'ର କାରଣଗୁଡ଼ିକ ଉପରେ ଚିନ୍ତା କରିବାକୁ ବାଧ କରିବା ଉଚିତ। ୨୦୨୨, ଯାହା ଅଦ୍ୟତନ ବର୍ଷ ଭାବରେ ସଡ଼କ ଦୁର୍ଘଟଣା ଉପରେ ସରକାରୀ ଭାବରେ ତଥ୍ୟକୁ ଉପଲବ୍ଧ କରାଇ ଥାଏ, ତା' ଅନୁସାରେ ଏହି ବର୍ଷରେ ଘଟିଥିବା ମୋଟ ୪,୬୧,୩୧୨ ସଡ଼କ ଦୁର୍ଘଟଣାରେ ୧,୬୮,୪୯୧ ଜଣ ଲୋକ ପ୍ରାଣ ହରାଇ ଥିବା ବେଳେ ୩,୪୩,୩୬୬ ଲୋକ ଆହତ ହୋଇଥିଲେ। ଏହାର ପୂର୍ବ ବର୍ଷ ତୁଳନାରେ ଏହି ସଂଖ୍ୟାଗୁଡ଼ିକ ଦୁର୍ଘଟଣା ପାଇଁ ୧୧.୯ ପ୍ରତିଶତ, ଦୁର୍ଘଟଣାଜନିତ ପ୍ରାଣହାନି ପାଇଁ ୯.୪ ପ୍ରତିଶତ ଏବଂ ଆହତ ପାଇଁ ୧୫.୩ ପ୍ରତିଶତ ଅଧିକ ଥିଲା । ଏକଥା ଅଗ୍ରହଣୀୟ ଯେ ହାରାହାରି ୪୬୧ ଜଣ ଲୋକ, ଯେଉଁମାନେ ସେମାନଙ୍କର ଦୈନନ୍ଦିନର ଆହାର ମୁଠାଏ ଯୋଗାଡ଼ କରିବା ନିମନ୍ତେ କାମଧନ୍ଦା ଅନ୍ୱେଷଣରେ ସଡ଼କରେ ଯାତ୍ରା କରିଥାନ୍ତି, ସେମାନେ ଘରକୁ ଫେରି ନଥାନ୍ତି । ଦୁର୍ଘଟଣା ଓ ମୃତ୍ୟୁର ଏଭଳି ଅଗ୍ରହଣୀୟ ସଂଖ୍ୟା ପଛର କାରଣ ଜାଣିବା ନିମନ୍ତେ ତଥା ଏହାର ନିରାକରଣ କରିବା ପାଇଁ ସରକାରଙ୍କର ଏକ ନିର୍ଦ୍ଦିଷ୍ଟ ଧାର୍ଯ୍ୟ ଲକ୍ଷ୍ୟକୁ ହାସଲ କରିବା ଢଙ୍ଗରେ କାମ କରିବାର ଜରୁରୀ ଆବଶ୍ୟକତା ରହିଛି ।

## ଆମେ ଭଲ ନାଗରିକ ହେବା କେବେ ?



### ଡାକ୍ତର ସମ୍ରାଟ କର

> ଦେଶର ପରିମଳ ବ୍ୟବସ୍ଥା ନେଇ ନିକଟରେ ଏକ ବିଦେଶୀ ଗଣମାଧ୍ୟମ ସଂସ୍ଥା ଯେଉଁ ସମାଲୋଚନାଟି ଉଠାଇଥିଲେ ଏହା ତରଫରୁ କର୍ତ୍ତୃପକ୍ଷଙ୍କ ଉତ୍ତରଟି ଥିଲା, ପରିମଳ ବ୍ୟବସ୍ଥାକୁ ନେଇ ଆମ ଦେଶରେ ଏବଂ ବିଦେଶରେ ମାପଦଣ୍ଡ ଭିନ୍ନ। ଭୌଗୋଳିକ ପରିବେଶରେ ଭିନ୍ନତା ଯୋଗୁଁ ଅବଶ୍ୟ ମାପଦଣ୍ଡରେ କିଛି ଭିନ୍ନତା ଥିବ।

ସମଗ୍ର ଭାରତ ଏବେ ନିର୍ବାଚନ ମୁହାଁ। ସମସ୍ତେ ଏକ ପ୍ରକାର ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଏହି ନିର୍ବାଚନ ତାତିକୁ ସାମ୍ନା କରୁଛନ୍ତି । ତେବେ ନିକଟରେ କିଛିଦିନ ତଳର ଏକ କୌଣସି ପୁରୁଣା ଲେଖାଟି କଥା ମନେପଡୁଥିବାବେଳେ ସେଥିରେ ଯାହା ଉଲ୍ଲେଖ ରହିଥିଲା 'ଆଗରୁ ବିଦେଶୀମାନେ କହୁଥିଲେ, ଏବେ ଭାରତୀୟମାନେ ମଧ୍ୟ ଅନୁଭବ କଲେଣି ଆମ ଲୋକଙ୍କ ଭିତରେ ସିଭିକ୍ ସେନ୍ସର ଅଭାବ ରହିଛି। ସ୍ୱାସ୍ଥ୍ୟ ଏବଂ ପରିମଳକୁ ନେଇ ଆମ ଦେଶରେ ସଚେତନତାର ଅଭାବ ଅଛି। ଆଗରୁ ବିଦେଶୀ ଅଧ୍ୟୟନକାରୀମାନେ ଭାରତକୁ ଅପରିଷ୍କାର, ପଛୁଆ ଏବଂ ଦୁର୍ନୀତିଗ୍ରସ୍ତ ଦେଶ ବୋଲି କହୁଥିଲେ। ଏହି ସର୍ବେକ୍ଷଣ ଭାରତୀୟମାଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରୁଥିଲା, କିନ୍ତୁ ସେମାନେ ସଜାଗ ହେଉନଥିଲେ। ହେଲେ ଏବେ ଅନେକ ଜିନିଷ ନିଜକୁ ଖରାପ ଲାଗୁଛି। ଦେଶରେ ସହରୀକରଣ ବଢ଼ୁଛି। ମହାନଗର ଗୁଡ଼ିକରେ ଲୋକସଂଖ୍ୟା ବଢ଼ିବାରେ ଲାଗିଛି। କାମ କରିବା ଏବଂ ରହିବା ଶୈଳୀ ବଦଳୁଛି। ସଡ଼କରେ ବିଦେଶୀ ଗାଡ଼ି ଛୁଟୁଛି। ମେଟ୍ରୋ ଟ୍ରେନ୍ ମଧ୍ୟ ଚାଲିଛି। ଧୀରେ ଧୀରେ ଅନୁଭବ ହେଉଛି ସହରର ଢ଼ାଞ୍ଚା ବଦଳୁଛି। ହେଲେ ଏହି ପରିବର୍ତ୍ତନ ସହ ତାଳ ଦେଇ ଆମ ଆଚରଣ ଏବଂ ବ୍ୟବହାର ବଦଳୁନି ବା ଉନ୍ନତ ହେଉନି।'

ଆଜିର ଧାଁ ଧଉଡ, କର୍ମବ୍ୟସ୍ତ ଜୀବନ ଭିତରେ ଲୋକମାନେ ସହରରେ ହାଉସିଂ ସୋସାଇଟି ବନାଉଛନ୍ତି, ନିଜକୁ ଆଧୁନିକ ପ୍ରତିପାଦିତ କରିବା ପାଇଁ ପ୍ରତିଯୋଗିତା ହେଉଛି। ହେଲେ ଘରର ଅଳିଆ ରାସ୍ତାରେ ପଡୁଛି। କେତେକ ସ୍ଥାନରେ ଆପାର୍ଟମେଣ୍ଟରେ ରହୁଥିବା ଲୋକେ ଘର ପୋଛି ମଇଳା ପାଣି ବାଲ୍‌କୋନିରୁ ରାସ୍ତାକୁ ଫିଙ୍ଗୁଛନ୍ତି, ପଡ଼ୋଶୀଙ୍କ ବିଷୟରେ ଚିନ୍ତା ନକରି ରାତିଅଧରେ ଉଚ୍ଚ ସ୍ୱରରେ ମ୍ୟୁଜିକ୍ ସିଷ୍ଟମ୍ ବଜାଉଛନ୍ତି। ଯେତେ ଶିକ୍ଷିତ ଲୋକ ହେଲେ ବି ରାସ୍ତାରେ ବରଯାତ୍ରୀ ନେବା ବେଳେ ରାସ୍ତା ମଝିରେ ନାଚଗୀତ ଚାଲୁଛି, ଘଣ୍ଟା ଘଣ୍ଟା ଧରି ଗାଡ଼ିମଟର ଅଟକି ରହୁଛି। ଅନ୍ୟ ଲୋକଙ୍କୁ ଯେ ଅସୁବିଧା ହେଉଛି ଏ ନେଇ ଚିନ୍ତା ନାହିଁ କାହାର। ରାସ୍ତା ଅବରୋଧ ହୋଇଯିବା ଦ୍ୱାରା ଟ୍ରାଫିକ ଭିଡ଼ ସୃଷ୍ଟି କରୁଛି, ଗହଳି ଭିତରେ ଆମ୍ବୁଲାନ୍ସ ଗାଡ଼ି ମଧ୍ୟ ଅଟକି ଯାଉଛି, କେତେକ ସ୍ଥାନରେ ଜଣେ ଜଣେ ଡାକ୍ତର ମଧ୍ୟ ଭିଡ଼ ଭିତରେ ଏପରି ଫସି ଯାଉଛନ୍ତି ଯେ ତାଙ୍କୁ ଅପେକ୍ଷା କରିଥିବା ରୋଗୀ ମାନଙ୍କ କଥା କେହି କେବେ ଚିନ୍ତା କରିନଥାନ୍ତି। ସହର ବଢୁଛି, ବିକାଶ ବି ବଢ଼ିବା ସ୍ୱାଭାବିକ। ସଡ଼କ ଚଉଡା ହେବାରେ ଲାଗିଛି, ଗାଡ଼ି ସଂଖ୍ୟା ବଢୁଛି, ହେଲେ ଗାଡ଼ିର ମାଲିକ ଲେନ୍ କିମ୍ବା ସ୍ପିଡ୍ ବିଷୟରେ ଚିନ୍ତା କରୁନାହାନ୍ତି। ସେମିତି ପଥଚାରୀମାନେ ମଧ୍ୟ ଭାବୁ ନାହାନ୍ତି ଟ୍ରାଫିକ୍‌ରେ ରସବୁଜ ଲାଇଟ୍ ଜଳିବା ବେଳେ ରାସ୍ତା ପାର କରୁଛନ୍ତି। ଆମ ଲୋକମାନଙ୍କୁ ମେଟ୍ରୋ ଟ୍ରେନ୍‌ର ସୁବିଧା ଦରକାର କିନ୍ତୁ ଏଥିରେ ଚଢ଼ିବା ପାଇଁ ଧାଡ଼ିରେ ଛିଡ଼ା ହେବା ବଦଳରେ ଜଣେ ଅନ୍ୟ ଜଣଙ୍କୁ ଧକ୍କା ଦେଇ ଆଗ ଚଢ଼ିବାକୁ ପ୍ରସ୍ତୁତ। ରାସ୍ତା କଡ଼ରେ ପରିସ୍ରା କରିବା, ଛେପ ପକାଇବା, ନାକ ପୋଛିବା, ଫଳଚୋପା, ଗୁଟଖା ପାଉଚ୍ ଆଦି ପକାଇବା ଖୁବ୍ ସାଧାରଣ କଥା। ଏ କ୍ଷେତ୍ରରେ ସରକାର ଓ ପ୍ରଶାସନକୁ ପୁଣି ସତର୍କତା ବା ଅନୁରୋଧମୂଳକ ସୂଚନା ଦେବାକୁ ଏବେ ବି ପଡୁଛି।

ଦେଶର ପରିମଳ ବ୍ୟବସ୍ଥା ନେଇ ନିକଟରେ ଏକ ବିଦେଶୀ ଗଣମାଧ୍ୟମ ସଂସ୍ଥା ଯେଉଁ ସମାଲୋଚନାଟି ଉଠାଇଥିଲେ ଏହା ତରଫରୁ କର୍ତ୍ତୃପକ୍ଷଙ୍କ ଉତ୍ତରଟି ଥିଲା, ପରିମଳ ବ୍ୟବସ୍ଥାକୁ ନେଇ ଆମ ଦେଶରେ ଏବଂ ବିଦେଶରେ ମାପଦଣ୍ଡ ଭିନ୍ନ। ଭୌଗୋଳିକ ପରିବେଶରେ ଭିନ୍ନତା ଯୋଗୁଁ ଅବଶ୍ୟ ମାପଦଣ୍ଡରେ କିଛି ଭିନ୍ନତା ଥିବ। କିନ୍ତୁ ପ୍ରକୃତରେ ପରିମଳ, ଗମନାଗମନ ଏବଂ ନାଗରିକ ଜୀବନକୁ ନେଇ ଭାରତୀୟ ମାପଦଣ୍ଡ କ'ଣ ? ଏହାର ଉତ୍ତର ବୋଧହୁଏ କାହାପାଖରେ ନଥିବ। ସତ କହିବାକୁ ଗଲେ ପରିଷ୍କାର ପରିଚ୍ଛନ୍ନତା, ପରିବେଶ, ପରିମଳ ଆମ ସରକାରଙ୍କ ପାଇଁ କିମ୍ବା ଆମ ସମାଜ ପାଇଁ କୌଣସି ବଡ଼ ପ୍ରସଙ୍ଗ ନୁହେଁ। କାରଣ ଆମ ନେତାମାନେ ସାମାଜିକ ଜୀବନର ପ୍ରଶ୍ନକୁ ରାଷ୍ଟ୍ରୀୟତା ସହ ଯୋଡ଼ି ନାହାନ୍ତି। ଚଳିତ ନିର୍ବାଚନରେ ସବୁ ଦଳର ନିର୍ବାଚନ ଘୋଷଣାନାମା ବା ଇସ୍ତାହାର ସଂକଳ୍ପ ପତ୍ର ଦେଖନ୍ତୁ। ଆମେ ଆଲୋଚନା କରୁଥିବା ଉପରୋକ୍ତ ପ୍ରସଙ୍ଗ ଗୁଡ଼ିକୁ କେଉଁମାନେ ସେମାନଙ୍କ ଘୋଷଣା ସଂକଳ୍ପ ପତ୍ରରେ ଗ୍ରହଣ କରିଛନ୍ତି ? କିନ୍ତୁ ଅନେକ ବିକାଶଶୀଳ ଦେଶରେ ଏହା ଏକ ମୁଖ୍ୟ ପ୍ରସଙ୍ଗ। ଆମେ ଭିଏତ୍‌ନାମକୁ ଏହାର ଉଦାହରଣ ଭାବରେ ନେଇପାରିବା। ଭିଏତ୍‌ନାମର ଜନନାୟକ ହୋ ଚି ମିନ୍ ପରିମଳକୁ ରାଜନୈତିକ ଚେତନା ଏବଂ ଦେଶ ଭକ୍ତିର ଏକ ଅଭିନ୍ନ ଅଂଶରେ ପରିଣତ କରିଥିଲେ। ସେଥିପାଇଁ ସେ ରାସ୍ତା ଝାଡୁ କରିବା ପାଇଁ ବାହାରି ପଡୁଥିଲେ। ଭାରତରେ କେବଳ ଗାନ୍ଧୀ ଏହାକୁ ଅନୁଭବ କରିଥିଲେ। କିନ୍ତୁ ସେ ଉନ୍ନତ ନାଗରିକ ଜୀବନ ପ୍ରସଙ୍ଗକୁ ରାଜନୈତିକ ସ୍ୱାଧୀନତାର ସ୍ୱପ୍ନକୁ ଯୋଡ଼ିପାରି ନଥିଲେ। ଜାତୀୟ କଂଗ୍ରେସ ଏହି ପ୍ରସଙ୍ଗ ନେଇ ତାଙ୍କ ସହ ସହମତ ହୋଇନଥିଲା। ଏହି ପ୍ରସଙ୍ଗକୁ ସାମିଲ କରିବା ପାଇଁ କଂଗ୍ରେସର ଆଗ୍ରହ ମଧ୍ୟ ନଥିଲା ନେଇ ସେତେବେଳେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା ଆଉ ଦଳର ଅଧିକାଂଶ ନେତା ଗାନ୍ଧିଜୀଙ୍କର ପରିମଳ ଆଗ୍ରହକୁ ତାଙ୍କର ନିଜସ୍ୱ ଆଗ୍ରହ ବୋଲି କହୁଥିଲେ। ନେହରୁ ମଧ୍ୟ ନାଗରିକ ଜୀବନ ପ୍ରସଙ୍ଗକୁ ଗୁରୁତ୍ୱ ଦେଉନଥିଲେ ବୋଲି ଏହା ଗଣମାଧ୍ୟମର ଶିରୋନାମା ମଧ୍ୟ ପାଲଟିଥିଲା। ପ୍ରକୃତରେ ତାଙ୍କୁ ଏବଂ ଅନ୍ୟ ନେତାମାନଙ୍କୁ ଲାଗୁଥିଲା, ସ୍ୱାଧୀନତା ପରେ ସବୁକିଛି ମନକୁ ମନ ଠିକ୍ ହୋଇଯିବ। ସେତେବେଳେ ସେମାନେ ବୁଝିପାରିନଥିଲେ ସ୍ୱାଧୀନତା ପରେ ରାଷ୍ଟ୍ରକୁ ଦୃଢ଼ ରଖିବା ନିମନ୍ତେ ଆମକୁ ଏକ ସଚେତନ ନାଗରିକ ସମାଜ ଆବଶ୍ୟକ ହେବ। ଆଉ କେତେକଙ୍କ ମତ ଭାରତ ପରି ଗରିବ ଦେଶ ପାଇଁ କ୍ଷୁଧା ନିବାରଣ ସବୁଠାରୁ ବଡ଼ ପ୍ରସଙ୍ଗ। ପରିମଳ ଏବଂ ନାଗରିକ ଜୀବନ ଢ଼େର୍ ପଛରେ। ତେଣୁ ସ୍ୱାଧୀନତା ପରେ ମଧ୍ୟ ବାମପନ୍ଥୀମାନେ କିମ୍ବା ଅନ୍ୟ କୌଣସି ନୀତିବାଦୀମାନେ ଏହାକୁ ଜନଆନ୍ଦୋଳନର ପ୍ରସଙ୍ଗ କରିନଥିଲେ ।

ସ୍ୱାଧୀନତା ଆନ୍ଦୋଳନ ସମୟରେ ସରକାରଙ୍କ ସହ ଅସହଯୋଗ ଏବଂ ଆଇନଭଙ୍ଗକୁ ନେତାମାନେ ଏକ ହତିଆର ଭାବେ ବ୍ୟବହାର କରୁଥିଲେ। ସ୍ୱାଧୀନତା ଲାଭ କରିବା ପରେ ମଧ୍ୟ ଲୋକମାନଙ୍କ ମନରୁ ଏହାର ସ୍ମୃତି ଲିଭି ପାରିନି । ସରକାରଙ୍କ ପ୍ରତି ସେହି ଅସହଯୋଗ ଭାବନା ଏବେ ବି ରହିଛି । ଅନେକ କ୍ଷେତ୍ରର ଘଟଣାକୁ ଅନୁଭବକରି ଜଣେ ବୁଦ୍ଧିଜୀବୀ ପ୍ରଶ୍ନ କରିଥିଲେ ଯେ ସରକାରଙ୍କୁ ନିଜର ଶତ୍ରୁ ଭାବରେ ଦେଖିବାର ମନୋଭାବ ଏବେ ବି ଲୋକଙ୍କ ଭିତରେ ରହିଛି । ନିୟମର ଉଲ୍ଲଂଘନ କୌଣସି ନା କୌଣସି ରୂପରେ ଏହି ମନୋଭାବର ଅଭିବ୍ୟକ୍ତି । ଆମ ଦେଶରେ କୌଣସି ଦାବି ପୂରଣ ପାଇଁ ସର୍ବପ୍ରଥମେ ରାସ୍ତା ବନ୍ଦ କରି ଧର୍ମଘଟ କରାଯାଏ । ଏଥିରେ ସାଧାରଣ ଲୋକଙ୍କର ଯାତାୟାତରେ ଅସୁବିଧା ହୁଏ। ଏହାପରେ ସେମାନେ ସାର୍ବଜନୀନ ସମ୍ପତ୍ତି ଉପରେ ଆକ୍ରମଣ କରନ୍ତି । ଦୁର୍ଭାଗ୍ୟବଶତଃ ସରକାରୀ ଅନୁଷ୍ଠାନମାନେ ମଧ୍ୟ ଜନସାଧାରଣଙ୍କ ବିଶ୍ୱାସଭାଜନ ହୋଇପାରି ନାହାନ୍ତି ଏ ପର୍ଯ୍ୟନ୍ତ । ଏହି କାରଣରୁ ସେମାନଙ୍କୁ ଜନସହଯୋଗ ମିଳିପାରି ନାହିଁ । ସନ୍ତୁଳିତ ନାଗରିକ ଜୀବନ ପାଇଁ ନାଗରିକମାନଙ୍କ ମଧ୍ୟରେ ସମାନତା ଭାବ ଆସିବା ଖୁବ୍ ଜରୁରୀ । କିନ୍ତୁ ଭାରତରେ ଯେପରି ଭାବରେ ଜାତି, ଧର୍ମ, ଅଞ୍ଚଳକୁ ନେଇ ରାଜନୀତି ହେଉଛି, ତା'ଦ୍ୱାରା ଲୋକଙ୍କ ମନରେ ସହଯୋଗ ପ୍ରବୃତ୍ତି ବୃଦ୍ଧି ପାଉନି। ଏହା ବ୍ୟତୀତ ଆର୍ଥିକ ଏବଂ ଶିକ୍ଷାକ୍ଷେତ୍ରରେ ଅସନ୍ତୁଳନ ରହିଛି । ସହରରେ ରହୁଥିବା ଲୋକେ ନିଜ ସହ ଗାଁ ସ୍ମୃତି ନେଇ ଆସିଥାନ୍ତି, ଯାହା ସେମାନଙ୍କ ଅବଚେତନ ମନରେ ବସାବାନ୍ଧି ରହିଥାଏ । ସେମାନେ ସବୁବେଳେ ସହରକୁ ଗାଁ ସହ ତୁଳନା କରନ୍ତି । ଗାଁରେ ସହର ପରି ପରିମଳ ଏବଂ ଟ୍ରାଫିକ୍ ସମସ୍ୟା ନଥାଏ । ତେଣୁ ସହରର ମାପଦଣ୍ଡକୁ ସେମାନେ ମାନସିକ ଭାବରେ ଗ୍ରହଣ କରିପାରନ୍ତିନି । ଆମ ଦେଶରେ ବିକାଶର ଯେଉଁ ମଡ୍‌େଲ ଅଛି, ତାହାର ମୁଖ୍ୟ ଅଂଶ ସହରୀକରଣ । ତେବେ କେବଳ ଚଉଡ଼ା ରାସ୍ତା କିମ୍ବା ଉଚ୍ଚ ଅଟ୍ଟାଳିକା ତିଆରି କରିଦେଲେ ସହର ହୋଇଯାଏନି । ସହରୀକରଣ ପାଇଁ ନାଗରିକମାନଙ୍କୁ ମାନସିକ ଭାବରେ ପ୍ରସ୍ତୁତ କରିବାକୁ ହୁଏ । ମୁଖ୍ୟ ଆମ ଆଲୋଚନାଟି ହେଉଛି ଭଲ ହେବା ଆଉ ଭଲ କାମ କରିବା ଏହା ଏକ ଜୀବନଧର୍ମୀ ଆଉ ଗଠନମୂଳକ ଜୀବନ ଚେତନା। ଭଲ ହେବାଟି ପାଇଁ କେଉଁ ବଂଶ ପରମ୍ପରାର ବାଧ୍ୟବାଧକତା ବା ଧର୍ଣ୍ଣାଢ଼୍ୟ, ପ୍ରଭାବଶାଳୀ, ବାହୁବଳୀ ବ୍ୟକ୍ତିତ୍ୱ ଆବଶ୍ୟକ ପଡ଼ିନଥାଏ। ନିଜକୁ ସବୁବେଳେ ନିଜ ଭିତରକୁ ପଚାରି କାର୍ଯ୍ୟ କରିଚାଲିଲେ ଏହା ହିଁ ଆମ ସମସ୍ତଙ୍କ ପାଇଁ ଏକ ଭଲ ମାନସିକତା ସୃଷ୍ଟି କରିପାରିବ। ନିଜ ଜୀବନଚର୍ଯ୍ୟାଟି ଠିକ ରଖିବା, ଘର ପରିବାର ସଂସାର ପାଇଁ ସଠିକ ସମୟ ଦେବା, ସରକାରଙ୍କ ରାଜସ୍ୱ ଉପଯୁକ୍ତ ସମୟରେ ଭରଣା ସହ ନିଜ ଅଧିକାର ଆଉ କର୍ତ୍ତବ୍ୟ ପ୍ରତି ସଚେତନ ରହିଲେ ଭଲ ହେବା ଆଦୌ ଏକ ଆଶ୍ଚର୍ଯ୍ୟକର ଅନୁଭବ ଯେ ନୁହେଁ ଏହା ଆପଣ ବେଶ ଭଲ ଭାବେ ବୁଝି ପାରିବେ। ଚଳିତ ମତଦାନରେ ଆସନ୍ତୁ ନିଶ୍ଚିନ୍ତ ଏହି ବଡ଼ ଗଣପର୍ବରେ ନିଜକୁ ସାମିଲ କରିବା ଆଉ ମୂଲ୍ୟବାନ ମତଦାନ ସାବ୍ୟସ୍ତ କରିବା।


ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ,
ମୋ: ୯୧୩୨୪୩୩୩୩୩


## ମୋ ବାପା କାହା ଉପରେ ଭରସା କରିବେ ?



### ସୁବ୍ରତ କର

ପିଲାମାନଙ୍କୁ ପ୍ରଚୁର ପଇସା ଖର୍ଚ୍ଚ କରି, ସବୁଠୁ ଭଲ ସ୍କୁଲରେ ନାମ ଲେଖାଇ, ଟିଉସନ୍ ବାବଦରେ ପ୍ରଚୁର ଟଙ୍କା ଖର୍ଚ୍ଚ କରି ଶେଷରେ ପିଲା ୯୫ ପାରସେନ୍ଟ ଠାରୁ ବେଶି ନମ୍ବର ରଖିଲା ପରେ ଯଦି ଆଇଆଇଟିରେ ସିଟ୍‌ଟିଏ ପାଇଲା ଏବଂ ପରବର୍ତ୍ତୀ ଅବସ୍ଥାରେ ଭଲ ନମ୍ବର ରଖି ପାଶ୍ କଲା ପରେ ଚାକିରୀଟିଏ ନ ପାଇଲେ କଣ ହେବ ? ଏହାର ସିଧା ସଳଖ ଉତ୍ତର ହେଉଛି ଡାକ୍ତରୀ ଛଡ଼ା ସବୁ ପାଠ ପଢ଼ାରେ ଆମ ଦେଶରେ ପିଲାମାନେ ଚାକିରୀ ନ ପାଇ ଏ ଦ୍ୱାର ସେ ଦ୍ୱାର ହେଉଛନ୍ତି। ଏଇଟା (ଆଇଆଇଟି) ବାକି ଥିଲା ସେଥିରେ ମଧ୍ୟ ତାଲା ପଡ଼ିଗଲା। ଏତେସବୁ କହିବାର କାରଣ ହେଉଛି ସବୁ ମା, ବାପାମାନେ ପ୍ରାଣ ଦେଇ ଚେଷ୍ଟା କରନ୍ତି ନିଜ ନିଜ ପୁଅ ଝିଅଙ୍କୁ ଡାକ୍ତର ବନେଇବା ବା ଇଂଜିନିଅରଟି କରିବା। ଇଂନିଜିଅରଙ୍କର ଶେଷ ଏବଂ ସବୁଠୁ ମୂଲ୍ୟବାନ ଅନୁଷ୍ଠାନ ହେଉଛି ଆଇ.ଆଇ.ଟି। ପିଲା ଯଦି ଆଇଆଇଟିରେ ସିଟ୍ ଗୋଟାଏ ପାଇଲା ଈଶ୍ୱରଙ୍କୁ ପାଇଲା ଭଳି ଲାଗିବ କାରଣ ପିଲାକୁ ପାସ କରି ବାହାରିବା ପୂର୍ବରୁ ତା ପାଇଁ ଅତି ଉତ୍ତମ ଦରମାରେ ଚାକିରୀଟିଏ ଥୁଆ ହୋଇଥାଏ। କିନ୍ତୁ ଗତ ଦୁଇବର୍ଷ ହେବ ସବୁ ଆଇଆଇଟି ପିଲାଙ୍କ ପାଇଁ ଚାକିରୀ କ୍ଷେତ୍ରରେ ଜାଗା ନାହିଁ। ଆମ ଦେଶରେ ପ୍ରାୟ ୨୩ଟି ଆଇଆଇଟି ରହିଛି ଏବଂ ଏହିସବୁ ଆଇଆଇଟିରେ ଖଣ୍ଡେ ସିଟ୍ ପାଇଁ ପ୍ରତିଯୋଗିତା ମୂଳକ ପରୀକ୍ଷା ଦେବାକୁ ପଡ଼ିଥାଏ । ଭାଗ୍ୟ ଭଲ ଥିଲେ ସିଟ୍ ଖଣ୍ଡିଏ ମିଳେ। କିନ୍ତୁ ଏହିସବୁ ଆଇଆଇଟି (୨୩) ମାନଙ୍କର ଅବସ୍ଥା ଅତି ଖରାପ। ଗତ ଦୁଇବର୍ଷ ମଧ୍ୟରେ ଏତେ ଅବସ୍ଥା ଯେ ବିଶେଷ କରି ଆଇଆଇଟି ଦିଲ୍ଲୀ ଏହାର ପୁରାତନ ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଆମ ପିଲାମାନଙ୍କ ପାଇଁ ଚାକିରୀ ଯୋଗାଡ଼ କରିବା ପାଇଁ। ଆଇଆଇଟି ଦିଲ୍ଲୀରେ ୪୦୦ ପିଲାଙ୍କୁ ଚାକିରି ମିଳିନାହିଁ। ଏକା କଥା ବମ୍ବେ ଆଇଆଇଟିର ମଧ୍ୟ ସେଠାରେ ମଧ୍ୟ ପ୍ରାୟ ୨୫୦ ପିଲା ଅପେକ୍ଷା କରିଛନ୍ତି ଚାକିରି ପାଇଁ। ବିଟସ୍ (ପିଲାଙ୍କ)ର କୁଳପତି ଭି ରାମ ଗୋପାଳ ରାଓ କହିଛନ୍ତି ଏହା ପାଇଁ ଅର୍ଥନୈତିକ ଏବଂ ପ୍ରଯୁକ୍ତି ବିଦ୍ୟାର ଦୁନିଆରେ ହୋଇଥିବା ପରିବର୍ତ୍ତନ ଦାୟୀ। ଗତବର୍ଷ ନିଯୁକ୍ତି ପାଇ ନଥିବା ପିଲାର ସଂଖ୍ୟା ଥିଲା ପ୍ରାୟ ୩୪୦୦। ଏ ବର୍ଷ ବଢ଼ି ଯାଇ ଦୁଇଗୁଣା ହୋଇଛି (୭୦୦୦)। ଆଉ ଗୋଟାଏ କାରଣ ହୋଇପାରେ ଦେଶରେ ହେଉଥିବା ନିର୍ବାଚନ ବା ରାଜନୈତିକ ଅସ୍ୱଷ୍ଟତା। ସବୁ କମ୍ପାନିଗୁଡ଼ିକ ଦେଖି ନାହିଁ ନୂଆ କର୍ମଚାରୀ ନିଯୁକ୍ତ କରୁଛନ୍ତି। ଆଉ କିଛି ଏକ୍ସପାଟ କହିଛନ୍ତି ଏ ବି ହୋଇପାରେ ଗତବର୍ଷ ଅଧିକ କର୍ମଚାରୀଙ୍କୁ ନିଯୁକ୍ତ କରାହୋଇଥିବାରୁ ଏବର୍ଷ ସଂଖ୍ୟା ବଳି ପଡ଼ିଲା।

କାରଣ ଯାହା ହେଉ ନା କାହିଁକି ମା ବାପାମାନେ ପିଲାଟିଏ ଆଇଆଇଟିରେ ସିଟଟିଏ ପାଇଲା ପରେ ନିଶ୍ଚିତ ହେଉଥିଲେ ପିଲାକୁ ଖୁବ୍ ମୋଟା ଦରମାରେ ଚାକିରିଟିଏ ମିଳିବ, ଭଲ କମ୍ପାନିଟିଏ ମିଳିବ ଏବଂ କିଛି ହେଲେ ଭଲ ବର ଖୋଜିବାକୁ ପଡ଼ିବନାହିଁ ବା ପୁଅଟିଏ ହେଲେ ଆପେ ଆପେ ଝିଅ ପୁଅର ଘରମୁହାଁ ହେବେ ଏବଂ ଲାଇନ୍ ଲାଗିବେ। ବୋଧହୁଏ ଆମ ଦେଶର ସବୁଠୁ ମର୍ଯ୍ୟାଦାପୂର୍ଣ୍ଣ ଚାକିରୀଟିର ଶେଷ ଅବସ୍ଥା ପହଞ୍ଚିଛି ଏବଂ ଆଇଆଇଟି ପିଲାମାନେ ଆମର ଶହ ଶହ ଆଇ.ଟି.ଆଇ ପିଲାମାନଙ୍କ ଭଳି ଚାକିରି ନ ପାଇ ଘୁରି ନ ବୁଲନ୍ତୁ। ଏବେଠୁ ସରକାରୀ ଏହାପ୍ରତି ଯଥେଷ୍ଟ ଧ୍ୟାନ ଦେବା ନିହାତି ଆବଶ୍ୟକ।




### କୃଷ୍ଣଚୂଡ଼ା ଓ ପ୍ରେମିକା



**ଜିତୁ ପ୍ରଧାନ**

ତୋ ବେଣୀରେ କୃଷ୍ଣଚୂଡ଼ା ପେନ୍ଥାଏ
ଖୋସିଥିଲି ବୋଲି,
ଆଜି ବି ତୋ ଖୋସା ମନେପଡ଼େ
ଆହା, ଫୁଲ ଝରିପଡ଼େ
ଫୁଲ ଦୋକାନରୁ ଗଜରାହାରଟିଏ
ଖରିଦ୍ କଲାବେଳେ ।

ଦିନେ ତୋ ମଥାରେ
ଦେବୀ ସିନ୍ଦୂର ଝଟକିଲା ବେଳେ
ଓଢଣୀର ଅଡୁଆ ସୁତାରେ
କାହା ସହ ହାତଗଣ୍ଠି ପରେ
ଜୀବନ ବି ଇମାନତ ଖେଳେ
ଦୁର୍ଦ୍ଦାନ୍ତ ସର୍କସର ମହାବଳ ପରି ।

ଏ ସହରରେ ସବୁ ଟ୍ରାଫିକ ପୋଷ୍ଟରୁ
ଯେତେକ ସିଗନାଲ,
ନାଲିବତୀ ଫେଲହୁଏ
ତୋ ଆଖିର ଆଲୁଅରେ
ଦିକି ଦିକି ଜଳିଉଠେ,
ତୋ ଓଠ ଫୁଙ୍କା ଗୋଟେ ଦରଜଳା
କ୍ୟାଣ୍ଡେଲ
ସେତେବେଳେ ଲୋଡା ହୁଏ ତୋ
ସହ କରିବାକୁ
ପ୍ରେମିକ ଭୂମିକାରେ ମିଛ ଅଭିନୟ ।

ତୋ ପ୍ରେମ ବତୁରା ଲୁହରେ
ଧୋଇଦେଇ ଯା ମୋ ଛାତି
ତୋ କୋହ ଭରା କଣ୍ଠରେ କହି
ଦେଇଯା
ବାସ୍ ଆମେ ଏମେତି ଖେଳୁଥିଲେ
ବୋହୁଚୋରି ଖେଳ,
ଖେଳ ଶେଷ ତ
ସ୍ୱପ୍ନ ବି ଶେଷ, ସ୍ୱପ୍ନ ନାହିଁ ମାନେ
କାହା ପାଇଁ କିଏ ଆଉ ଶୁଭ
ମନାସୁଛି ?

+ ଉତ୍କଳ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

### କାହାକୁ ଭୋଟ୍ ଦେବି

**ସିଦ୍ଧେଶ୍ୱର ତ୍ରିପାଠୀ**

କଳା ଧନ ଫେରିଲାନି
କମିଲାନି ଦର
କାହିଁକି ଗଢ଼ିବ ଏଠି
ସେଦଳ ସରକାର ।


ଏ ଦଳ ତ ଲାଞ୍ଚୁଆ ମିଛୁଆ
ବାସ୍ତବ ବିକାଶ ନାହିଁ
ଭୋଟ୍ ପାଇଁ ଲାଞ୍ଚ ଦିଆନିଆ ।

ଆର କଥା ନକହିବା ଭଲ
ସବୁଠାରେ ଧର୍ମ ରାଜନୀତି
ଭକୁଆ ଜନତା ଏଠି
ନିତି କଲବଲ ।

ଆଉ ଯେତେ ଅଲଗା ପ୍ରକାର
ସବୁତକ ଚୋର ଟାଉଟର
ୟା ଭିତରୁ କାହାକୁ ବାଛିବି
ନୋଟା ତ ବିକଳ୍ପ ଅଛି
ସେଠି ଦେଇଦେବି ।

+ ଖୋର୍ଦ୍ଧା

### ଦାମୀ ଉପହାର



**ତପନ କୁମାର ବେହେରା**

ଅଢ଼େଇ ଦିନର ଜୀବନ
ବାବୁ କରନା ଗର୍ବ
ଖେଳ ସରିଗଲେ ସଂସାରୁ
ମାଟି ହୋଇବା ସର୍ବ।
ମାଟି ଘଟର ଏ ଶରୀର
ଯିବ ମାଟିରେ ମିଶି
କର୍ମ ରହିଯିବ ମହୀରେ
ଯଶ ବାନାକୁ ଘୋଷି।
ସ୍ନେହ ପ୍ରେମ ବଳେ କରମ
କରିଚାଲ ମହୀରେ
ତାଠାରୁ ଅମୂଲ୍ୟ ସମ୍ପଦ
ଆଉ ନାହିଁ ଭାଇରେ।

ସ୍ନେହ ପ୍ରେମ ଶ୍ରଦ୍ଧା ପୀରତି
ଯେତେ ଅମୂଲ୍ୟ ଦ୍ରବ୍ୟ
ଶ୍ରେଷ୍ଠ ଉପହାର ରୂପରେ
ଦେଇ ଅଛି ଦଇବ ।
ସ୍ନେହ ପାଇ ବୁଲା କୁକୁର
କାହିଁ ନ ଯାଏ ଛାଡ଼ି
ଜଗି ଥାଏ ଘର ଦୁଆର
ଭୋକ ଉପାସେ ପଡ଼ି।
ସ୍ନେହ ପାଇ ହିଂସ୍ର ଜନ୍ତୁଏ
ଛାଡ଼ି ବଇରି ଭାବ
ଏକାଠି ଚଳନ୍ତି ସଂସାରେ
ବହି ମିତ୍ର ସ୍ୱଭାବ।
ପ୍ରେମ ବଳେ ରାଧା ଯଶୋଦା
କାହ୍ନା ହୃଦ ଜିଣିଲେ
ଅହିଂସା ପ୍ରେମରେ ମହାତ୍ମା
ସ୍ୱାଧୀନତା ଆଣିଲେ।

ହୃଦୟ ଜିଣିବା ପାଇଁକି
ଶ୍ରେଷ୍ଠ ଏ ଉପହାର
ଖୋଲା ହୃଦୟେ ବିତରି
ଜିଣ ହୃଦ ଅନ୍ୟର।
ଦାମୀ ଉପହାର ଏହାଠୁ
ବାବୁ କୋଉଠି ନାହିଁ
ସଭିଏଁ ପାଗଳ ହୁଅନ୍ତି
ୟାକୁ ପାଇବା ପାଇଁ।

+ କାନପୁର, ନରସିଂହପୁର, କଟକ
ମୋ: ୭୦୦୮୧୮୮୩୫୬

### ବନ୍ଧୁତା ଚୟନ



**ପ୍ରଦୀପ୍ତ ଆଚାର୍ଯ୍ୟ**

ମହାଭାରତର, ଦୁଇଟି ଚରିତ୍ର,
ବନ୍ଧୁତ୍ୱ ଚିହ୍ନାଇ ଥାଏ,
କେଉଁପରି ମିତ୍ର, ସଙ୍ଗଲାଭ କଲେ,
କେଉଁ ଫଳ ମିଳିଥାଏ।

ଶକୁନିଙ୍କ ସଙ୍ଗେ, ମିତ୍ରତା କରିଲେ,
ମହାମାନୀ ଦୁର୍ଯ୍ୟୋଧନ,
କୁଚକ୍ରୀ ଚକ୍ରାନ୍ତେ, ବଶୀଭୁତ ହୋଇ,
ଲଭିଲେ ଶେଷେ ନିଧନ।

ସଖା ରୂପେ ପାଇ, ଅର୍ଜୁନ କୃଷ୍ଣଙ୍କୁ,
ହୃଦୟ ସମର୍ପି ଦେଲେ,
ଜୀବନେ ସମସ୍ତ, ଘାତ ପ୍ରତିଘାତ,
ଅଚିରେ ପାର ହୋଇଲେ।

ସମ୍ପଦ ବେଳରେ, ବନ୍ଧୁତା ନିମନ୍ତେ,
ବହୁ ବ୍ୟକ୍ତି ମିଳିଯିବେ,
ବିପଦରେ ଯଦି, ପଡିଯିବା ଆମେ,
ପାଖରେ କେହି ନଥିବେ।

ବିପଦ ସମୟେ, ଚିହ୍ନିବ ବନ୍ଧୁଙ୍କୁ,
ପାଶେ ଯିଏ ଥିବ ରହି,
ରାଜଦ୍ୱାରେ ଆଉ, ଶ୍ମଶାନରେ ସିଏ,
କେବେ ଛାଡି ଯିବନାହିଁ।

ବନ୍ଧୁତ୍ୱ ଠୁ ବଳି, ଶ୍ରେଷ୍ଠ ସମ୍ପର୍କଟା,
ତୁଳନା ହେବନି କରି,
ରୁଚି ଅନୁଯାୟୀ, କରିବା ଚୟନ,
ବନ୍ଧୁ ହେବେ କେଉଁ ପରି !

+ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦

# ବୋଉ ମୋର ଅନ୍ଧ



ଝରଣା ବାରିକ



ରାତି ପାହିଲେ ବୋଉ ଡାକରେ ନିଦ ଭାଙ୍ଗିଯାଏ । ଭୋକ ହେବା ଆଗରୁ ବୋଉ ହାତ ରନ୍ଧା ଖାଇବା ପହଞ୍ଚିଯାଏ । ଦାନ୍ତ ଘଷି ସାରିବା ପରେ ଟିଫିନ୍ ହେଉ କି ଗାଧେଇ ସାରିଲେ ପଖାଳ ଆଳୁ ଚକଟା ହେଉ । ସବୁବେଳେ ବୋଉ ଜଗି ରହିଥାଏ । ଜେଜେଙ୍କର ଚା କପ୍‌ଠୁ ଆରମ୍ଭ କରି ଜେଜେମାର ପାନ ଭଙ୍ଗା ପର୍ଯ୍ୟନ୍ତ । ବାପା ତ ବୋଉ ନଥିଲେ ବୋଧ ହୁଏ କିଛି କରି ପାରନ୍ତେନି । ଏମିତି କି ଗାମୁଛାଟିଏ ବି ମିଳେନି ତାଙ୍କର ବୋଉ ନ ଦେବା ପର୍ଯ୍ୟନ୍ତ । ଧିରେ ଧିରେ ବଡ଼ ହେବା ପରେ ମୁଁ ଭାବେ ଏକା ବେଳକେ ଏତେ କାମ ପୁଣି ସମସ୍ତଙ୍କର, କେମିତି କରି ପାରୁଛି ବୋଉ ।

ବାଡି ପଟେ ଶାଗ କିଆରିଟିଏ କରିଛି । କାକୁଡି, ଜହ୍ନି ପୋଇ, ଏମିତି କେତେକଣ ଲଗେଇ ଦେଇଛି ବୋଉ । ଲଙ୍କା ଗଛ ତ କେବେ ବାଡିରୁ ସରେ ନାହିଁ କି ମରେ ନାହିଁ । ଫୁଲ ଗଛ ବି କମ୍ ନାହିଁ ଟଗର , ମନ୍ଦାର, ସୁଗନ୍ଧ ରାଜ, ମଲ୍ଲୀ ବାର ଜାତି ଫୁଲ ଲଗେଇ ଦେଇଛି ବାଡ଼ିରେ । ଘର କାମ ସବୁ ସରିଲା ପରେ ବୋଉ ଆସି ଟିକେ ବାଡ଼ିରେ ବୁଲେ, କୋଉ ଫୁଲ ଗଛ ଶୁଖି ଯାଇଛି କିଏ ଝାଉଁଳି ପଡ଼ିଛି କାହା ମୂଳରେ ଘାସ ଉଠିଛି ତାହା ନିରେଖି ଦେଖି ସଫା କରିଦିଏ । ମୁଁ ବି ସ୍କୁଲରୁ ଫେରିଲେ ବୋଉ ସାଙ୍ଗରେ ବାଡିରେ ବୁଲେ । ବାଡିରେ ଆମର ଗୋଟିଏ ବଡ଼ ବାଉଁଶ ବୁଦା ଥାଏ ଟିକିଏ ସଞ୍ଜ ବୁଡ଼ିଗଲେ ଭୁତମାନେ ସବୁ ଆସିକି ବସିଯାଆନ୍ତି । କେତେବେଳେ ଜୋରରେ ପବନ ହେଇ ନଇଁ ଯାଏ ତ କେତେବେଳେ କଡ କଡ କରୁଥାଏ । ସେଥିପାଇଁ ମୁଁ ବେଶୀ ବାଡି ଆଡ଼କୁ ଯାଏନି । ଭାରି ଡର ମାଡେ ।

ସଞ୍ଜ ବୁଡ଼ିଗଲେ ସଞ୍ଜ ସଳିତା ଦେଇ ପୁଣି ନିଜ କାମରେ ଲାଗିପଡେ । ବୋଉ ମୋର ବେଶୀ ପାଠ ପଢିନି । ନିଜେ କିଛି ପଢି ପାରେନି ବୋଲି ଆମକୁ ତାଗିଦ୍ କରି ନାଲି ଆଖି ଦେଖେଇ ପାଠ ପଢିବା ପାଇଁ ଜୋର କରେ । ଆମକୁ ବୁଝେଇ କୁହେ ମୁଁ ସିନା ଅନ୍ଧୁଣି ହେଲେ ତମ ମାନଂକର ଆଖି ଅଛି ତୁମରି ଆଖିରେ ମୁଁ ବି ଦୁନିଆଁ ଦେଖିବି । ଆମେ ବୁଝି ପାରୁନି ବୋଉ ଆମକୁ ଅନ୍ଧୁଣୀ ବୋଲି କାହିଁକି କୁହେ । ସିଏ ତ ସବୁ କରିପାରେ ତା ବିନା ଏ ଘର ଅନ୍ଧାର ହେଲେ ବୋଉ କହେ ମୁଁ ଅନ୍ଧୁଣୀ ।

ଏ କଥା ବୋଉକୁ ମୁଁ ପଚାରିଲି ବୋଉ ହସିଲା ଆଉ କହିଲା ରହ କହିବି ତତେ ଶୋଇଲା ବେଳେ ଗପଟିଏ କହିବି ତୁ ଠିକ୍ ବୁଝିଯିବୁ । ମନଟା ଭାରି ବ୍ୟସ୍ତ ଲାଗୁଥାଏ କେତେବେଳେ ବୋଉର କାମ ସରିବ ଆଉ ବୋଉ ଶୋଇବାକୁ ଆସିବ । ଜେଜେ, ଜେଜେମା, ବାପା ଆଉ ଆମେ ଭାଇ ଭଉଣୀ ସମସ୍ତେ ଖାଇ ସାରିଲେ ବୋଉ ଖାଏ । ରୋଷେଇ ଘର ପରିଷ୍କାର କରି ଧୁଆ ଧୋଇ ହୋଇ ବୋଉ ଶୋଇବାକୁ ଆସେ ।

ବୋଉ ମୋ ମୁଣ୍ଡ ଆଉଁସି ଦେଲେ ମୁଁ ଶୋଇପଡେ । ସେଦିନ କିନ୍ତୁ ନିଦ ହେଉ ନ ଥାଏ । ବୋଉ ଗପ କହିବାକୁ କହିଛି ଶୁଣିବି ତାପରେ ଯାଇ ଶୋଇବି । ବୋଉ କାମସାରି ମୋ ପାଖରେ ଆସି ଶୋଇଲା । ମୁଁ କହିଲି ବୋଉ ତୁ କହିଥିଲୁ ଗପ କହିବୁ କହୁନୁ । ବୋଉ ଆରମ୍ଭ କଲା ।

ଗୋଟିଏ ଦେଶରେ ଗୋଟିଏ ରାଜା ଥିଲେ । ସେ ରାଜା ତାଙ୍କ ମହାମନ୍ତ୍ରୀଙ୍କୁ ଆଦେଶ ଦେଇ କହିଲେ ।

ମହାମନ୍ତ୍ରୀ ମୋ ଦେଶରେ ଯେତେ ଅନ୍ଧ ଅଛନ୍ତି କାଲି ସମସ୍ତଙ୍କୁ ଆଣି ମୋ ରାଜ ଦରବାରରେ ହାଜର କରାଇବ । ମହାମନ୍ତ୍ରୀ ଯଥା ଆଜ୍ଞା କହି ଦଣ୍ଡବତ ହେଲେ ।

ତହିଁ ଆରଦିନ ସକାଳୁ ରାଜା ଆସି ଦରବାରରେ ପହଞ୍ଚିଲେ । ମହାମନ୍ତ୍ରୀଙ୍କୁ ଡକାଗଲା । କାଲି ଦେଇଥିବା କାର୍ଯ୍ୟକୁ ସଠିକ୍ ଭାବରେ ତୁଲେଇଛନ୍ତି କି ନାହିଁ ପଚରାଗଲା । ଆଜ୍ଞା ହଜୁର କହି ମହାମନ୍ତ୍ରୀ ନତମସ୍ତକ ହୋଇ ଠିଆ ହୋଇ ରହିଲେ ।

ରାଜା ଆଦେଶ ଦେଲେ ସେମାନଙ୍କୁ ଆଣି ରାଜ ଦରବାରରେ ହାଜର କରାଯାଉ । ସଙ୍ଗେ ସଙ୍ଗେ ମହାମନ୍ତ୍ରୀ ସମସ୍ତଙ୍କୁ ରାଜାଙ୍କ ସମ୍ମୁଖରେ ଆଣି ଛିଡ଼ା କରିଦେଲେ । ସମସ୍ତଙ୍କୁ ଦେଖି ରାଜା ଆଶ୍ଚର୍ଯ୍ୟ ହୋଇଗଲେ ଓ ମହାମନ୍ତ୍ରୀଙ୍କ ଉପରେ ଗର୍ଜି ଉଠିଲେ ଏ କଣ ମହାମନ୍ତ୍ରୀ ମୁଁ ତୁମକୁ କ'ଣ କହିଥିଲି ତମେ କଣ କରିଛ ।

ରାଜାଙ୍କ ଆଦେଶର ଅବମାନନା କରି ଥିବାରୁ ମହାମନ୍ତ୍ରୀଙ୍କୁ ଶୁଳି ଦଣ୍ଡ ଦେବା ପାଇଁ ଆଦେଶ ଦିଆଗଲା । ମହାମନ୍ତ୍ରୀ ଯାହା କହିବାକୁ ଚାହୁଁ ଥିଲେ ତାହା ମଧ କହି ପାରିଲେ ନାହିଁ । ମଥା ପାତି ରାଜାଙ୍କ ଆଦେଶକୁ ପାଳନ କଲେ । ଶେଷରେ ଶୁଳି ଉପରକୁ ନିଆଗଲା । ମହାମନ୍ତ୍ରୀଙ୍କୁ ତାଙ୍କର ଶେଷ ଇଛା କ'ଣ ବୋଲି ପଚରାଗଲା । ମହାମନ୍ତ୍ରୀ ଏତିକି କହିଲେ ମୋର ଶେଷ ଇଛା ଯେଉଁ ଲୋକମାନଙ୍କୁ ଆଖି ଥାଉ ଥାଉ ମୁଁ ଅନ୍ଧ ବୋଲି ଆଣି ରାଜ ଦରବାରରେ ଠିଆ କରିଛି ସେଇ ମାନଙ୍କ ମୁହଁରୁ ଭାଗବତ ଗୀତାର ଗୋଟିଏ ଗୋଟିଏ ପଦ ଶୁଣିବାକୁ ଚାହେଁ । ସେଇଥିରେ ମୋ ଆତ୍ମା ଶାନ୍ତି ପାଇବ ମୁଁ ଶାନ୍ତିରେ ମରି ପାରିବି ।

ମହାମନ୍ତ୍ରୀଙ୍କ କହିବାନୁଯାୟୀ ସମସ୍ତଙ୍କୁ ଭାଗବତ ବହି ଖଣ୍ଡେ ଖଣ୍ଡେ ଦିଆଗଲା ଓ ଗୋଟିଏ ଗୋଟିଏ ପଦ ପାଠ କରିବା ପାଇଁ କୁହାଗଲା । ସମସ୍ତେ ବହିକୁ ଅନେଇ ରହିଲେ କିନ୍ତୁ କାହାରି ପାଟିରୁ ଗୋଟିଏ ବି ଶବ୍ଦ ଶୁଭିଲା ନାହିଁ । ଶୁଳି ଦେବାର ସମୟ ଗଡ଼ି ଯାଉ ଥିବାରୁ ରାଜା ପାଟି କରି ଉଠିଲେ । କଣ ହେଉଛି ଏସବୁ ଯଥା ଶୀଘ୍ର ଭାଗବତ ପାଠ କରାଯାଉ ଓ ଶୁଳି କାର୍ଯ୍ୟ ସମାପନ କରାଯାଉ ।

ରାଜାଙ୍କ ତାଗିଦ୍‌ର କୌଣସି ପ୍ରକାରର ଫରକ ପଡ଼ିଲା ନାହିଁ । ଏଥର ମହାମନ୍ତ୍ରୀ ଆଉ ଚୁପ୍ ରହିଲେ ନାହିଁ । କହିଲେ ମହାରାଜ ଏମାନଙ୍କର ଆଖି ଅଛି ସତ କିନ୍ତୁ ଏମାନେ ଜଣେ ଜଣେ ଅନ୍ଧ । କାରଣ ମୁର୍ଖଠାରୁ ବଳି ଅନ୍ଧ ଏ ସଂସାରରେ ବିରଳ । ଆପଣ କହିବା ଅନୁସାରେ ମୁଁ ଆଖି ଥିବା ଲୋକ କେମିତି ଅନ୍ଧ ହୋଇପାରେ ଜଣାଇବା ପାଇଁ ଏ ରାଜଦରବାରରେ ଏମାନଙ୍କୁ ଆଣି ଛିଡ଼ା କରାଇଛି । ରାଜା ନିଜର ଭୁଲ୍ ବୁଝିପାରିଲେ । ମହାମନ୍ତ୍ରୀଙ୍କୁ ଶୁଳି ଦଣ୍ଡରୁ ମୁକ୍ତ କରାଗଲା ।

ଶେଷରେ ବୋଉ ଏତିକି କହିଲା ମୁଁ ସିନା ସବୁ କରିପାରେ ହେଲେ ମୁଁ ଗୋଟିଏ ଅନ୍ଧ ସହିତ ସମାନ । ବୋଉ ଆଖିରୁ ଲୁହ ଦି ଟୋପା ଝରି ଆସି ମୋ ଗାଲରେ ପଡ଼ିଲା । ଭାରି ଉଷୁମ ଥିଲା ଲୁହ ଦି ଟୋପା ।

+ସମଲ, ତାଳଚେର, ଅନୁଗୋଳ

# ଦିନ ବେଳିଆ ଲଣ୍ଠନ

ଘନଶ୍ୟାମ ପଲେଇ



ନରିଆ ବିଲରୁ ଖଟି ଖଟି ଆସି ଥକାମାରି ଶରୀରଟାକୁ ଖଟରେ ଗଡେଇ ଦେଇଥାଏ । ଏହା ଭିତରେ ତା'ର କେତେବେଳେ ଆଖି ଲାଗି ଯାଇଛି, ସେ ନିଜେ ଜାଣିପାରି ନାହିଁ । ହଠାତ୍ ଚେଇଁ ଦେଖେ ତ... ସେପଟ ଖଟରେ ମାଳତୀ ଛୁଆଟିକୁ କୋଳରେ ଧରି କେତେବେଲୁ ନିଘୋଡ ନିଦରେ ଶୋଇ ପଡିଛି । ନରିଆର ମନଟା ଏକ ପ୍ରକାର ଅଥୟ । ଚଳନ୍ତା ପଙ୍ଖାର ପର ଗୁଡିକ ପରି ନରିଆର ମନଟି ସ୍ଥିର ରହୁନି । ପର ଗୁଡିକ ଘୁରି ଘୁରି ଗୋଟିଏ ଜାଗାରେ ଲାଖି ରହିଲା ପରି, ମନଟି ଘୁରି ଘୁରି ପୁଣି ସେହି କଥାପାଖକୁ ଆସି ଯାଉଛି । ଭାବି ହେଉଛି ସେଇ କୁଜି ନେତାର କଥା....

କୋରନା ପରେ ପୁନର୍ଜନ୍ମ ଲାଭ କରି ଫେରିଛି ସୁରଟରୁ ନରିଆ । ଏ ବର୍ଷ ପୁଣି ଥରେ ଭୋଟ ଦେବ ଗାଁରେ । ଗଣତନ୍ତ୍ରର ମହାପର୍ବରେ ଏଥର ସାମିଲ ହେବ, ଖୁସି କହିଲେ ନ ସରେ । ନିଜ ମନମୁତାବକ ପ୍ରାର୍ଥୀକୁ ଭୋଟ ଦେଇ ବାଛିବ । ଯିଏ ନିଜ ଅଞ୍ଚଳର ବିକାଶ କରିବ ସେ ପ୍ରକୃତ ପ୍ରାର୍ଥୀ । କାହା କଥାରେ ପଡିବନି କି ଲୋଭରେ ଭାସି ଯିବନି । ହେଲେ ସଞ୍ଜ ସଞ୍ଜକୁ ଅନ୍ଧାରିଆ ଦେଖି ଧରେଇ ଦେଇଥିଲା, ବାନା ପ୍ରଧାନୀ ଦୁଇଟା ଭୋଟକୁ ଦୁଇ ହଜାର । ଆଉ କହିକରି ଯାଇଛି ତା' ଦଳୀୟ ଚିହ୍ନର କଥା । ପଇସା ଧରିଲାବେଳେ ହାତଟା ଥରୁଥିଲା ନରିଆର । ନିଜ ବିବେକ ନିଜକୁ ବାଧା ଦେଉଥିଲା । ହେଲେ ତାଙ୍କର ଉଦ୍ଦେଶ୍ୟ... ଟଙ୍କା ଦୁଇ ହଜାର ଗୋଟିଏ ଗରିବୀ ମନକୁ କିଣିବା ପାଇଁ ଯଥେଷ୍ଟ । ପାଟିରୁ କଥା ବାହାରିଲାନି... ମନା କରିବାକୁ । ସେଇଠୁ ମନଟା ଖାଲି ଗୋଳେଇ ଘାଣ୍ଟି ହେଉଛି । କଥାରେ ଅଛି ପରା 'ଚିନ୍ତା ଖାଏ ଗଣ୍ଡି ଲୁଣ ଖାଏ ହାଣ୍ଡି' । ତେଣୁ ଅଚିନ୍ତାରେ ଶୋଇପାରୁଛି ନା ସେ ଦୁଇ ହଜାର ଟଙ୍କା ଶୁଆଇ ଦେଉଛି । ଭାବୁଛି... ଟଙ୍କା ପାଇ ହୋଇ ପାରିବନି ବେଇମାନ୍... ।

ବେଶୀ ଖରାରେ ଯିବାଟା ଠିକ୍ ହେବ ନାହିଁ । ଆଗ ଭୋଟ କାମଟା ସାରି ଦେଲେ, ତାହା ପରେ ଯାହା ବିଚାର । ଭୋଟ କେନ୍ଦ୍ରରେ ପହଞ୍ଚିଲା ବେଳକୁ ଲାଗିଛି ଲମ୍ବା ଲାଇନ୍ । ଦୁଇ ଘଣ୍ଟା ଲମ୍ବା ଲାଇନରେ ଛିଡା ହେଲା ପରେ ପଡିଲା ପାଳି । ଆଙ୍ଗୁଟିରେ କାଳି ଲଗାଇ, ବୀରଦର୍ପରେ ପଶିଲା ବାଲାଟ୍ ଏବଂ ଭିଭି ପାଟ୍ ମେସିନ ଥିବା କୋଠରୀକୁ... । ହେଲେ ଭୋଟ ନ ଦେଇ ଛିଡା ହୋଇ ରହିଲା ବୋକାଙ୍କ ପରି । ପ୍ରିଜାଇଡିଂ ଅଫିସର ପାଟି କରି ଉଠିଲେ - ଆଜ୍ଞା ! ଭୋଟ ଦେଇ ଶୀଘ୍ର ଆସନ୍ତୁ,ପଛ ଲୋକ ଛିଡା ହୋଇଛନ୍ତି ।




ହେଲେ ତାକୁ କିଛି ଶୁଭୁ ନ ଥାଏ, ଜଡ ମୁକ ବଧିର ପରି ସେ ଚାହିଁ ରହିଥାଏ... ଭାବି ହେଉଥାଏ, ଦୁଇ ହଜାର ଟଙ୍କା କଥା.... ଏପଟୁ ମାରିଲେ ବ୍ରହ୍ମ ହତ୍ୟା ସେପଟୁ ମାରିଲେ ଗୋହତ୍ୟା.... ।

ବିଳମ୍ବ ହେଉଥିବାର ଦେଖି ପ୍ରିଜାଇଡିଂ ଅଫିସର ପାଖକୁ ଯାଇ ପଚାରିଲେ – କ'ଣ କରୁଛ ବାବୁ ? ସାର ! ହଁ... ହଁ... ଦେଖୁଥିଲି । ମାନେ... ଖୋଜୁଥିଲି । ସବୁଥର ପରି ଏଥର କାଇଁ ଦେଖାଯାଉନି... ସେଇ ଲଣ୍ଠନଟା । କୁଆଡେ ଗଲା ? କିଏ ନେଲା ?

--- ଇଭିଏମ ଆସିଲା ପରଠୁ ବୋଧହୁଏ ତାହା ହଟି ଗଲାଣି । ଲଣ୍ଠନ ଉଠି ଗଲାଣି ଏବେ ବ୍ୟାଟେରୀ ଲାଇଟ୍ ।

--- ମାନେ ଆଉ ଆମକୁ କେହି ଦେଖେଇ ପାରିବେନି ଦିନବେଳେ ଲଣ୍ଠନ । ଭଲ... ଭଲ... ବଢିଆ କହି ଖୁସି ହୋଇଗଲା । ଆଉ ଇଭିଏମ ବଟନ ଫଟାଫଟ୍ ଦବେଇ ଗଡ ଜିତିଲା ପରି ବାହାରକୁ ବାହାରି ଆସିଲା । ଖୁସିରେ ନରିଆ ସ୍କୁଲ ହତା ଭିତରୁ ବାହାରି ଆସୁଥିବା ଦେଖି ବାହାରେ ଜଗିଥିବା, କୁଜି ନେତା ଜଣକ ପଚାରିଲେ - ଆରେ... ନରିଆ ! ଠିକ୍ ଜାଗାରେ ଭୋଟ ଟା ଦେଇଛୁ ତ.... ?


ନରିଆ ହସି ହସି କହିଲା - ହଁ ... ଭାଇ ଦେଇଛି ନା... ! ଦିନ ଆଲୁଅକୁ ଚିରି ପକାଉଥିବା ଲଣ୍ଠନଟା ପରା ଆଉ ନାହିଁ ସେଇଠି । ତେଣୁ ଦିନରେ ଆଉ ଲଣ୍ଠନ ଦେଖିବାର ନାହିଁ । ଠିକ୍ ଜାଗାରେ ହିଁ ଦେଇଛି ଭୋଟ । ଦିନରେ ସମସ୍ତଙ୍କୁ ଲଣ୍ଠନ ଦେଖାଉ ଥିବା କୁଜି ନେତାଟା କିଛି ନ ବୁଝିଲା ପାରି, ତା' ଆଡକୁ ଆଁ କରି ଘଡିଏ ଚାହିଁ ରହିଲା । ନରିଆ ଚାଲି ଯାଉଥିଲା ତା ବାଟେ ବାଟେ । କୁଜି ନେତାଟି ତାକୁ ଚାହିଁ ମନେ ମନେ ଭାବୁଥିଲା -- 'ସତରେ ତ.... ! ଇଲେକସନ ବାଲାଏ ସିନା ଲଣ୍ଠନ ଉଠେଇ ଦେଲେ କିନ୍ତୁ ଆମେ ଏହି ସାଧାରଣ ନିରୀହ ଜନତାଙ୍କୁ ଦିନ ବେଳିଆ ଲଣ୍ଠନ ଦେଖେଇବା ତ ଉଠେଇ ପାରି ନାହୁଁ... ଆମର ହାରକିନ୍ ଜାରି ରହିଛି...

+ଟେନସା, ସୁନ୍ଦରଗଡ-୭୭୦୦୪୨
ମୋ- ୯୪୩୭୭୧୮୫୦୦

# ସ୍ୱାଭିମାନ



ପଦ୍ମାଳୟା ସାମଲ



ବୁଢା ବାପାକୁ ଛିଗୁଲେଇ କହିଚାଲିଛି ତରୁଣ । 'କିହୋ ! ତମେ କୁଆଡେ ସରକାରୀ ଚାକିରି କରୁଥିଲ ! କଣ କଲ ଚାକିରି କରିକି ? ଛୁଆ ଚାରିଟା ଜନ୍ମ କରିଦେଇ ବସିଗଲ ନିଧଡକ । ଇରେ ତାଙ୍କ ପାଇଁ କଣ ରଖିଛ ? ପଚାରିଲା ବେଳକୁ ପାଟି ଫିଟୁନି । ଏ ଯେଉଁ ଯୁଗ ହେଲାଣି, ଆମର ବେସରକାରୀ ଚାକିରିରେ ଆମେ କଣ ବା କରିପାରିବୁ । ସେଥିରେ ପୁଣି ବୋଝ ଉପରେ ନଳିତା ବିଡା ଭଳି ତିନି ଭଉଣୀଙ୍କର ବାହାଘର ନଦିଦେଲ ମୋ ଉପରେ । କଣ ନା ପୁଅ ବୋଲି ଗୋଟାଏ । ମତେ ତ ହାତରେ ନ ମାରି ଭାତରେ ମାରିଲ ନା ! ତିନି ତିନିଟା ଝିଅ ଜନ୍ମ କରୁଥିଲ କାହିଁକି ? ବାହାଘର ପରେ କୋଉ ସରିଗଲା ! ଭାର ଥୋର ତ ଅଟକୁନି କେବେ । କଣ ରଖିଛ ତୁମ ଏକମାତ୍ର ପୁଅ ପାଇଁ ? ଖାଲି ଦହଗଞ୍ଜ କରି ମାରିବାକୁ ମତେ ଯାହା ଜନ୍ମ କରିଛ । ଖାଲି ସେତିକି ନୁହେଁ ବିନା ଯୌତୁକରେ ଘରକୁ ବୋହୂ ଆଣି ଯେଉଁ ସୁନାମ ଅର୍ଜନ କଲ, ସେ ଫଳ ବି ମତେ ଭୋଗିବାକୁ ପଡୁଛି । ଶ୍ୱଶୁରଘରୁ ଛଦାମଟିଏ ବି ମିଳିଲାନି । ମିଳନ୍ତା ବି କେମିତି ! ତୁଣ୍ଡ ଖୋଲି କହିଲ ବି ନାହିଁ । କଣ ନା ମୁଁ ଯୌତୁକ ଦେଇନି କି ନେବିନି । ବଡ଼ ଆଦର୍ଶ କାମଟା କରିଦେଲ । ମା ଗଲାନି ଯେ ସବୁଯାକ ଦୁଃଖ ଦେଇ ଗଲା ମତେ ।'

ଶ୍ୟାମସୁନ୍ଦର ପୁଅର କଟୁକଥା ଆଉ ସହି ପାରିଲେନି । ଚିତ୍କାର କରି କହିଲେ - ରଖିଛିରେ, ତୋ ହିସାବ ଖାତା ଖୋଲ । ତୋ ମା ଜନମ କରି ଲାଳନପାଳନ ବାବଦକୁ କେତେ ଖର୍ଚ୍ଚ କଲା, ତୁ ଖାଇପିଇ ପାଠ ପଢି ବାହାତୋଳା ହେଲୁ, କେତେ ଖର୍ଚ୍ଚ ହେଲା, ତୁ ଚାକିରି କଲା ପର୍ଯ୍ୟନ୍ତ ତୋତେ ପୋଷିଲା ବାବଦକୁ ମୋ ଦରମାର କେତେ ଗଲା, ସବୁ ସବୁ ହିସାବ କରରେ ପୁଅ । ତା'ପରେ କଣ ରଖିଲି କହ । ତୁ ତ ମୋର ସମ୍ପତ୍ତି, ମୁଁ ପୁଣି ରଖିବି କଣ ! ଜୀବନସାରା ତୋତେ ସାହାଯ୍ୟ କରିବାକୁ ସରକାରୀ ଚାକିରି କରୁଥିବା ଜୀବନସାଥୀଟିଏ ବାଛିଦେଲି । ତା ଠାରୁ କଣ ଯୌତୁକ ବଳି ! ଗାଁରେ ଟୁବି ଗାଡିଆରେ ମାଛ ବିହନ ଛାଡ଼ିଥିଲି ଏଇନେ କେତେ ବଡ଼ ହେଇଯିବେଣି । ଚାଳିଶିଟା ନଡ଼ିଆ ଗଛ ପକେଇଛି, ତାକୁ ଭୂତ ଖାଉଛି । ଆମ୍ବ ଗଛ, ପଣସ ଗଛ, କଦଳୀ ଗଛ କଣ ବାଡ଼ିରେ ନାହିଁ ? ତୁ ସହର ଛାଡ଼, ଗାଁକୁ ଚାଲ, ଜମି ପଡିଛି ଅପର୍ଯ୍ୟାପ୍ତ ଚାଷ କର । ପେଟରେ ଭୋକ ଥିଲେ ବି କିଏ ମହଣ ମହଣ ଖାଏନିରେ । ମୁଠାଏ ପେଟପୁରା ଖାଏ । ଆରେ ! ଯାହା ଜୀବନସାରା ଖର୍ଚ୍ଚ କଲେ ସରେନି ତାକୁ ତୋ ପାଇଁ ସାଇତି ରଖିଛି । ତୋ ପାଇଁ ମୁଁ ଯେଉଁ ସ୍ୱାଭିମାନ, ଆତ୍ମସମ୍ମାନ ଟିକକ ରଖିଛି ତୁ ତ ମୁଣ୍ଡ ଟେକି ବାଟ ଚାଲିବୁ ତମାମ ଜୀବନ ।

ଶ୍ୱଶୁରଙ୍କର ବଡ଼ ପାଟି ଶୁଣି ଧାଇଁ ଆସିଲା ସୁରେଖା । ତା ଜୀବନର ସବୁଠାରୁ କରୁଣ ମାନସିକତା ହେଲା ନିଜ ସ୍ୱାମୀ, ଯିଏ ନିଜ ବାପାକୁ କଟୁ କଥା କୁହନ୍ତି । ଆଉ ତାରି ଆଗରେ ତା ଶ୍ୱଶୁର ଯନ୍ତ୍ରଣାରେ କଲବଲ ହୁଅନ୍ତି । ଅନେକ ଦିନ ପୂର୍ବରୁ ନିଜ ସ୍ତ୍ରୀକୁ ହରେଇଛନ୍ତି ସେ । ନଣନ୍ଦମାନଙ୍କ ଠାରୁ ଶୁଣିଛନ୍ତି ଶ୍ୱଶୁର ସ୍ତ୍ରୀ ବିନା ଏକୁଟିଆ ଜୀବନ ସହିତ ଯୁଝିଯୁଝି ପିଲାମାନଙ୍କୁ ବଡ଼ କରିଛନ୍ତି । ସେଥିପାଇଁ ଦିନେ ହେଲେ ସେ ଶ୍ୱଶୁରଙ୍କ କଥାକୁ ଅମାନ୍ୟ କରେ ନାହିଁ । ବରଂ ନିଜ ପୁଅକୁ ଜେଜଙ୍କ ସହ ମିଳାମିଶା କରିବାକୁ ସବୁବେଳେ ସୁଯୋଗ ଦିଏ ।

ମାଆ ପଛେ ପଛେ ଦଶବର୍ଷର ନାତି, କାହ୍ନା, ଦୌଡ଼ି ଆସିଲା । ଜେଜେଙ୍କ ପାଖକୁ ଯାଇ କହିଲା,' ମାମା କହୁଥିଲା, ଜେଜେ ତୁମେ କୁଆଡେ ବହୁତ ଦାମିକିଆ ଜିନିଷ ଲୁଚାଇ ରଖିଛ । ମାଗିଲେ ଦେବ ନା ? ତମେ ମତେ ସବୁ ଦେଇଦିଅ ଜେଜେ । ମୁଁ ତାକୁ ସାଇତି ରଖିବି । ବାପା ସବୁବେଳେ ତମ ସହିତ କଳି କରୁଛନ୍ତି । ତାଙ୍କୁ କିଛି ଦିଅନା । 'ଶ୍ୟାମସୁନ୍ଦରଙ୍କର ଖାଲୁଆ ଆଖିରେ ଲୁହ ଜକେଇ ଆସିଲା । ଜୀବନସାରା ଯେଉଁ ସ୍ୱାଭିମାନ ନେଇ ସତପଥରେ ବଞ୍ଚିଲେ, ଆଜି ପୁଅ ତାକୁ ଗ୍ରହଣ କରିବାକୁ ରାଜି ନୁହେଁ । ଅଥଚ ଦଶ ବର୍ଷର ନାତି ଜୀବନ ବିଷୟରେ ଅନଭିଜ୍ଞ ଥାଇ ମାଗୁଛି । କହୁଛି, ମତେ ଦିଅ ଜେଜେ ମୁଁ ତାକୁ ସାଇତିବି । ନାତିର ମୁଣ୍ଡ ଆଉଁସି କହିଲେ,' ତୁ ତ ମୋର ସବୁଠୁ ବଡ଼ଚିଜରେ କାହ୍ନା । ତତେ ଦେବିନି ତ ଆଉ କାହାକୁ ଦେବି ! ତୋ ବାପା ସିନା ବୁଝିଲା ନାହିଁ, ହେଲେ ସେ ସଂସ୍କାର ତୋ ଠି ଅଛି, ତତେ ତୋ ମା ଦେଇଛି । ତୁ ମୋର ଚଳନ୍ତି ଭଣ୍ଡାର । ମୋ ପରମ୍ପରାର ବିଶାଳବୃକ୍ଷ ହୋଇ ଦିନେ ଠିଆ ହେବୁ ସେ ବିଶ୍ୱାସ ମୋର ତୋ ଉପରେ ଅଛି । ଆତ୍ମା ଯୋଉଥିରେ କଷ୍ଟ ପାଏ ସେ କାମ କେବେ କରିବୁନିରେ । ଆତ୍ମାକୁ ସମ୍ମାନ ଦେବୁ, ସ୍ୱାଭିମାନର ସହିତ ବଞ୍ଚିବୁ । ଦଶ ବର୍ଷର ନାତି ଜେଜେଙ୍କ କଥାରୁ କଣ ବୁଝିଲା କେଜାଣି ନିଜ ହାତରେ ଜେଜେଙ୍କ ଲୁହ ପୋଛିଦେଲା । ଆଉ କହିଲା,' ଜେଜେ ତମେ ଜମା କାନ୍ଦନି । ମୁଁ ବଡ଼ ହେଲେ ସବୁ ଠିକ କରିଦେବି ।'

ଅତି ପାଖରୁ ଏ ଦୃଶ୍ୟ ଦେଖି ସୁରେଖାର ଛାତି କୁଣ୍ଢେମୋଟ ହୋଇଗଲା ।

+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

# .. ଝରକାପାଖ ସିଟ୍ ..

ମନୋଜ କୁମାର ବେହେରା



ବହୁତଖୁସି ଥିଲା ରମା ଆଜି । କାହିଁକି ଅବା ଖୁସି ହେବନାହିଁ ସେ ? ବହୁତବର୍ଷ ପରେ ସାଙ୍ଗମାନଙ୍କ ସହିତ ମା'ବୈଷ୍ଣୋ ଦେବୀଙ୍କ ଦରବାରକୁ ଯିବାର ସୌଭାଗ୍ୟ ମିଳିଥିଲା ତାକୁ । ରମାକୁ ବସ୍‌ରେ ବସି ବସି ଶୋଇବା ପସନ୍ଦ ନଥିଲା ଜମାରୁ । ତେଣୁ ସେ ଝରକା ପାଖ ସିଟ୍‌ରେ ବସି ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରୁଥିଲା । ଆଉ ସେ ସବୁକୁ ନିଜ ମୋବାଇଲ୍‌ରେ ବନ୍ଦୀ କରି ଚାଲିଥିଲା । ଗୋଟିଏ ଜାଗାରେ ଯାତ୍ରୀମାନଙ୍କର ଭୋଜନ ପାଇଁ ଅଟକାଗଲା ବସ୍‌କୁ । ଯେତେବେଳେ ସେ ଖାଇସାରି ବସ୍‌ରେ ଉଠିଲା ସେତେବେଳେସ ଦେଖିଲା ତା'ବସିବା ଜାଗାରେ ତା'ର ସାଙ୍ଗ ଅନୁ ବସିଛି । ସେ ଅନୁକୁ ଅନୁରୋଧ କଲା ତାକୁ ସେହି ଝରକା ପାଖ ସିଟ୍‌ଟା ଛାଡି ଦେବା ପାଇଁ । ଅନୁ ତୁରନ୍ତ ଖାଲି କରିଦେଲା ସେହିସିଟ୍‌କୁ । ପୁଣି ଥରେ ଚମକ ଫେରି ଆସିଲା ଅନୁରଚେହେରାରେ । ସେ ନିଜର ମୋବାଇଲ୍‌କୁ କାଢି ପ୍ରକୃତିର ଅମୂଲ୍ୟ ଚିତ୍ର ନେବାରେ ବ୍ୟସ୍ତ ହୋଇଗଲା ପୁଣି ଥରେ ।

କିଛି ସମୟ ପରେ ରମା ଦେଖିଲାକି ଅନୁ ମଧ୍ୟ ବାହାରକୁ ଟିକିଏଟିକିଏ ଅନେଇ ନିଜ ମୋବାଇଲ୍‌ରେ ପ୍ରକୃତିର ପିକ୍‌ଚର ଉଠେଉଛି । କିଛି ସମୟ ପରେ ସନ୍ଧ୍ୟାବେଳର ଚାହା-ପାନ ପାଇଁ ପୁଣି ଥରେ ଅଟକାଗଲା ବସ୍‌କୁ । ସବୁ ସାଙ୍ଗମାନେ ଏକାଠିବସି ଦେଶର ବର୍ତ୍ତମାନର ସମୟର ରାଜନୀତି ଉପରେ ଚର୍ଚ୍ଚା କରିବା ଆରମ୍ଭ କରିଦେଲେ । ସେମାନଙ୍କ ଭିତରୁ ଅନୁ କହିଲାକି କେମିତି ଆମ ଦେଶର କର୍ଣ୍ଣଧାରଙ୍କର ସ୍ତର କେମିତି ତଳକୁତଳକୁ ଖସିବାକୁଲାଗିଛି.. ଦେଶ ବିଷୟରେ କେମିତି କେହି ଟିକିଏ ଭାବୁ ନାହାନ୍ତି । ସମସ୍ତେ କେମିତି ନିଜର ହିତସାଧନାରେ ବ୍ୟସ୍ତ । ନିଜକୁ ବହୁତ ଜାଗ୍ରତ ଭାବୁଥିବା ରମା କିଛି ନ ଭାବି ତୁରନ୍ତ କହିଲା, ବିଚରା ନେତା ଲୋକାମାନେ ଆଉ କ'ଣ କରିବେ ? ସେମାନେ କ'ଣ ଘରୁ ଆଣିକରି ଦେବେ ? ପ୍ରକୃତରେ କଥା କ'ଣ ଜାଣିଛ ସାଙ୍ଗମାନେ, ଆଜିର ମଣିଷ ନିଜ ସ୍ୱାର୍ଥରେ ଅନ୍ଧ । ସେମାନେ କେବଳ ନିଜର ସୁଖସୁବିଧା ଦେଖନ୍ତି, ଅନ୍ୟମାନଙ୍କ ବିଷୟରେ ଆଦୌ ଭାବନ୍ତି ନାହିଁ ।

ରମାର ଏହି କଥା ପଦକ ଶୁଣୁଶୁଣୁ ଅନୁ ସାଙ୍ଗେସାଙ୍ଗେ କହିଲା' ଠିକ୍ କଥା କହୁଛୁ ତୁ । ଦେଖୁନୁ ଏଇଟା ହେଉଛି ଏମିତିଆ କଥା ଯେମିତି ଆମ ଭିତରୁ ପ୍ରତ୍ୟେକ ବ୍ୟକ୍ତି ଝରକା ପାଖ ସିଟ୍‌ରେ ବସିବାକୁ ଚାହାନ୍ତି । ହେଲେ ଏଇଟି କିଏ କଥା ଭୂଲି ଯାଆନ୍ତି କି ବାହାର ସ୍ୱଛ ପବନ ଆଉ ପ୍ରକୃତିର ମନଲୋଭା ଦୃଶ୍ୟ ଆମକୁ ଯେମିତି ଭଲ ଲାଗେ, ସେମିତି ଅନ୍ୟମାନଙ୍କୁ ମଧ୍ୟ ଭଲ ଲାଗିପାରେ । ଏହା ହେଉଛି ଆମର ମାନସିକ ସ୍ଥିତି ଯାହା ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଲାଗୁ ହେଇଥାଏ' ।

ଏକଥା ଶୁଣି ରମା ସାଙ୍କୁଡି ଗଲା ଲାଜରେ ଆଉ ଚୁପ୍‌ଚାପ୍ ନିଜ ଜାଗାରୁ ଉଠି ଆସି ବସି ପଡିଲା ବସ୍‌ରେ । ହେଲେ ଏଥର ସେ ଝରକା ପାଖ ସିଟ୍‌କୁ ଛାଡି ଦେଇଥିଲା ନିଜ ସାଙ୍ଗ ଅନୁ ପାଇଁ..

+୨୧୭, ୟୁନିଟ-୯(ଫ୍ଲାଟ)
ବାୟାବାବା ମଠ ଲେନ
ଭୁବନେଶ୍ୱର-୨୨
ମୋ: ୭୯୭୮୮୩୦୬୧୧

# ବ୍ରାହ୍ମଣୀନଦୀର ଜଳସ୍ତର କମିଲା: ସଙ୍କଟ ଏଡ଼ାଇବାକୁ ଅଦିନିଆ ବର୍ଷା ଆବଶ୍ୟକ




| ତାରିଖ | ୨୦୨୪ | ୨୦୨୩ |
|---|---|---|
| ୨୫ | ୧୭୧.୦୨ | ୧୭୧.୫ |
| ୨୪ | ୧୭୧.୧୨ | ୧୭୧.୦୮ |
| ୨୩ | ୧୭୧.୨ | ୧୭୧.୨୨ |
| ୨୨ | ୧୭୧.୨୬ | ୧୭୧.୨ |
| ୨୧ | ୧୭୧.୨୦୦ | ୧୭୧.୧୮ |
| ୨୦ | ୧୭୧.୨୦୦ | ୧୭୧.୧୭ |
| ୧୯ | ୧୭୧.୨୪ | ୧୭୧.୦୮ |
| ୧୮ | ୧୭୧.୨୬ | ୧୭୧.୦୭ |
| ୧୭ | ୧୭୧.୧୨ | ୧୭୧.୦୭ |
| ୧୬ | ୧୭୧.୧୨ | ୧୭୧.୦୭ |
| ୧୫ | ୧୭୧.୩୨ | ୧୭୧.୦୭ |

ରାଉରକେଲା, ୨୬/୫ (ନି.ପ୍ର): ପୂର୍ବ ବର୍ଷ ମେ' ମାସ ତୁଳନାରେ ଏଥର ବ୍ରାହ୍ମଣୀ ନଦୀର ଜଳସ୍ତର କମିଛି। ପ୍ରାୟତଃ, ପ୍ରତ୍ୟେକ ଗ୍ରୀଷ୍ମଋତୁରେ ଜଳସ୍ତର ହ୍ରାସ ପାଇଥାଏ। କିନ୍ତୁ ଗତ କିଛି ବର୍ଷ ହେଲା କ୍ରମାଗତଭାବେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଆଉ ଏହାର ମୁଖ୍ୟ କାରଣ ପାଲଟିଛି ଉପରମୁଣ୍ଡରେ ଅଦିନିଆ ବର୍ଷାର ଅଭାବ। ଶନିବାର ପୂର୍ବାହ୍ନ ୮ଟାରେ ବ୍ରାହ୍ମଣୀ ନଦୀର ଜଳସ୍ତର ମପାଯାଇଥିଲା।

ଆଜି ନଦୀର ଜଳସ୍ତର ୧୭୧.୦୨ ମିଟର ରହିଛି। ଠିକ୍ ବର୍ଷ ପୂର୍ବେ, ଅର୍ଥାତ୍ ୨୦୨୩ ମେ' ୨୫ ତାରିଖରେ ବ୍ରାହ୍ମଣୀର ଜଳସ୍ତର ୧୭୧.୫ ମିଟର ରହିଥିଲା। ଯଦିଓ ଏହି ପରିମାଣ ଉଦ୍‌ବେଗଜନକ ନୁହେଁ; ତେବେ ଆଗାମୀ ଦିନରେ ଅଦିନିଆ ବର୍ଷା ନ ହେଲେ ଜଳସ୍ତର ଆହୁରି ହ୍ରାସ ପାଇବାର ଆଶଙ୍କା ରହିଛି।

ଗତ ବର୍ଷ ମେ' ମାସରେ ଉପରମୁଣ୍ଡରେ ଅଦିନିଆ ବର୍ଷା ହୋଇଥିଲା। ଯଦ୍ୱାରା ଶଙ୍ଖ ଓ କୋଏଲ ନଦୀର ଜଳସ୍ତର ବୃଦ୍ଧି ହୋଇଥିଲା। ଫଳରେ ଶଙ୍ଖ ଓ କୋଏଲ ନଦୀର ମିଶ୍ରଣରୁ ସୃଷ୍ଟି ବ୍ରାହ୍ମଣୀ ନଦୀର ଜଳସ୍ତର ବଢ଼ିଥିଲା। ଏତଦ୍‌ବ୍ୟତୀତ ମନ୍ଦିରା ଡ୍ୟାମ୍‌ର ଗେଟ୍ ଖୋଲିଲେ ବି ବ୍ରାହ୍ମଣୀର ଜଳସ୍ତର ବୃଦ୍ଧି ପାଇଥାଏ। ଏଥର କିନ୍ତୁ ତାହା ଘଟିନଥିବାରୁ ଜଳସ୍ତର ସାମାନ୍ୟ କମ୍ ରହିଛି। ଗତକାଲି ନଦୀର ଜଳସ୍ତର ୧୭୧.୦୨ ମିଟର ରହିଥିବାବେଳେ ୨୦୨୩ ମେ' ୨୪ ତାରିଖରେ ଜଳସ୍ତର ୧୭୧.୦୮ ମିଟର ରେକର୍ଡ କରାଯାଇଥିଲା।

ସେହିଭଳି ପୂର୍ବବର୍ଷ ଓ ଏଥରର ମେ' ୨୩ ତାରିଖରେ ମପାଯାଇଥିବା ଜଳସ୍ତରରେ ବିରାଟ ବ୍ୟବଧାନ ଦେଖିବାକୁ ମିଳିଥିଲା। ମେ' ୨୩ ୨୦୨୩ରେ ଜଳସ୍ତର ୧୭୧.୨୨ ମିଟର ଥିବାବେଳେ ଏଥର ଉକ୍ତ ଦିନ ୧୭୧.୨ ମିଟର ରହିଥିଲା। ଏହି ଜଳସ୍ତର ଯଦିଓ ନିରନ୍ତର ଜଳଯୋଗାଣ ପ୍ରତି କୌଣସି ସମସ୍ୟା ସୃଷ୍ଟି କରିବନାହିଁ ବୋଲି ବିଭାଗୀୟ କର୍ତ୍ତୃପକ୍ଷ କହିଛନ୍ତି। ତେବେ ଆଗାମୀ ଦିନରେ ଉପରମୁଣ୍ଡରେ ଅଦିନିଆ ବର୍ଷାର ଆବଶ୍ୟକତା ରହିଥିବା କହିଛନ୍ତି। ତେବେ ମୌସୁମୀ ଆସିବା ପୂର୍ବରୁ ବର୍ଷା ନହେଲେ ବି ବିଶେଷ ପ୍ରଭାବ ପଡ଼ିବନିବୋଲି କହିଛନ୍ତି,ଯାହାକି ସହରବାସୀଙ୍କୁ ବହୁମାତ୍ରାରେ ଆଶ୍ୱସ୍ତ କରିଛି। ଉଲ୍ଲେଖଯୋଗ୍ୟ, ବର୍ଷା ଦିନେ ପ୍ରତି ଘଣ୍ଟାରେ ନଦୀର ଜଳସ୍ତର ମପାଯାଉଥିବାବେଳେ ଖରାଦିନେ ଦୈନିକ ଥରୁଟିଏ କେବଳ ସକାଳ ୮ଟାରେ ମପାଯାଇଥାଏ। ବିଗତ ଦିନରେ ଅଦିନିଆ ବର୍ଷ ଯୋଗୁଁ ଜଳସ୍ତର ସାମାନ୍ୟ ବଢ଼ିଥିବାବେଳେ ଏବେ ବର୍ଷା ହୋଇନଥିବାରୁ କମିଛି।

# ଶିକାର ବେଳେ ସହଯୋଗୀଙ୍କ ଗୁଳିରେ ୨ ଆହତ



ବୁଗୁଡ଼ା, ୨୬/୫ (ନି.ପ୍ର): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ଅଧୀନ କରସିଂ ପଞ୍ଚାୟତର ପୋକଶୁଙ୍ଗା ଗ୍ରାମରେ ବାରହା ଶିକାର କରିବାକୁ ଯାଇଥିବା ଦୁଇ ଆଦିବାସୀ ଯୁବକ ଅନ୍ୟ ୩ ସହଯୋଗୀ ଶିକାରୀଙ୍କ ଗୁଳିରେ ଆହତ ହୋଇଛନ୍ତି। ସେମାନେ ହେଲେ, ରଘୁନାଥ ଜାନି (୨୧) ଓ ଅବକାଶ ଜାନି (୨୫)। ରଘୁନାଥଙ୍କ ଡାହାଣ ଜଂଘରେ ୩ଟି ଓ ବାମ ଆଣ୍ଠୁ ତଳକୁ ଗୋଟିଏ ଗୁଳି ବାଜିଥିବା ବେଳେ ଅବକାଶଙ୍କ ବାମ ଆଣ୍ଠୁ ତଳକୁ ଗୋଟିଏ ଗୁଳି ବାଜିଥିବା ସୂଚନା ମିଳିଛି। ଆଜି ମଧ୍ୟାହ୍ନରେ ୫ ଜଣ ଯୁବକ ବାରହା ଶିକାର କରିବାକୁ ପୋକଶୁଙ୍ଗା ଗ୍ରାମ ନିକଟ କାଜୁ ଜଙ୍ଗଲକୁ ବନ୍ଧୁକ ଓ ଶିକାରୀ କୁକୁର ସହ ଯାଇଥିଲେ। ରଘୁନାଥ ଓ ଅବକାଶ ଏକ ନାଳ ନିକଟରେ ଛକି ବସିଥିବା ବେଳେ ଅନ୍ୟ ୩ ଜଣ ନାଳର ଅପରପାର୍ଶ୍ୱରେ ଥିଲେ। ଏହି ସମୟରେ ଏକ ବାର୍ହା ପାଣି ପିଇବାକୁ ନାଳକୁ ଆସିଥିବା ଜାଣି କୁକୁର ଦୌଡ଼ିବାରୁ ରଘୁନାଥ ଓ ଅବକାଶ ପଛେପଛେ ଯାଉଥିଲେ। ନାଳର ଅପରପାର୍ଶ୍ୱରେ ପ୍ରସ୍ତୁତ ହୋଇ ରହିଥିବା ୩ ଜଣ ଶିକାରୀ ବାରହାକୁ ଲକ୍ଷ୍ୟ କରି ଗୁଳି ଚଳାଇବା ବେଳେ ତାହା ରଘୁ ଏବଂ ଅବକାଶଙ୍କ ଦେହରେ ବାଜିଥିଲା। ଉଭୟଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ବୁଗୁଡ଼ା ପୁଲିସ ପହଞ୍ଚି ଛାନଭିନ୍ ଜାରି ରଖିଛି। ଅବକାଶ ଓ ରଘୁନାଥ ସଂପର୍କୀୟ ଭାଇ ହୋଇଥିବା ବେଳେ ଉଭୟ ଆନ୍ଧ୍ରପ୍ରଦେଶରେ ଦାଦନ ଖଟୁଛନ୍ତି। ଭୋଟ୍ ଦେବାକୁ ସେମାନେ କିଛିଦିନ ତଳେ ଗ୍ରାମକୁ ଆସିଥିଲେ। ତେବେ ଏମାନେ ବନ୍ଧୁକ କେଉଁଠୁ ଆଣିଥଲେ ଓ ଅନ୍ୟ ୩ ଜଣ ଶିକାରୀ କିଏ ଥିଲେ, ଏନେଇ ଅଧିକ ଖୋଳତାଡ଼ ଆରମ୍ଭ ହୋଇଛି। ଏବେ ସେମାନଙ୍କ ଖୋଜଖବର ମିଳୁନି।

# ନାମ ଫଳକରେ ଓଡ଼ିଆ ବଦଳରେ ଇଂରାଜୀର ବହୁଳ ବ୍ୟବହାର

ଗଞ୍ଜାମ, ୨୬/୫ (ନି.ପ୍ର): ଦକ୍ଷିଣ ଓଡ଼ିଶାର ପ୍ରମୁଖ ବାଣିଜ୍ୟ ସ୍ଥଳି ବ୍ରହ୍ମପୁରରେ ରହିଛି ଅନେକ ବ୍ୟବସାୟ ପ୍ରତିଷ୍ଠାନ । କିନ୍ତୁ, ହଠାତ୍ ଯଦି କେହି ବାହାରୁ ଆସି କୌଣସି ବଜାରକୁ ଯିବେ ତାଙ୍କୁ କୌଣସି ବିଦେଶୀ ବଜାରରେ ପହଂଚିବା ଭଳି ମନେହେବ । ଯାହାରକି ମାତୃଭାଷା ଇଂରାଜୀ, କାରଣ ଯେଉଁ ଆଡେ ଆଖି ବୁଲାଇବ ବଡ ବଡ ଇଂରାଜୀ ଅକ୍ଷରରେ ଲେଖାଥିବା ନାମ ଫଳକ ହିଁ କେବଳ ଦେଖିବାକୁ ପାଇବ । ଓଡ଼ିଶା ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନ ଆଇନ୍ ୧୯୫୬ ମୁତାବକ ସହରାଚଂଳରେ ସ୍ଥାପନ ହୋଇଥିବା କୌଣସି ବ୍ୟବସାୟିକ ପ୍ରତିଷ୍ଠାନ ଯଦି ଏକ ବା ଏକାଧିକ କର୍ମଚାରୀଙ୍କୁ ନିୟୋଜିତ କରିଥାଏ, ତେବେ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାହାର ନାମ ପଞ୍ଜିକରଣ କରିବାକୁ ପଡିବ । ଦୋକାନ ଏବଂ ବ୍ୟବସାୟ ପ୍ରତିଷ୍ଠାନ ସମ୍ମୁଖରେ ନାମ ଫଳକ (ସାଇନ୍ ବୋର୍ଡ଼) ଓଡ଼ିଆ ଭାଷାରେ ଲେଖିବାକୁ ଅଗ୍ରାଧିକାର ଦେବା ସହ ଅନ୍ୟ ଭାଷାରେ ମଧ୍ୟ ଲେଖି ପାରନ୍ତି । ଓଡ଼ିଆ ପରିବର୍ତେ ଇଂରାଜୀ ଭାଷାରେ ଲେଖାଥିବା ନାମ ଫଳକକୁ ବର୍ତମାନ ଅଗ୍ରାଧିକାର ଦିଆଯାଉଥିବା ଦେଖାଯାଉଛି ।

# ୧ କିମି ବୁହାହେଲେ ଗର୍ଭବତୀ: ବାଟରେ ପ୍ରସବ, ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଖି ବୁଜିଲେ



ଦଶପଲ୍ଲା, ୨୬/୫ (ନି.ପ୍ର): ଦଶପଲ୍ଲା ବ୍ଲକ ଅନ୍ତର୍ଗତ କଳସାଖମଣ ପଞ୍ଚାୟତର କଣପାଙ୍କୁ ଗାଁରେ ଜନନୀ ଯନ୍ତ୍ରଣାର ଏକ କରୁଣ ଚିତ୍ର ଦେଖିବାକୁ ମିଳିଛି। ଫୋନ୍ କରିବାରୁ ବିଳମ୍ବରେ ପହଞ୍ଚିଲା ଆମ୍ବୁଲାନ୍ସ। ଅନ୍ୟପାର୍ଶ୍ୱରେ ଗାଁ ଠାରୁ ୧ କିମି ଦୂରରେ ଆମ୍ବୁଲାନ୍ସ ରହିବା ପରେ ଗର୍ଭବତୀ ମହିଳାଙ୍କୁ ୧ କିମି ରାସ୍ତା ବୋହିବାକୁ ପଡ଼ିଥିଲା। ଗାଁ ଠାରୁ ୫ କିମି କଚା ରାସ୍ତାରେ ଆସିବା ପରେ ବାଟରେ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ଶେଷରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଚିକିତ୍ସା ଆରମ୍ଭ ହେଉ ହେଉ ପ୍ରସୂତୀ ମହିଳା ଜଣଙ୍କ ଆଖି ବୁଜିଛନ୍ତି। ସୂଚନା ଅନୁଯାୟୀ ଗ୍ରାମର ପ୍ରଦୀପ ମଲିକଙ୍କ ପତ୍ନୀ ସବିତା ଜାନି ଗତକାଲି ଅପରାହ୍ନ ୪ ଟାରେ ପ୍ରସବ ବେଦନା ପାଇଥିଲେ। ପରିବାର ଲୋକ ଆମ୍ବୁଲାନ୍ସ ଖବର ଦେଇଥିଲେ। ମାତ୍ର ଆମ୍ବୁଲାନ୍ସ ଉପଲବ୍ଧ ନଥିବା ହେତୁ ବିଳମ୍ବରେ ପହଞ୍ଚିଥିଲା। ଗାଁ ଠାରୁ ୧ କିମି ସବିତାଙ୍କୁ ଖଟରେ ବୋହିଆଣି ଆମ୍ବୁଲାନ୍ସକୁ ଆଣିଥିଲେ। ହେଲେ ଗାଁ ଠାରୁ ୫ କିମି ବାଟ ଆସିବା ପରେ ଆମ୍ବୁଲାନ୍ସ ଭିତରେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଏହାପରେ ତାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏକ ସାଲାଇନ୍ ଦେବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ମାତ୍ର ଶିଶୁ ପୁତ୍ରଟି ସୁରକ୍ଷିତ ଥିବା ଜଣାପଡିଛି। ବଡ଼କଥା ହେଉଛି ଉକ୍ତ ଗାଁକୁ ରାସ୍ତା ନଥିବା ହେତୁ ଦୀର୍ଘଦିନ ଧରି ବିବାଦ ଦେଖା ଦେଇଛି। ରାସ୍ତା ନିର୍ମାଣ ଦାବିରେ ସେଠାକାର ଜଙ୍ଗଲରୁ କାଠ କାଟିବାକୁ ବନ ଉନ୍ନୟନ ନିଗମକୁ ବିରୋଧ କରିବା ସହ ଗତ ୬ ମାସ ତଳେ ଉକ୍ତ ରାସ୍ତାରେ ଗ୍ରାମବାସୀ ବନଖଣ୍ଡ ଅଧିକାରୀଙ୍କୁ ଚଳାଇଥିଲେ।

# ବସି ବସି ଆସିଲେ ପୋଲିଂ ଅଧିକାରୀ: ଭୋଟ ଦେଲେନି ୧୧ ଗ୍ରାମର ଲୋକେ

## କଥା ଦେଇ ରଖିଲାନି ପ୍ରଶାସନ, ଜବାବ ଦେଲେ ଲୋକେ




ଦେବଗଡ଼, ୨୬/୫ (ନି.ପ୍ର): ଶନିବାର ସମ୍ବଲପୁର ଲୋକସଭା ଅନ୍ତର୍ଗତ ଦେବଗଡ଼ ବିଧାନସଭା ପାଇଁ ମତଦାନ ହୋଇଥିଲା। ତେବେ, ଦେବଗଡ଼ ଜିଲ୍ଲାର ଦୁଇଟି ବ୍ଲକରେ ଭିନ୍ନ ଭିନ୍ନ ସମସ୍ୟା ନେଇ ୧୧ଟି ଗ୍ରାମର ଲୋକେ ଭୋଟ ବର୍ଜନ କରିଛନ୍ତି। ବାରକୋଟ ବ୍ଲକର ରାଇତାବାହାଳ ପଂଚାୟତର ୭ଟି ଗ୍ରାମ ଏବଂ ତିଲେଇବଣି ବ୍ଲକର କଂସର ପଂଚାୟତର ୪ଟି ଗ୍ରାମର ଲୋକେ ଭୋଟ ଦାନରୁ ବିରତ ରହିଛନ୍ତି। ଏମିତି କି ବୁଥରେ ପୋଲିଂ ଅଧିକାରୀମାନେ କେବଳ ବସିବସି ଫେରିଛନ୍ତି। ମତଦାନ ପାଇଁ ନିର୍ବାଚନ କମିସନଙ୍କ ପକ୍ଷରୁ ବ୍ୟାପକ ସଚେତନତା କରାଯାଉଥିବା ବେଳେ ପୂର୍ବରୁ ପ୍ରଶାସନିକ ଅବହେଳାରୁ ସମ୍ପୃକ୍ତ ଗ୍ରାମରେ ତାହା ବିଫଳ ହୋଇଛି। ସୂଚନା ଅନୁଯାୟୀ, ବାରକୋଟ ବ୍ଲକର ରାଇତାବାହାଳ ପଂଚାୟତ ?ର ଚାରିମଞ୍ଜା ଗ୍ରାମରେ କରାଯାଇଥିବା ୩୩୮ ନମ୍ବର ବୁଥରେ ନିର୍ଦ୍ଧାରିତ ସମୟ ସନ୍ଧ୍ୟା ୫ ଟା ମଧ୍ୟରେ ଗୋଟିଏ ବି ଭୋଟ ପଡ଼ି ନ ଥିବା ଜଣାପଡ଼ିଛି। ୪ ଡେସିମିଲ ଘରଡିହ ଓ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ଦାବି କରି ରାଇତାବାହଲ ପଞ୍ଚାୟତର ଚାରିମଞ୍ଜା, ହରିହରପୁର, ଗଣନାଥପୁର, ଗୋଠମଡା, ଭଗବତପୁର, ରତନପୁର, ସୁନାମୁଣ୍ଡା ତଥା ୭ଟି ଗ୍ରାମର ଭୋଟରମାନେ ଭୋଟବର୍ଜନ କରିଛନ୍ତି। ବୁଥରେ ପୋଲିଂ ଟିମ, ସୁରକ୍ଷା କର୍ମୀ ସହିତ ସକାଳ ୭ଟାରୁ ଭୋଟ ଗ୍ରହଣ ପାଇଁ ବସି ରହିଥିଲେ। ହେଲେ କେହି ଜଣେ ବି ଭୋଟ ଦେବାକୁ ଆସି ନଥିଲେ। ୪ ଡେସିମିଲ ଘରଡ଼ିହ ଓ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ପାଇଁ ଉକ୍ତ ବୁଥର ଦୁଇଟି ଓ୍ୱାର୍ଡର ୫୪୦ ଜଣ ଭୋଟର ଭୋଟ ଦାନରୁ ବିରତି ରହିଥିଲେ। ସଂପୃକ୍ତ ୭ଟି ଗ୍ରାମର ବାସିନ୍ଦା ଭୂମିହୀନ ଥିବାବେଳେ ସେମାନେ ସରକାରଙ୍କ ବିଭିନ୍ନ ଯୋଜନାରୁ ବଂଚିତ ହେଉଥିବା ଅଭିଯୋଗ କରିଛନ୍ତି।

ପ୍ରକାଶଥାଉ କି,ଏହି ୭ ଗ୍ରାମର ଲୋକେ ରେଙ୍ଗାଲି ବହୁମୁଖୀ ଯୋଜନା ଦ୍ୱାରା ବିସ୍ଥାପିତ ହୋଇଥିଲେ। ସେହିପରି ତିଲେଇବଣି ବ୍ଲକର କଂସର ପଂଚାୟତର ଖଜୁରୀଖମଣ, ଭଙ୍ଗମୁଣ୍ଡା, ତୈଳଭାଙ୍ଗୁଣୀ, ଜଗଦଲା, ବିରିଆମ, ଲଇଣ୍ଡା, ହିରନ ଓ ବାଲିଆମ ତଥା ୮ଗ୍ରାମର ବାସିନ୍ଦା ରାସ୍ତା, ସ୍ୱାସ୍ଥ୍ୟ, ବିଜୁଳି ଭଳି ମୌଳିକ ସମସ୍ୟାର ସମାଧାନ ଦାବି କରିଥିଲେ। ଏନେଇ ସେମାନେ ବାରମ୍ବାର ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଶୁକ୍ରବାର ଏହି ୮ ଗ୍ରାମର ଲୋକେ ବିରିଆମ-ଖଜରୁଖମଣ ଛକ ଠାରେ ରାସ୍ତାରୋକ କରିବା ସହିତ ଧାରଣାରେ ବସିଥିଲେ। ଜିଲ୍ଲାପ୍ରଶାସନ ପକ୍ଷରୁ ସେମାନଙ୍କୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ଶନିବାର ସେହି ୮ ଗ୍ରାମରୁ ୧୮୫ ନମ୍ବର ବୁଥରେ ୪ ଗ୍ରାମ ବିରିଆମ, ଲଇଣ୍ଡା, ହିରନ ଓ ବାଲିଆମର ଲୋକେ ଭୋଟ ବର୍ଜନ କରିଛନ୍ତି। ଏଠାରେ ମଧ୍ୟ ପୋଲିଂ ଟିମ, ସୁରକ୍ଷା କର୍ମୀ ସହିତ ସକାଳ ସାତଟାରୁ ଭୋଟ ଗ୍ରହଣ ପାଇଁ ବସି ରହିଥିବା ବେଳେ କେହି ଜଣେ ବି ଭୋଟର ଭୋଟଦେଇନଥିଲେ। ଉକ୍ତ ୪ ଗ୍ରାମବାସୀମାନଙ୍କୁ ପ୍ରଶାସନ ପକ୍ଷରୁ ବୁଝାସୁଝା କରାଯାଇଥିଲା। କିନ୍ତୁ ସେମାନଙ୍କର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ ଭୋଟ ଦେବେ ନାହିଁ ବୋଲି ଗ୍ରାମବାସୀ ଜିଦ ଧରିଥିଲେ।

# ରବିମଣ୍ଡି ୩କୁ ଘୁଚିଂଲା: ୮ହଜାର ୬୮୫ ସଂଦେହାସ୍ପଦ ପ୍ଲଟରୁ ୭୦୦୨ର ସରିଲା ସର୍ଭେ



ଜୟପୁର, ୨୬/୫ (ନି.ପ୍ର): ରବି ମଣ୍ଡି ଶନିବାର ଠାରୁ ଆରମ୍ଭ ହେବାର ଥିଲେ ହେଁ କମ୍ ପରିମାଣର ଧାନ କଟା ଏବଂ କାଳବୈଶାଖୀ ଲାଗି ରହିଛି। ଏହାକୁ ନେଇ ଚିନ୍ତା କରି ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ଜୁନ୍ ୩ତାରିଖ ଦିନ ମଣ୍ଡି ଆରମ୍ଭ କରିବାକୁ ଧାର୍ଯ୍ୟ କରାଯାଇଥିବା ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା କହିଛନ୍ତି। ଥରେ ମଣ୍ଡି ଆରମ୍ଭ କରିବାର ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରିଲେ ତୁରନ୍ତ ଟକୋନ୍ ଆସିଯିବ। ଏବଂ ମଣ୍ଡି ସ୍ୱାଭାବିକ ହୋଇ ଠିକରେ ଚାଲିବା ମଧ୍ୟରେ ଟକୋନରେ ଥିବା ଧାର୍ଯ୍ୟସମୟ ସରିଯିବାର ସମ୍ଭାବନାକୁ ଏଡାଇ ହେବ ନି। ତେଣୁ ସବୁ ରକମର ପରିସ୍ଥିତିକୁ ଦୃଷ୍ଟିରେ ରଖି ମଣ୍ଡି ଆସନ୍ତା ୩ତାରିଖରେ କରାଯିବ ବୋଲି ପ୍ରଶାସନ ଘୋଷଣା କରିଛି। ଅପରପକ୍ଷରେ ୧୨ଟି ଲ୍ୟାମ୍ପ , ୧୯ଟି ମହିଳା ସ୍ୱୟଂ ସହାୟକ ଦଳ ଓ୩ଟି ପାଣିପଂଚାୟତ ମାଧ୍ୟମରେ ୩୪ଟି କ୍ରୟକାରୀ ସଂସ୍ଥା ମାଧ୍ୟମରେ ପଂଜିକରଣ କରିଥିବା ୧୫ହଜାର ୯୧୯ଜଣ ଚାଷୀଙ୍କ ମଧ୍ୟରୁ ୨୪୧ଜଣ ପ୍ରାଥମିକ ଯାଂଚ ଡିଆରସିଏସଙ୍କ ପକ୍ଷରୁ କରାଯିବା ବେଳେ ବାଦ୍ ପଡ଼ିଛନ୍ତି। ସେହିପରି ସଂଦେହାସ୍ପଦ ଥିବା ୮ହଜାର ୬୮୫ଟି ପ୍ଲଟ ସାଟେଲାଇଟ୍ ଚିହ୍ନଟ କରିଥିଲା। ଏଥିରୁ ଆଜି ଯାଏଁ ୭୦୦୨ଟି ପ୍ଲଟର ସର୍ଭେ ସରିଛି। ଏଥିରୁ ୧୨୩୮ଟି ପ୍ଲଟରେ ଧାନ ଚାଷ ହୋଇଛି। ବଳକା ୫୭୬୪ଟି ପ୍ଲଟ ଭୂତ ପ୍ଲଟ ବା ଏହି ପ୍ଲଟରେ ରବି ପାଇଁ ଧାନ ଚାଷ ହୋଇନାହିଁ। ବଳକା ୧୬୮୩ଟି ପ୍ଲଟର ସର୍ଭେ ଜାରୀ ରହିଥିବା ଡିଆରସିଏସଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଅପରପକ୍ଷରେ ଗତ କିଛି ଦିନ ହେବ ହେଉଥିବା କାଳବୈଶାଖୀର ବର୍ଷା ଓ ପବନରେ ପାଚି ଯାଇଥିବା ଜମିର ଧାନ କେଣ୍ଡା ଗୁଡିକ ଶୋଇ ପଡ଼ିଛି। ଏହି କାଳବୈଶାଖୀକୁ ନେଇ ଏବେ ଚିନ୍ତାରେ ଚାଷୀ ପଡ଼ିଛନ୍ତି। ଧାନର ଉତ୍ପତିସ୍ଥଳି ଜୟପୁର ଉପଖଣ୍ଡର ଜୟପୁର, ବୋରିଗୁମ୍ମା, କୁନ୍ଦ୍ରା ଓ କୋଟପାଡ଼ ବ୍ଲକରେ ରବି ସହ ଖରିଫ ଧାନ ଚାଷ କରାଯାଉଛି। ତେଣୁ ରବିର ଧାନ ତୁରନ୍ତ କାଟିଲେ ଖରିଫ ପାଇଁ ଜମି ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି ଚାଷୀ ମାନେ କହିଛନ୍ତି। କୋରାପୁଟ ଜିଲ୍ଲାର ମିଲର୍ସ ମାନେ ପୂର୍ବରୁ ଚୁକ୍ତି କରିଥିବାରୁ କେବଳ ସହମତିପତ୍ର ଦେବେ। ସହମତିପତ୍ର ଦେବା ପରେ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ମାସ୍ ଓ ସାସ୍ ଆଦି କ୍ରୟକାରୀ ସଂସ୍ଥା ଓ ଧାନଉଠାଇବାକୁ ଥିବା ମିଲର୍ସ ଆଦିଙ୍କୁ ଦେବା ପ୍ରକ୍ରିୟା ବି କରାଯିବ। ପ୍ରତିବର୍ଷ ଏଭଳି ଭୂତ ପ୍ଲଟ୍ ବା ସଂଦେହାସ୍ପଦ ପ୍ଲଟ୍ ଚିହ୍ନଟ ହେଉଛି। ତେବେ ପ୍ରତିବର୍ଷ ଚାଷୀ ମାନେ ଏଭଳି କାହିଁକି କରୁଛନ୍ତି ।

# ଟ୍ରେଡିଂ ଆପ୍‌ରେ ୧୮ ଲକ୍ଷ ହରାଇଲେ ଆଇଟି ଏକ୍ସପର୍ଟ: ୩ ମାସରେ ୧୦ କୋଟି ଠକେଇ ଅଭିଯୋଗ



ଭୁବନେଶ୍ୱର, ୨୬/୫ (ନି.ପ୍ର): ପୁଣି ଏକ ବଡ଼ଧରଣର ସାଇବର ଠକେଇ ସାମ୍ନାକୁ ଆସିଛି। ଭୁବନେଶ୍ୱରରେ ଜଣେ ଆଇଟି ଏକ୍ସପର୍ଟ ଟ୍ରେଡିଂ ଆପରେ ପୁଞ୍ଜିନିବେଶ କରି ୧୮ ଲକ୍ଷ ଟଙ୍କା ହରାଇଛନ୍ତି। ଅଧିକ ଲାଭ ପାଇବାର ଲୋଭରେ ପଡ଼ି ଜଣେ ଆଇଟି ଏକ୍ସପର୍ଟଙ୍କ ଭଳି ବ୍ୟକ୍ତି ଏତେଗୁଡ଼ାଏ ଟଙ୍କା ସାଇବର ଠକଙ୍କ ହାତକୁ ଟେକିଦେବା ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ଚଳିତ ମାସ ୨୦ରୁ ଏପର୍ଯ୍ୟନ୍ତ ସାଇବର ଥାନାକୁ ଆସିଥିବା ଅଭିଯୋଗ ଅନୁସାରେ ୩ ବଡ଼ବଡ଼ ଠକେଇ ହୋଇଛି ଏବଂ ସବୁ ଠକେଇରେ ଉଚ୍ଚ ଶିକ୍ଷିତମାନେ ହିଁ ଶିକାର ହୋଇଛନ୍ତି। ଗତ ୩ ମାସର ତଥ୍ୟ ଅନୁସାରେ ସାଇବର ଠକମାନେ ଭୁବନେଶ୍ୱରରୁ ୧୦ କୋଟିରୁ ଅଧିକ ଟଙ୍କା ଲୁଟି ନେଇଛନ୍ତି। ଭୁବନେଶ୍ୱରରେ ରହି ଏକ ସଫ୍‌ଟୱେୟାର କମ୍ପାନିରେ କାମ କରୁଥିବା ଆଇଟି ଏକ୍ସପର୍ଟଜଣକ ଟ୍ରେଡିଂ ଆପ୍‌ରେ ପୁଞ୍ଜିନିବବେଶ କରିବାକୁ ଯାଇ ଏହି ଠକାମିର ଶିକାର ହୋଇଛନ୍ତି। ପ୍ରଥମେ ସେ ବିନିଯୋଗ ରାଶିର ୨ ଗୁଣା ରିଟର୍ଣ୍ଣ ପାଇବା ପରେ ଲୋଭଗ୍ରସ୍ତ ହୋଇପଡ଼ିଥିଲେ। ତେଣୁ ଗୋଟିଏ ପରେ ଗୋଟିଏ ଟାସ୍କ ପୂରଣ କରି ଲାଭବାନ ହୋଇଥିଲେ। ସାଇବର ଠକ ରାକେଟ୍ ତାଙ୍କ ମନରେ ବିଶ୍ୱାସ ଜନ୍ମାଇବା ପରେ ଶିକାର କରିବାକୁ ଜାଲ ବିଛାଇଛି ବୋଲି ସେ ବୁଝିପାରିନଥିଲେ। ଅଧିକ ଲାଭ ପାଇବାର ଲୋଭ ତାଙ୍କୁ ଏକପ୍ରକାର ଅନ୍ଧ କରିଦେଇଥିଲା। ତେଣୁ ସେ ଆଖିବୁଜି ପୁଞ୍ଜିନିବେଶ କରିଚାଲିଲେ। ସେପଟେ ତାଙ୍କ ଡିଜିଟାଲ୍ ୱାଲେଟ୍‌ରେ ବି ବିପୁଳ ଅର୍ଥ ରାଶି ଜମା ହୋଇଚାଲିଥିଲା। ମୂଳଧନ ଓ ଲାଭାଂଶ ମିଶି ପାଖାପାଖି ୧୦ ଲକ୍ଷ ଟଙ୍କା ହୋଇଯିବା ପରେ ସେ ଟଙ୍କା ଉଠାଇବାକୁ ଇଛା କରିଥିଲେ। କିନ୍ତୁ ହଠାତ୍ ତାଙ୍କ ଆକାଉଣ୍ଟ ଫ୍ରିଜ୍ ହୋଇଯାଇଥିଲା। ସାଇବର ଠକ ଗ୍ୟାଙ୍ଗ୍ ତାଙ୍କୁ ପୁଣି ୮ ଲକ୍ଷ ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହାଦ୍ୱାରା ତାଙ୍କ ଆକାଉଣ୍ଟ ପୁଣି ସଚଳ ହେବ ଏବଂ ଟଙ୍କା ଉଠାଣର ପ୍ରୋସେସିଂ ପରେ ତାଙ୍କୁ ସବୁ ଟଙ୍କା ଫେରସ୍ତ ଦିଆଯିବ ବୋଲି କୁହାଯାଇଥିଲା। ତେଣୁ ସେ ଯୋଗାଡ଼ କରି ପୁଣି ୮ ଲକ୍ଷ ଟଙ୍କା ଅନ୍‌ଲାଇନ୍‌ରେ ପଇଠ କରିଥିଲେ। ଏହାପରେ ତାଙ୍କୁ ପୂରା ନେଟ୍‌ୱର୍କରୁ ବାହାର କରି ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ ଚଳିତ ମାସ ୨୦ ତାରିଖରେ ଜଣେ ୯୦ ଲକ୍ଷ ଓ ୨୩ ତାରିଖରେ ଜଣେ ୧ କୋଟି ୪୦ ଲକ୍ଷ ଟଙ୍କା ହରାଇଥିବା ନେଇ ସାଇବର ଥାନାରେ ଅଭିଯୋଗ ହୋଇଥିଲା। ଏବେ କ୍ରାଇମବ୍ରାଞ୍ଚର ସାଇବର ୟୁନିଟ୍ ଏହି ୨ ମାମଲାର ତଦନ୍ତ କରୁଛି।

# ତୃତୀୟ ପର୍ଯ୍ୟାୟ ଶେଷ ସୁଦ୍ଧା ପୋଷ୍ଟାଲ ବାଲାଟରେ ପ୍ରାୟ ୯୪ ହଜାର ମତଦାନ

ଭୁବନେଶ୍ୱର, ୨୬/୫ (ନି.ପ୍ର): ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ରେ ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରାଧିକୃତ ଅନେକ ବର୍ଗର ମତଦାତାମାନେ ପୋଷ୍ଟାଲ ବାଲାଟ ମାଧ୍ୟମରେ ମତଦାନ କରିଛନ୍ତି । ଏମାନଙ୍କ ମଧ୍ୟରେ ଭିନ୍ନକ୍ଷମ ମତଦାତା (୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ବେଞ୍ଚମାର୍କ ଡିଜାବିଲିଟି), ୮୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ, ଅତ୍ୟାବଶ୍ୟକ ସେବାରେ ନିୟୋଜିତ କର୍ମଚାରୀ, ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଆଦି ପୋଷ୍ଟାଲ ବାଲାଟ ମାଧ୍ୟମରେ ମତଦାନ କରୁଛନ୍ତି । ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଶେଷ ସୁଦ୍ଧା ପୋଷ୍ଟାଲ ବାଲାଟ ମାଧ୍ୟମରେ ପ୍ରାୟ ୯୪ ହଜାର ମତଦାନ ହୋଇସାରିଛି । ଏହା ମଧ୍ୟରେ ୮୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ବରିଷ୍ଠ ମତଦାତା ଓ ଭିନ୍ନକ୍ଷମ ମତଦାତାମାନେ 'ହୋମ୍ ଭୋଟିଙ୍ଗ୍' ମାଧ୍ୟମରେ ମତଦାନ କରୁଥିବାବେଳେ ଅତ୍ୟାବଶ୍ୟକ ସେବାରେ ନିୟୋଜିତ କର୍ମଚାରୀ ପିଭିସିରେ ଓ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ପିବିଏଫ୍‌ସି ମାଧ୍ୟମରେ ମତଦାନ କରିଛନ୍ତି ।

# ବାରିପଦା ବିଜେଡି କାର୍ଯ୍ୟାଳୟରେ ବିଭିନ୍ନ ଦଳୀୟ କର୍ମୀଙ୍କ ମହାମିଶ୍ରଣ



ବାରିପଦା, ୨୬/୫ (ନି.ପ୍ର): ଚଳିତ ନିର୍ବାଚନକୁ ଆଉ କେଇଟା ଦିନ କିନ୍ତୁ ବିଜେଡି ପ୍ରତି ଜନସମର୍ଥନ ବଢ଼ି ବଢ଼ି ଚାଲିଛି ବିଶେଷ କରି ବାରିପଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଜି ବାରିପଦାସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଓଡିଶାର ପ୍ରିୟ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଓ ବିଜେଡି ପ୍ରତି ବଢ଼ି ବଢ଼ି ଚାଲିଥିବା ଜନସମର୍ଥନ ଓ ମୟୁରଭଞ୍ଜ ଜିଲ୍ଲା ସଭାପତି ତଥା ଲୋକସଭା ସାଂସଦ ପ୍ରାର୍ଥୀ ସୁଦାମ ମାର୍ଣ୍ଡିଙ୍କ କାର୍ଯ୍ୟଧରାକୁ ଦେଖି ବାରିପଦା ନିର୍ବାଚନ ମଣ୍ଡଳୀର ପ୍ରିୟ ସଂଗ୍ରାମୀ ବିଜେଡି ନେତା ତଥା ବିଜେଡି ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡିଙ୍କ ଦୃଢ଼ନେତୃତ୍ୱକୁ ବିଶ୍ୱାସ କରି ହଜାର ହଜାର ସଂଖ୍ୟାରେ ବାରିପଦା ସହରର ଆଖପାଖ ଅଂଚଳ ଏବଂ ୱାର୍ଡ ନମ୍ବର ୧୪ର ଭଞ୍ଜସେନା ଦୃଢ଼ ସମର୍ଥକ ଏମ. ଡି ନାଜିରୁଲ ହକ ଓ ଦୃଢ଼ ସଂଗଠକ ରବିନାରାୟଣ ସିଂହ ବାବୁ ଉଭୟଙ୍କ ନେତୃତ୍ୱରେ ଏବଂ ଅନ୍ୟ ସଂଗଠନକର୍ମକର୍ତ୍ତାମାନେ ଏମଡି ଅରବି ସଦିକ୍ୟୁ, ଅବିନାଶ ଖିଲାର, ହିମାଂଶୁ ବାରିକ, ସୁନୀଲ ରାଠୋର, ଗୁଲାମ ମୁସ୍ତାଫା, ତପନ ନାଏକ, ବିଶ୍ୱଜିତ ବାରିକ, ଫରହନ ଖାନ, କରଣ ବୈଠା, ରାମ ଧଡ଼ା, ସେହିପରି ୱାର୍ଡ ନମ୍ବର ୧୦ ର ଏକ୍ସ କାଉନସିଲର କଂଗ୍ରେସ ପାର୍ଟି ଅବଦୁଲ ରଖିମ୍,ଏକ୍ସ କାଉନସିଲର ସୋନାଲି ସାହା,ଦେବାଶିଷ ମହାନ୍ତି ଏଗ୍ରୋ ଚେୟାରମ୍ୟାନ, ଓ କାଉନସିଲର ରୀନା ଶର୍ମାଙ୍କ ପ୍ରଚେଷ୍ଟାରେ ହଜାର ହଜାର ବିଭିନ୍ନ ଦଳର କର୍ମୀଗଣ ଯୋଗଦାନ କଲେ ବିଜେଡିରେ । ଉକ୍ତ ମହାମିଶ୍ରଣ କାର୍ଯ୍ୟକ୍ରମରେ ମଞ୍ଚରେ ସହଯୋଗ କରିଥିଲେ ଅନ୍ୟମାନେ ହେଲେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି ( ନଛି ), ବାରିପଦା ନିର୍ବାଚନ ମଣ୍ଡଳୀର ସଂଯୋଜକ ପ୍ରଭାତ ନାୟକ ( ଟିଣି ),ବରିଷ୍ଠ କାଉନସିଲର ଅନନ୍ତ ଦାସ ( ମାନୁ ), ଜିଲ୍ଲା ଛାତ୍ର ସଭାପତି ସୁନୀଲ ନାୟକ,ଜିଲ୍ଲା ଯୁବ ସଭାପତି ଅରୁଣ ବରାଡ଼ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ବିଜେଡି ମୟ ବାତାବରଣ ଭିତରେ ବିଜୁ ଜନତା ଦଳୀୟ ନେତୃମଣ୍ଡଳୀ, କାଉନସିଲର, ଯୁବ ଛାତ୍ର, ମହିଳା ଓ ବିଭିନ୍ନ ଛାମୁଆ ସଂଗଠନର ନେତୃମଣ୍ଡଳୀ ଉପସ୍ଥିତ ରହି ନୂତନଭାବେ ଯୋଗଦାନ କରିଥିବାଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇଛନ୍ତି ଉପସ୍ଥିତ ରହି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଯାତ୍ରୀବାହୀ ଗାଡ଼ିକୁ ପିଟିଲା....

ବେଳେ ପଛ ପାର୍ଶ୍ୱରୁ ଦ୍ରୁତ ଗତିରେ ଆସୁଥିବା ଏକ ମାଲ୍ ବୋଝେଇ ଟ୍ରକ୍ ସବାରୀକୁ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ସବାରୀଟି ପ୍ରାୟ୧୫ ଫୁଟ୍ ଦୂରକୁ ଛିଟିକି ହୋଇ ପଡ଼ିଥିଲା । ଆଉ ସବାରୀରେ ଭିତରେ ଥିବା ଯାତ୍ରୀମାନେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଦୁର୍ଘଟଣା ଗ୍ରସ୍ତ ସବାରୀ ଭିତରୁ ଗୁରୁତର ଆହତଙ୍କୁ ଉଦ୍ଧାର କରି ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲା । ସେଠାରେ ଜଣଙ୍କ ମୃତ୍ୟୁ ଘଟିଛି । ୭ ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ରହିଛି । ସେଥିରେ ୩ ଜଣ ଥିବା ବେଳେ ଗାଡ଼ି ଚାଳକ ରହିଛନ୍ତି ।

### ପ୍ରକାଶ ପାଇଲା...

ମଧ୍ୟରୁ ୫୨,୫୬୭ ଉତ୍ତୀର୍ଣ୍ଣ କରିଛନ୍ତି । ପୁଅଙ୍କ ପାସ୍ ହାର ୮୬. ୨୧ ପ୍ରତିଶତ ରହିଛି । ୫୪,୯୨୨ ଝିଅ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୮,୧୯୦ ପାସ୍ କରିଛନ୍ତି । ଝିଅଙ୍କ ପାସ୍ ହାର ୮୭.୭୪ ପ୍ରତିଶତ ରହିଛି । ଯୁକ୍ତ ଦୁଇ ବାଣିଜ୍ୟରେ କମାଲ ଦେଖାଇଲେ ଝିଅ । ବାଣିଜ୍ୟରେ ୯୪୩୧ ଝିଅ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୦୬୯ ପାସ୍ କରିଛନ୍ତି । ଝିଅଙ୍କ ପାସ୍ ହାର ୮୫.୫୫ % ରହିଛି । ୧୬,୪୬୬ ପୁଅ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୩,୨୩୯ ପାସ୍ କରିଛନ୍ତି । ପୁଅଙ୍କ ପାସ୍ ହାର ୮୦.୪୦% ରହିଛି । ଚଳିତବର୍ଷ କଳାରେ ୨୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୦୦% ରେଜଲ୍ଟ ହୋଇଛି । ସେହିପରି ବିଜ୍ଞାନରେ ୨୯୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାଣିଜ୍ୟରେ ୯୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୦୦% ରେଜଲ୍ଟ ହୋଇଛି ।

### ମାଟ୍ରିକ୍ ରେଜଲ୍ଟ: ଏଥର...

ସଂଖ୍ୟା ଅଧିକ ରହିଛି । ଅର୍ଥାତ୍ ଛାତ୍ରୀଙ୍କ ପାସ୍ ହାର ଅଧିକ ରହିଛି । ଛାତ୍ରୀଙ୍କ ପାସ୍ ହାର ୯୬.୭୩% ରହିଥିବା ବେଳେ ଛାତ୍ରଙ୍କ ପାସ୍ ହାର ୯୫.୩୯% ରହିଛି । ଗତ ବର୍ଷ ମଧ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍ ହାର ଅଧି ରହିଥିଲା । ଗତ ବର୍ଷ ଛାତ୍ରୀଙ୍କ ପାସ୍ ହାର ୯୭.୦୫% ରହିଥିବା ବେଳେ ଛାତ୍ରଙ୍କ ପାସ୍ ହାର ୯୫.୭୫% ରହିଥିଲା । ୨ଲକ୍ଷ ୫୭ ହଜାର ୧୦୬ ଜଣ ଛାତ୍ରୀ ପାସ୍ କରିଥିବା ବେଳେ ୨ ଲକ୍ଷ ୫୧ ହଜାର ୨୯୮ ଜଣ ଛାତ୍ର ପାସ୍ କରିଥିଲେ । ଗତ ବର୍ଷ ୩୨୨୨ଟି ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଥିବା ବେଳେ ଚଳିତ ବର୍ଷ ୨୬୪୪ଟି ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି । ଏଥର କୌଣସି ସ୍କୁଲ୍‌ରେ ୦% ରେଜଲ୍ଟ ହୋଇନାହିଁ ।

### ଭୀଷଣ ରୂପ ନେଇଛି ବାତ୍ୟା...

ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା ଓ ଜଗତସିଂହପୁରର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ତେବେ ଏହି ସବୁ ଜିଲ୍ଲାରେ ମୁଖ୍ୟତଃ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ଓଡ଼ିଶାର ଦକ୍ଷିଣ-ଉତ୍ତର ଉପକୂଳରେ ପବନର ବେଗ ଘଣ୍ଟା ପ୍ରତି ୫୦ରୁ ୬୦ କିମି ରହିବ । ଏହି ସମୟରେ ସମୁଦ୍ର ବହୁତ ଅଶାନ୍ତ ରହିବ । ସେଥିପାଇଁ ସମୁଦ୍ରକୁ ନଯିବାକୁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି । ସେ କହିଛନ୍ତି, ଆଜି ଆଭ୍ୟନ୍ତରୀଣ ଓଡ଼ିଶାର କିଛି କିଛି ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଦକ୍ଷିଣ ଉପକୂଳ ଓଡ଼ିଶାର ଅନେକ ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । କିନ୍ତୁ ଉତ୍ତର ଉପକୂଳ ଓଡ଼ିଶାରେ ଅନେକ ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବା ସହିତ ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆଗାମୀ ୪୮ ଘଣ୍ଟା ପର୍ଯ୍ୟନ୍ତ ତାପମାତ୍ରାରେ କିଛି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ । ତା'ପରେ ଧୀରେ ଧୀରେ ତାପମାତ୍ରା ବଢ଼ିବ । ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିବ । ଆଇଏମ୍‌ଡିର ଆକଳନ ଅନୁଯାୟୀ, ମେ' ୩୧ ତାରିଖ ସୁଦ୍ଧା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳରେ ପହଞ୍ଚିବାର ସମ୍ଭାବନା ରହିଛି । ମୌସୁମୀ ବାୟୁ ଉପରେ ଏହି ବାତ୍ୟାର କିଛି ପ୍ରଭାବ ନାହିଁ ବୋଲି କହିଛନ୍ତି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି ।

# ଗଣକବି ଗୋପାଳଦାଶ ଓ ଭଜନସମ୍ରାଟ ଭିକାରୀବଳଙ୍କ ଜୟନ୍ତୀ ପାଳିତ

ପଟ୍ଟାମୁଣ୍ଡାଇ, ୨୬/୫ (ନି.ପ୍ର): ଗୋପାଳ ଦାଶଙ୍କ ନାମରେ ନାମିତ ଏବଂ ଭିକାରୀ ବଳଙ୍କ ଦ୍ୱାରା ଉଦ୍ଘାଟିତ ଓଡିଶାର ସର୍ବବୃହତ ପଂଚକଳାକେନ୍ଦ୍ର ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡମେର୍କ) ଆନୁକୂଲ୍ୟରେ ନସିପୁର-ପଟ୍ଟାମୁଣ୍ଡାଇ ସ୍ଥିତ ଗୋପାଳ ଦାଶ ସ୍ମାରକୀ ଭବନରେ ୨୬ ତାରିଖ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି ଉଭୟ ଗଣକବି ଗୋପାଳଦାଶଙ୍କ ୧୪୮ତମ ଜୟନ୍ତୀ ଏବଂ ଭଜନସମ୍ରାଟ ଭିକାରୀବଳଙ୍କ ୯୫ତମ ଜୟନ୍ତୀ ସମାରୋହ । ଅନୁଷ୍ଠାନର ପ୍ରତିଷ୍ଠାତା-ନିର୍ଦ୍ଦେଶକ ଗୁରୁଶ୍ରୀ ସୁଶାନ୍ତ କୁମାର ପାଣିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ଗୁରୁ ସମୀରଞ୍ଜନ ଦାସ, ରମେଶ କୁମାର ଦେ, ରବୀନ୍ଦ୍ର ମଲ୍ଲିକ ଅତିଥି ଭାବେ ଯୋଗଦେଇ ଉଭୟଙ୍କୁ ଓଡ଼ିଶାର ପ୍ରାତଃସ୍ମରଣୀୟ ବରପୁତ୍ର ରୂପେ ଅଭିହିତ କରିଥିଲେ । ଓଡ଼ିଆ ସଙ୍ଗୀତ-ନାଟକ-ସାହିତ୍ୟ ଜଗତକୁ ଉଭୟଙ୍କ ଅବଦାନ ଅତୁଳନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସହକାରୀ ନୃତ୍ୟ ଶିକ୍ଷୟିତ୍ରୀ ସ୍ମୃତିପ୍ରିୟା ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଙ୍ଗଠନ ସମ୍ପାଦକ ଧ୍ରୁବଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତିକୂଳ ପାଗ ସତ୍ତ୍ୱେ ଉକ୍ତ ଉତ୍ସବରେ ଅନୁଷ୍ଠାନର ଶତାଧିକ କର୍ମକର୍ତ୍ତା, ଶିକ୍ଷାର୍ଥୀ ଓ ଛାତ୍ରାଭିଭାବକ ଯୋଗଦାନ କରି ଜୟନ୍ତୀ ସମାରୋହକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଅରୁଣଦୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା





ଦାମୋଦରପୁର, ୨୬/୫ (ନି.ପ୍ର): ଚଳିତ ୨୦୨୪ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଅରୁଣଦୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦାମୋଦରପୁର ପୁଣି ଏକ ସଫଳତା ପାଇଅଛି ଚଳିତ ବର୍ଷ ବିଜ୍ଞାନ ପରୀକ୍ଷା ରେ ୧୫୧ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିଲେ । ଏଥିରେ ସମସ୍ତ ଛାତ୍ର ଛାତ୍ରୀ ସତ ପ୍ରତିଶତ ଛାତ୍ର ଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି । ତନମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୩୨ ଜଣ ହୋଇଥିବା ବେଳେ ୧୮ ଜଣ ଛାତ୍ର/ଛାତ୍ରୀ ଦ୍ୱିତୀୟ ଶ୍ରେଣୀରେ ଓ ଜଣେ ତୃତୀୟ ସ୍ଥାନ ରେ ଉତୀର୍ଣ୍ଣ ହୋଇଛନ୍ତି । ବିଦ୍ୟାଳୟରେ ପ୍ରଥମ ସ୍ଥାନ ସବ୍ୟସାଚୀ ଭଞ୍ଜ ୫୨୯ ନମ୍ବର ରଖିଥିବା ବେଳେ ଦ୍ୱିତୀୟ ସ୍ଥାନରେ ପ୍ରେମଚାନ୍ଦ ବେହେରା ୫୧୬ ନମ୍ବର ରଖିଛନ୍ତି ଓ ତୃତୀୟ ସ୍ଥାନରେ ପାର୍ବତୀ ମୁର୍ମୁ ୪୮୯ନମ୍ବର ରଖିବା ବିଦ୍ୟାଳୟ ପାଇଁ ସନମାନ ଆଣିଛନ୍ତି । ବିଦ୍ୟାଳୟର ନିର୍ଦ୍ଦେଶକ ବିନୋଦ ଦାସ ଓ ବିଦ୍ୟାଳୟର ଅଧକ୍ଷ କାର୍ତିକ ଚନ୍ଦ୍ର ଦାସ କୃତି ଛାତ୍ର ଛାତ୍ରୀ ଙ୍କୁ ସଫଳତା ପାଇଁ କୃତଜ୍ଞତା ସହିତ ଧନ୍ୟବାଦ ଜଣେଇଛନ୍ତି ଏହି ସଫଳତାକୁ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଅଭିଭାବକ ମାନେ ଧନ୍ୟବାଦ ର ବାର୍ତା ପଠାଇଛନ୍ତି ।

# ବିଜେପି ଛାଡିଲେ ଯୁବ ନେତା

ଧର୍ମଶାଳା, ୨୬/୫ (ନି.ପ୍ର): ସାଧାରଣ ନିର୍ବାଚନ ଆଗକୁ ଥିବା ବେଳେ ଅସନ୍ତୁଷ୍ଟ କର୍ମୀମାନେ ଦଳ ପରିତ୍ୟାଗ କରୁଛନ୍ତି । ଏହି କ୍ରମରେ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ସିଙ୍ଗାପୁର ପଂଚାୟତର ବିଜେପି ଯୁବ ନେତା ଦଳ ପରିତ୍ୟାଗ କରି ବିଜେଡିରେ ସାମିଲ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଲୋକାଭିମୁଖି,ସ୍ୱଚ୍ଛ ଶାସନ ଓ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ବିଜେଡିରେ ସାମିଲ ହୋଇଛନ୍ତି । ବିଧାୟକ ଶ୍ରୀ ବଳବନ୍ତରାୟ ସେମାନଙ୍କୁ ଦଳୀୟ ଉତରୀୟ ଦେଇ ସ୍ୱାଗତ କରିଥିଲେ । ପରେ ଆଜି ସନ୍ଧ୍ୟା ସମୟରେ ଧର୍ମଶାଳାର ବିଜୁ ଜନତା କାର୍ଯ୍ୟାଳୟଠାରେ ଧର୍ମଶାଳା ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏହି ମିଶ୍ରଣ ପର୍ବରେ ୧୪ନଂ ଜୋନ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ବଡକାଏମା ପଂଚାୟତ ସଭାପତି ବ୍ରହ୍ମାନନ୍ଦ ରାଉତ, ବରିଷ୍ଠ ନେତା ବଟକୃଷ୍ଣ ରାଉତ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ଏହି ମିଶ୍ରଣ ପର୍ବରେ ବଡକାଏମା ପାୟତର ହରିହର ରାଉତ, ଜଗବନ୍ଧୁ ରାଉତ ସମେତ ବହୁ କର୍ମୀ ବିଜେଡିରେ ଯୋଗ ଦେଇଥିଲେ ।

# ଦଶମ ପରୀକ୍ଷାରେ ନୀଳଗିରି ବ୍ଲକରେ ପାସହାର ୯୭.୫ ଶତକଡା

## ବ୍ଲକରେ ୧ଗ୍ରେଡରେ ଉତ୍ତୀର୍ଣ୍ଣ ୧୪ ଜଣ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ୭ଜଣ ଯୁଗ୍ମ ଟପ୍ପର

ନୀଳଗିରି , ୨୬/୫ (ନି.ପ୍ର): ଚଳିତ ବର୍ଷର ଦଶମ ବୋର୍ଡ ପରୀକ୍ଷାର ଫଳାଫଳ ଆଜି ପ୍ରକାଶ ପାଇଥିବା ବେଳେ ନୀଳଗିରି ବ୍ଲକରୁ ମୋଟ ୨୦୯୩ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ତନ୍ମଧ୍ୟରୁ ୨୦୪୩ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ବ୍ଲକର ୧୪ଜଣ ଛାତ୍ରଛାତ୍ରୀ ଏ୧ଗ୍ରେଡରେ ପାସ କରିଥିବା ବେଳେ ୭ଜଣ ଛାତ୍ରଛାତ୍ରୀ ସମାନ ୫୫୨ନମ୍ବର ରଖି ଯୁଗ୍ମ ଟପ୍ପର ହୋଇଛନ୍ତି । ଯୁଗ୍ମ ଟପ୍ପର ମାନଙ୍କ ମଧ୍ୟରେ ନୀଳଗିରି କୈଳାସ ଚନ୍ଦ୍ର ଉଚ୍ଚବିଦ୍ୟାଳୟର ୩ଛାତ୍ରୀ ଓ ଜଣେ ଛାତ୍ର ସମାନ ୫୫୨ନମ୍ବର ରଖି ଏ୧ ଗ୍ରେଡରେ ଯୁଗ୍ମ ଭାବେ ପାସ ସର୍ବୋଚ୍ଚ ନମ୍ବର ରଖିଛନ୍ତି । ସେମାନେ ହେଲେ ଅନ୍ୱେଷା ଜେନା, ଦେବସ୍ମିତା ପରମାଣିକ, ଜାହ୍ନବୀ ଭୂମିକା ଜେନା ଏବଂ ବିନୋଦ କୁମାର ବେହେରା । ସେହିପରି ରତ୍ନାକର ଟାଉନ ହାଇସ୍କୁଲରୁ ଆଦିତ୍ୟକୃଷ୍ଣ ବେହେରା, ଦୀନବନ୍ଧୁ ହାଇସ୍କୁଲ ବରହମପୁରରୁ ଶୁଭସ୍ମିତା ପୃଷ୍ଟି, ଅଯୋଧ୍ୟା ନୋଡାଲ ବିଦ୍ୟାଳୟରୁ ନିହାର ରଞ୍ଜନ ବେହେରା ସର୍ବୋଚ୍ଚ ୫୫୨ନମ୍ବର ରଖି ବ୍ଲକରେ ଟପ୍ପର ହୋଇଛନ୍ତି । ଅନୁରୂପ ଭାବେ ଏ୧ରେ ଉତ୍ତୀର୍ଣ୍ଣ ହୋଇଥିବା ଅନ୍ୟ ବିଦ୍ୟାର୍ଥୀ ମାନେ ହେଲେ ରତ୍ନାକର ଟାଉନ ହାଇସ୍କୁଲର ମଳୟ ରଞ୍ଜନ ପଣ୍ଡା (୫୪୯) ଓ ପିକେ ହିଟ୍ରିକ ରୋଶନ ବେହେରା (୫୪୫), ପୋଡ଼ାଶୂଳ ସ୍ଥିତ ରାଧାମାଧବ ଜୀଉ ସ୍କୁଲର ଅର୍ପିତା ରାଉଳ(୫୪୦), କେସି ହାଇସ୍କୁଲ ନୀଳଗିରିର ହରେକୃଷ୍ଣ ସ୍ୱାଇଁ (୫୫୧), ସୌମ୍ୟ ସୌରଭ ଦାସ (୫୪୭), ଜାହ୍ନବୀ ବେହେରା (୫୪୪),କାଂଶ ନୋଡାଲ ବିଦ୍ୟାଳୟର ସାଇକୃଷ୍ଣ ସାହୁ (୫୪୦) ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ପରୀକ୍ଷାରେ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନେ କଠିନ ପରିଶ୍ରମ ଓ ଅଧ୍ୟବସାୟସହିତ ପରିବାରର ବାପା, ମା,ଗୁରୁଜନ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଆଶୀର୍ବାଦ ଓ ଦିଗଦର୍ଶନ ପାଇଁ ସଫଳତା ମିଳିଥିବା ସୂଚନା ଦେଇଛନ୍ତି ।

# ଗଞ୍ଜେଇ ଚାଲାଣ ବେଳେ ଚଢାଉ: ୨ ଗିରଫ

ଜୟପୁର, ୨୬/୫ (ନି.ପ୍ର): ଗଞ୍ଜେଇ ଚାଲାଣ ବେଳେ ଅବକାରୀ ଗୋଇନ୍ଦା ବିଭାଗ ଓ ଅବକାରି ସାଟେଲାଇଟ ୟୁନିଟ ଜୟପୁର ତରଫରୁ ମିଳିତ ଚଢାଉ କରାଯାଇ ଦୁଇ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ରାଜସ୍ଥାନର ରାମ ରାଜ ଗୁଜର (୨୯) ଓ ଶଙ୍କର ଲାଲ ଗୁଜର (୨୩) ।। ଅବକାରି ବିଭାଗ ସୂଚନା ଅନୁଯାଇ ବୈପାରିଗୁଡାରୁ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରି ଗୋଇନ୍ଦା ବିଭାଗ ସୁଚନା ପାଇଥିଲା । ଅବକାରି କମିଶନର ନରସିଂହ ଭୋଳ , ଡେପୁଟି କମିଶନର ଡମ୍ବରୁ ଧର ଖଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ସୁପରିଟେଣ୍ଡେଂଟ ସ୍ନେହଲତା ନୟକ, ଏସଆଇ ଗଙ୍ଗୋମଣି ହେମ୍ରମ ଓ ଜୟପୁର ଅବକାରି ଗୋଇନ୍ଦା ବିଭାଗ ଓଆଇସି ରଶ୍ମି ରଞ୍ଜନ ନାୟକଙ୍କ ଦ୍ୱାରା ଏକ ଟିମ ଚଢାଉ କରିଥିଲା । ଜୟପୁର ସଦର ଥାନା ଅନ୍ତର୍ଗତ ଉମିରି ବ୍ରିଜ ନିକଟରେ ଚଢାଉ କରିଥିଲା । ଟ୍ରକରେ ନିଳଗିରି କାଠ ବୋଝେଇ ହୋଇ ରାଜସ୍ଥାନକୁ ଚାଲାଣ ହେଉଥିଲା । ଏହି ଚଢାଉ କରି ୭ଟି ବସ୍ତାରେ ୩୧୫ କେଜି ଗଞ୍ଜେଇ ଜବତ କରିଥିଲା । ଟ୍ରକ ଗଞ୍ଜେଇ ଓ କାଠର ଆନୁମାନିକ ମୁଲ୍ୟ ୬୫ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି । ଅବକରି ବିଭାଗ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବିଷୟ ଅବକାରି ଗୋଇନ୍ଦା ଓଆଇସି ରଶ୍ମି ରଞ୍ଜନ ନାୟକ ସୂଚନା ଦେଇଛନ୍ତି ।

# ଯୁକ୍ତ ୨ ବିଜ୍ଞାନରେ ନୀଳାମ୍ବର ଓ କଳାରେ ରଞ୍ଜୁଲତା ଉପଖଣ୍ଡ ଟପ୍ପର

ନୀଳଗିରି, ୨୬/୫ (ନି.ପ୍ର): ଆଜି ଯୁକ୍ତ ୨ ବିଜ୍ଞାନ,କଳା ଓ ବାଣିଜ୍ୟ ବିଭାଗର ପରୀକ୍ଷା ଫଳ ପ୍ରକାଶିତ ହୋଇଥିବା ବେଳେ ନୀଳଗିରି କଲେଜର ବିଜ୍ଞାନ ବିଭାଗରେ ଔପଦା ବ୍ଲକ ଦକ୍ଷିଣ କୁଅଁରପୁର ଗ୍ରାମର ମହେନ୍ଦ୍ର ବେହେରା ଓ ରମାମଣୀ ବେହେରାଙ୍କ ପୁଅ ନୀଳାମ୍ବର ବେହେରା ୫୦୦ ନମ୍ବର ରଖି ନୀଳଗିରି ଉପଖଣ୍ଡରେ ଟପ୍ପର ହୋଇଛନ୍ତି । ସେ ଦିନରେ ୧୦ ରୁ ୧୨ ଘଣ୍ଟା ପରିଶ୍ରମ କରୁଥିବା ଭବିଷ୍ୟତରେ ଜଣେ ଡାକ୍ତର ହେବା ପାଇଁ ଇଛା ରଖିଛନ୍ତି । ଏହାର ଶ୍ରେୟ ନିଜର ପରିବାର ବର୍ଗ ,କଲେଜ ଓ ସାଇ ଗଣେଶ ଟ୍ୟୁଟୋରିଆଲର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ପ୍ରଦାନ କରିଛନ୍ତି ।ସେହିପରି ବିମ୍ବୁରିଆ ଗ୍ରାମର ସଞ୍ଜୀବ ଭୋଇ ଓ ପ୍ରତିମା ଭୋଇଙ୍କ ଝିଅ ମନିଷା ଭୋଇ ୪୬୭ ନମ୍ବର ରଖି ନୀଳଗିରି ମହିଳା କଲେଜରେ ଟପ୍ପର ହୋଇଛନ୍ତି ।ସେ ଦୈନିକ ୧୦ ଘଣ୍ଟା ପରିଶ୍ରମ କରୁଥିବା ବେଳେ ଆଗାମୀ ଦିନରେ ଜଣେ ଶିକ୍ଷୟତ୍ରୀ ହେବା ପାଇଁ ଇଚ୍ଛା ରଖିଛନ୍ତି ।ସେ ଏହାର ଶ୍ରେୟ ନିଜର କୋଚିଂ ସାଇ ଗଣେଷର ଟ୍ୟୁଟୋରିଆଲ ଓ କଲେଜର ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀ ଓ ପରିବାର ବର୍ଗଙ୍କୁ ଦେଇଛନ୍ତି ।ସେହିପରି କଳା ବିଭାଗରେ ବଇଞ୍ଚା ଗ୍ରାମର ପୂର୍ଣ୍ଣଚନ୍ଦ୍ର ପ୍ରମାଣିକ ଓ କୁମୁଦିନୀ ପ୍ରମାଣିକଙ୍କ ଝିଅ ରଞ୍ଜୁଲତା ପ୍ରମାଣିକ ୫୨୦ ନମ୍ବର ରଖି ନୀଳଗିରି କଲେଜ ତଥା ଉପଖଣ୍ଡର ଟପ୍ପର ହୋଇଛନ୍ତି ।ସେ ଆଗାମୀ ଦିନରେ ଜଣେ ପ୍ରସାଶନିକ ଅଧିକାରୀ ହେବାର ଲକ୍ଷ ରଖିଛନ୍ତି ।ସେ ଦୈନିକ ୮ ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲେ,ଏହାର ଶ୍ରେୟ ନିଜର ପିତାମାତା ଓ ଉଭୟ କଲେଜ ଓ ଡିଭାଇନ ଟ୍ୟୁଟୋରିଆଲର ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଦେଇଛନ୍ତି ।ଅନୁରୂପ ଭାବେ ନୀଳଗିରି ମହିଳା ମହାବିଦ୍ୟାଳୟରେ ୫୦୨ ମାର୍କ ରଖି ବର୍ଷାରାଣୀ ସିଂ ମହିଳା ମହାବିଦ୍ୟାଳୟରେ ଟପ୍ପର ହୋଇଛନ୍ତି ।ସେ ଦୈନିକ ୮ ଘଣ୍ଟା ପରିଶ୍ରମ କରୁଥିବା ବେଳେ ସେ ସମସ୍ତ ଶ୍ରେୟ ନିଜର ପରିବାର ବର୍ଗ ଓ କଲେଜର ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଦେଇଛନ୍ତି ।

# ପ୍ରତିକୂଳ ପାଗରେ ମୟୂରଭଞ୍ଜର ମୋରଡା ଓ ବାରିପଦାରେ ନିର୍ବାଚନ ପ୍ରଚାର କଲେ କେନ୍ଦ୍ରମନ୍ତ୍ରୀ



ମୋରଡା/ବାରିପଦା, ୨୬/୫ (ନି.ପ୍ର): ମୟୂରଭଞ୍ଜ ପ୍ରତି ମୋର ଅଗାଢ ଶ୍ରଦ୍ଧା ଓ ସମର୍ପଣଭାବ ଅଛି । ମୟୂରଭଞ୍ଜ ମାଟିରୁ ଆଦରଣୀୟା ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଭାରତର ରାଷ୍ଟ୍ରପତି ହୋଇଛନ୍ତି, ଯାହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ । ପ୍ରଧାନମନ୍ତ୍ରୀଙ୍କ ପ୍ରାଥମିକତାରେ ମୟୂରଭଞ୍ଜ, ଆଦିବାସୀ ଓ ମହିଳାମାନେ ଅଛନ୍ତି । ମାତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ ବାରିପଦାରେ ଅଭିଭାଷଣ ଦେବା ବେଳେ ଏହି ମାଟିର ଝିଅକୁ ପ୍ରଧାନମନ୍ତ୍ରୀ ନା ରାଷ୍ଟ୍ରପତି ଜାଣିନପାରିବା ଚିନ୍ତାଜନକ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ରବିବାର ପ୍ରତିକୂଳ ପାଗରେ ବି ମୟୂରଭଞ୍ଜ ସଂସଦୀୟ କ୍ଷେତ୍ରର ମୋରଡା ଓ ବାରିପଦାରେ ଦଳୀୟ ପ୍ରାର୍ଥୀଙ୍କ ସମର୍ଥନରେ ପ୍ରଚାର କରିଛନ୍ତି । ପ୍ରବଳ ବର୍ଷାରେ ବି ଜନସମାବେଶ ଓ ରୋଡ ସୋ'ରେ ସଂଖ୍ୟାଧିକ ଜନସାଧାରଣ ସାମିଲ ହୋଇଥିଲେ । ମୋରଡା ନିର୍ବାଚନମଣ୍ଡଳୀରେ ଆୟୋଜିତ 'ପରିବର୍ତ୍ତନ ସମାବେଶ'ରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପ୍ରତିକୂଳ ପାଗ ସତ୍ତ୍ୱେ ସମାବେଶରେ ଜନସାଧାରଣଙ୍କ ଉପସ୍ଥିତି ଉତ୍ସାହପୂର୍ବ । ହଜାର ହଜାର ଲୋକମାନେ ବର୍ଷାରେ ଭିଜି ବିଜେପି ପ୍ରତି ସମର୍ଥନ ଜଣାଇବା ପାଇଁ ଏକାଠି ହେବା ଓଡ଼ିଶା ନିର୍ବାଚନର ଫଳାଫଳର ସ୍ପଷ୍ଟ ସଙ୍କେତ ଦେଉଛି । କେ କହିଛନ୍ତି ଯେ ବିଜେଡି ସରକାରରେ ଆଦିବାସୀଙ୍କ ଉପରେ ଅତ୍ୟାଚାର ଅକଥନୀୟ । ଏହି ସରକାରରେ ହିଁ ଆଦିବାସୀଙ୍କ ଜମି ବିକିବା ପାଇଁ ଷଡଯନ୍ତ୍ର କରାଯାଇଥିଲା । ପ୍ରଥମେ ଆଦିବାସୀଙ୍କ ବିରୋଧରେ ୫୦ ହଜାରରୁ ଅଧିକ ଅବକାରୀ, ଜଙ୍ଗଲ ଓ ଅନ୍ୟାନ୍ୟ ମାମଲା ରୁଜୁ କରାଇଲେ । ପରେ ୫୦ ହଜାର ମାମଲା ଉଠାଇ ଦେବା କଥା କହିଲେ । ପ୍ରଥମେ ବିଜେଡି ସରକାର ଡାହାଣୀ ହୋଇ ଲାଗୁଛନ୍ତି, ଗୁଣିଆ ହୋଇ ଝାଡୁଛନ୍ତି । ଆଦିବାସୀଙ୍କ ଉପରେ ହେଉଥବା ଅତ୍ୟାଚାର ବିରୋଧରେ ପରିବର୍ତ୍ତନର ଭୋଟ୍ ହେବ । ଅପରପକ୍ଷରେ ୨୫ ବର୍ଷର ବିଜେଡି ସରକାରରେ ବିଶୁଦ୍ଧ ପାନୀୟ ଜଳ ନାହିଁ । ଜମିକୁ ଜଳସେଚନ ହୋଇପାରୁନଥିବାରୁ ଚାଷୀମାନେ ଅସୁବିଧା ଭୋଗୁଛନ୍ତି । ସ୍କୁଲରେ ଶିକ୍ଷକ ନାହାନ୍ତି କି ଡାକ୍ତରଖାନାରେ ଡାକ୍ତର ନାହାନ୍ତି । ପେସା ଆକ୍ଟ କାର୍ଯ୍ୟକାରୀ ହେଉନଥିବା ବେଳେ ଆଦିବାସୀଙ୍କୁ ସ୍ଥାୟୀ ପଟ୍ଟା ମିଳୁନାହିଁ । ଏଠାକାର ପିଲାମାନେ କାମଧନ୍ଦା ପାଇଁ ବାହାରକୁ ଯାଉଛନ୍ତି । ଗୋଟିଏ ସରକାର ୨୫ ବର୍ଷ କ୍ଷମତାରେ ରହିବା ପରେ ବି ସାଧାରଣ ସୁବିଧା ଦେଇପାରନ୍ତି ନାହିଁ । ଦୀର୍ଘ ୨୫ ବର୍ଷର ଅପାରଗ ସରକାରକୁ ଗାଦିଚ୍ୟୁତ୍ କରି ରାଜ୍ୟ ଏବଂ ଦେଶରେ ନରେନ୍ଦ୍ର ମୋଦୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ମୟୂରଭଞ୍ଜ ପ୍ରସ୍ତୁତ । ଓଡ଼ିଶାର ନେତୃତ୍ୱ ଭଡାଟିଆ ନୁହେଁ ବରଂ ଓଡ଼ିଆ ଲୋକ ନେବେ । ଭଡ଼ାଟିଆ ଲୋକ ମୟୂରଭଞ୍ଜର ଜିଲ୍ଲାପାଳ ଥିଲେ । ଏହି ଦୁର୍ନୀତିଗ୍ରସ୍ତ ଭଡ଼ାଟିଆକୁ ବାହାରକୁ ପଠାଇବା ପାଇଁ ଲୋକମାନେ ମନସ୍ଥ କରିସାରିଛନ୍ତି । ବିଜେପି ସରକାର ହେଲେ ଚିଟ୍ ?ଫଣ୍ଡରେ ଲିପ୍ତ ସବୁ ଲୋକଙ୍କୁ ଜେଲ ପଠାଯିବ । ଲୋକଙ୍କୁ ସେମାନଙ୍କ ଟଙ୍କା ଫେରାଯିବ । ଓଡ଼ିଶାର ଗଣତନ୍ତ୍ରକୁ ଅକ୍ତିଆର କରିବାକୁ ଚାହୁଁଥିବା ଲୋକଙ୍କୁ ଜେଲ୍ ପଠାଯିବ । ଓଡ଼ିଶାରେ ଓଡ଼ିଆ ଲୋକଙ୍କ ଶାସନ ହେବ । କିଛି ଅଣଓଡ଼ିଆ ଲୋକ ଓଡ଼ିଆ ଅସ୍ମିତାକୁ କ୍ଷୁର୍ଣ୍ଣ କରିବା ପାଇଁ ଲାଗିପଡ଼ିଛନ୍ତି । ମୟୂରଭଞ୍ଜରେ ମାତୃଶକ୍ତିଙ୍କ ଗୁରୁତ୍ୱ ଅଧିକ, ଏହି ଭୂମିରେ ପ୍ରଥମେ ମହିଳା ମାନଙ୍କ ଦ୍ୱାରା ସୁଭଦ୍ରାଙ୍କ ରଥ ଟଣା ପରମ୍ପରା ଆରମ୍ଭ ହୋଇଥିଲା । ବିଜେପି ସରକାର ହେଲେ ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର ମିଳିବ । ଏହାକୁ ଦୁଇ ବର୍ଷ ମଧ୍ୟରେ ସେମାନେ ଖର୍ଚ୍ଚ କରିପାରିବେ । ଏହାବ୍ୟତିତ ରାଜ୍ୟରେ ବିଜେପି ସରକାର ହେଲେ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ହେବ । ଚାଷ ଜମିକୁ ଜଳସେଚନ କରାଯିବ । ଦିବ୍ୟାଙ୍ଗ, ନିରାଶ୍ରୟ ଓ ବାର୍ଦ୍ଧକ୍ୟ ଭତ୍ତାକୁ ତିନି ହଜାର ଟଙ୍କା କରାଯିବ । ମୟୂରଭଞ୍ଜ ଜିଲ୍ଲାକୁ ଏକ ନମ୍ବର କରାଯିବ । ଯୁବକଙ୍କୁ ରୋଜଗାର ମିଳିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଉଲ୍ଲେଖନୀୟ ଯେ, ଖରାପ ପାଗ ଯୋଗୁଁ ମୟୂରଭଞ୍ଜର ଯଶୀପୁର, ରାଇରଙ୍ଗପୁର, ବାଙ୍ଗିରିପୋଷୀ, ସାରସକଣା ଓ ଉଦଳାରେ ହେବାକୁ ଥିବା ଦଳର 'ବିଜୟ ସଂକଳ୍ପ ସଭା'ରେ ଶ୍ରୀ ପ୍ରଧାନ ଯୋଗଦେଇପାରିନଥିଲେ ।

# ଇଭିଏମ୍ ଭଙ୍ଗାରୁଜା ଘଟଣା: ଗିରଫ ହେଲେ ବିଜେପି ବିଧାୟକ ପ୍ରଶାନ୍ତ ଜଗଦେବ

ଭୁବନେଶ୍ୱର, ୨୬/୫ (ନି.ପ୍ର): ବେଗୁନିଆ ବୋଲଗଡ଼ ନିର୍ବାଚମଣ୍ଡଳୀର ବେଗୁନିଆ ଅନ୍ତର୍ଗତ କାଉଁରୀପାଟଣା ପ୍ରକଳ୍ପ ବିଦ୍ୟାଳୟର ୧୧୪ ନମ୍ବର ବୁଥରେ ମାରପିଟ୍, ଗଣ୍ଡଗୋଳ, ଇଭିଏମ୍ ଭଙ୍ଗାରୁଜା ଅଭିଯୋଗରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଗିରଫ କରିଛି ପୋଲିସ । ପରେ ତାଙ୍କୁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଆବାସିକ କାର୍ଯ୍ୟାଳୟରେ ହାଜର କରାଯାଇଥିଲା । ସେଠାରେ ଜାମିନ ନାମଞ୍ଜୁର ହେବା ପରେ ପ୍ରଶାନ୍ତଙ୍କୁ ଖୋର୍ଦ୍ଧା ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି । ତେବେ ପ୍ରିଜାଇଡିଂ ଅଫିସର ଜ୍ଞାନରଞ୍ଜନ ତ୍ରିପାଠୀଙ୍କ ଅଭିଯୋଗ କ୍ରମେ ପ୍ରଶାନ୍ତ ଜଗଦେବଙ୍କୁ ପୋଲିସ ଗିରଫ କରିଛି । ଅନ୍ୟପକ୍ଷେ ପ୍ରଶାନ୍ତଙ୍କ ଗିରଫଦାରୀକୁ ନେଇ ବିଜେପି କର୍ମୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି । ଏହି ଘଟଣାକୁ ନେଇ ଖୋର୍ଦ୍ଧା ପୋଲିସର ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ବିଜେପି ନେତା ନିକୁଞ୍ଜ ପଟ୍ଟନାୟକ ଅଭିଯୋଗ କରିଛନ୍ତି । ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଥିଲା ବିଜେଡି । ପ୍ରଶାନ୍ତ ଜଗଦେବଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲା ବିଜେଡି । ବିଜେଡିର ଅଭିଯୋଗ ଅନୁସାରେ, ବୋଲଗଡ଼ର ଏକ ବୁଥରେ ପଶି ବିଜେପିର ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବ ଇଭିଏମ୍ ଭଙ୍ଗାରୁଜା କରିଛନ୍ତି । ଏପରିକି ପ୍ରିଜାଇଡିଂ ଅଫିସର ଓ କର୍ମଚାରୀଙ୍କୁ ମାଡ଼ ମାରିଥିବା ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ଅଭିଯୋଗ କରିଥିବା ଜଣାଇଥିଲେ ବିଜେଡି ସାଂସଦ ସସ୍ମିତ ପାତ୍ର । ବୁଥ୍ ଭିତରେ ଭଙ୍ଗାରୁଜା କରିବା ପରେ ପ୍ରଶାନ୍ତ ଫେରାର ହୋଇଯାଇଥିବା ବିଜେଡି ପକ୍ଷରୁ ଅଭିଯୋଗ ହୋଇଥିଲା ।

ସୋମବାର, ମଇ ୨୭, ୨୦୨୪

ଧ୍ୱନି ପ୍ରତିଧ୍ୱନି

# ବିଜେଡ଼ି ପକ୍ଷରୁ ସଂକଳ୍ପ ସମାବେଶ ଅନୁଷ୍ଠିତ

ବାସୁଦେବପୁର, ୨୬/୫ (ନି.ପ୍ର): ବାସୁଦେବପୁର ନିର୍ବାଚନ ମଣ୍ଡଳୀର କରଞ୍ଜ ଆଡିଆ ରେ ଓ ନାୟ କାଣୀ ଡିହ ପଞ୍ଚାୟତର ବିଜୁ ଜନତା ଦଳ ପକ୍ଷରୁ ଆଶୀର୍ବାଦ ଓ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ବିଧାୟକ ପ୍ରାର୍ଥୀ ବିଷ୍ଣୁ ବ୍ରତ ରାଉତରାୟ ସମସ୍ତ ଭୋଟର ଭାଇ ଭଉଣୀ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଓ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ। ଓଡ଼ିଶାର ଲୋକ ପ୍ରିୟ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଫଳ ଯୋଜନା ସମ୍ପର୍କରେ ଭୋଟର ଭାଇ ଭଉଣୀ ମାନଙ୍କୁ ବୁଝାଇଥିଲେ। ଏହି ସମାବେଶରେ ବିଧାୟକ ପ୍ରାର୍ଥୀଙ୍କ ପ୍ରତିନିଧି ଅସିତ୍ କୁମାର ଦାଶ, କମଳା କାନ୍ତ ସାର, ବିଧାୟକଙ୍କ ଧର୍ମ ପତ୍ନୀ ଋତୁପର୍ଣ୍ଣା ରାଉତରାୟ, ଯୁବ ନେତା ରତିକାନ୍ତ ପ୍ରଧାନ ଓରଫ ପିଣ୍ଟୁ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରମେଶ ମିଶ୍ର, ପ୍ରଦୀପ ସାହୁ,ବିଜେଡ଼ି ମହିଳା ରାଜ୍ୟ ସମ୍ପାଦିକା ରଶ୍ମିତା ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି ସମାବେଶରେ ଏକ ମିଶ୍ରଣ ପର୍ବ ହୋଇଥିଲା । ଏଥିରେ ବିଜେପି ନେତା ବୁଲୁ ମୁଦୁଲି ଓ ଅନ୍ୟ କର୍ମୀ ବିଜେଡି ରେ ମିଶିଥିଲେ । ଆଗାମୀ ଦିନରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ଥିବା ବାକି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯିବ ବୋଲି ବିଷ୍ଣୁ ବ୍ରତ ରାଉତରାୟ ପ୍ରକାଶ କରିଥିଲେ । ବାଲିଆ ପାଳ ଘାଟରେ ମନ୍ତେଇ ନଈ ଉପରେ ପୋଲ କାମ ଆରମ୍ଭ ହୋଇଛି । ଚାରିବାଟିଆରେ ପୋଲ କାମ ଆରମ୍ଭ ହୋଇଛି ବୋଲି ବିଷ୍ଣୁ ବ୍ରତ ରାଉତରାୟ ଜିତୁ ବାବୁ ପ୍ରକାଶ କରିଥିଲେ।



# ଅଧ୍ୟାପକ ହେବା ବ୍ଲକ ଟପ୍ପର ସୁଶାନ୍ତଙ୍କ ଲକ୍ଷ୍ୟ

ଖଇରା, ୨୬/୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରେ ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ୧୨ଟି ବିଦ୍ୟାଳୟରୁ ମୋଟ ୧୮ଜଣ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ରୁସ୍ତମପୁର ଗୋବିନ୍ଦଜୀଉ ହାଇସ୍କୁଲର ଛାତ୍ର ସୁଶାନ୍ତ କୁମାର ବେହେରା ୫୫୮ନମ୍ବର ରଖି ବ୍ଲକ ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଖଇରା ବ୍ଲକ ସିଙ୍ଗିଡି ଗ୍ରାମର ସୁଶାନ୍ତଙ୍କ ବାପା କୃଷ୍ଣଚନ୍ଦ୍ରଙ୍କର ଡୁଙ୍ଗୁରା ବଜାରରେ ଏକ ଫଳ ଦୋକାନ ଅଛି। ପୁଅକୁ ଏହି ସ୍ଥାନରେ ପହଞ୍ଚାବାକୁ ଅନେକ ସଂଘର୍ଷ କରିଥିଲେ। ସୁଶାନ୍ତ ଦିନକୁ ୧୫ଘଣ୍ଟା ପରିଶ୍ରମ କରୁଥିଲେ । ସେ ତାଙ୍କର



ଏହି ସଫଳତାର ଶ୍ରେୟ ମା, ବାପା, ବିଦ୍ୟାଳୟର ଶିକ୍ଷକ ସର୍ବୋପରି ବଡଭାଇ ପ୍ରଶାନ୍ତଙ୍କୁ ପ୍ରଦାନ କରିଛନ୍ତି । ଜଣେ ଅଧ୍ୟାପକ ହେବା ତାଙ୍କର ସ୍ୱପ୍ନ ବୋଲି କହିଛନ୍ତି ।

# ଶ୍ୟାମସୁନ୍ଦରପୁର ପଞ୍ଚାୟତର ବହୁ ଯୁବନେତା ବିଜେଡିରେ ସାମିଲ

ନୀଳଗିରି , ୨୬/୫ (ନି.ପ୍ର): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ତଥା ନୀଳଗିରି ବିଧାୟକ ପ୍ରାର୍ଥୀ ସୁକାନ୍ତ କୁମାର ନାୟକଙ୍କ କର୍ଯ୍ୟକରିବାର ଦକ୍ଷତା ଏବଂ ବିଶ୍ୱସ୍ୱନୀୟତାରେ ଅନୁପ୍ରାଣିତ ହୋଇ ରବିବାର ଦିନ ଔପଦା ବ୍ଲକର ଶ୍ୟାମସୁନ୍ଦରପୁର ପଞ୍ଚାୟତର ବହୁ ଯୁବ ନେତା ଆନୁଷ୍ଠାନିକ ଭାବେ ବିଜେଡି ଦଳରେ ସାମିଲ୍ ହୋଇଛନ୍ତି। ଆଜି ନିଳଗିରି ବିଜେଡି କାର୍ଯ୍ୟାଳୟରେ ରାଜ୍ୟ ଯୁବ ବିଜେଡିର ସାଧାରଣ ସମ୍ପାଦକ ଉଦୟଜ୍ୟୋତି ମହାନ୍ତି, ଏସ, ସି ସେଲ ର ସଭାପତି ଶରତ ଦାସଙ୍କ ନେତୃତ୍ୱରେ ଉକ୍ତ ପଞ୍ଚାୟତର ସାଗର ସେଠୀ, ବିକାଶ ବିଶ୍ୱାଳ, ମୁକ୍ତିକାନ୍ତ ବେଜ୍, ବିକାଶ ପରିଡ଼ା, ଶଶିକାନ୍ତ ମହାରଣା, ଶଶିକାନ୍ତ ସାହୁ ସମେତ ବହୁ ଯୁବନେତା ବିଜେଡିରେ ସାମିଲ୍ ହୋଇଛନ୍ତି। ବିଧାୟକ ସୁକାନ୍ତ କୁମାର ନାୟକ ସମସ୍ତଙ୍କୁ ସାଧୁବାଦ୍ ଜଣାଇବା ସହ ସେମାନଙ୍କର ଯୋଗଦାନ ଦଳକୁ ସୁଦୃଢ଼ କରିଛି ବୋଲି ପ୍ରକାଶ କରିଛନ୍ତି । ତେବେ ଆଗାମୀ ନିର୍ବାଚନରେ ଆମେ ସମସ୍ତେ ଏକାଠି ହୋଇ ସୁକାନ୍ତ ନାୟକଙ୍କ ମାର୍ଗ ଦର୍ଶନରେ କାମ କରିବାର ସଂକଳ୍ପ ନେଇ କାମ କରିବୁ ବୋଲି ଯୁବକ ମାନେ ସୂଚନା ଦେଇଛନ୍ତି।

# ଗଡ଼ପଦା ବିଜେପି ପକ୍ଷରୁ ମୋଦୀ ମହୋତ୍ସବ: ରାଜ୍ୟରେ ସୁଶାସନ ପାଇଁ ବିଜେପି ହିଁ ବିକଳ୍ପ

ବସ୍ତା, ୨୬/୫ (ନି.ପ୍ର): ବସ୍ତା ନିର୍ବାଚନ ମଣ୍ଡଳୀ ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟକ୍ଷ ଦରଖୁଲି ପଡିଆରେ ରବିବାର ବିଜେପି ପକ୍ଷରୁ ମୋଦୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ପୂର୍ବତନ ସରପଞ୍ଚ ଦେବାଶିଷ ମହାପାତ୍ର ଅଧ୍ୟକ୍ଷତା କରି ମୋଦୀ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ ଯୋଗ ଦେଇ ରାଜ୍ୟ ଓ ରାଷ୍ଟ୍ରର ସର୍ବାଙ୍ଗୀନ ବିକାଶ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗ୍ୟାରେଣ୍ଟି ବୋଲି କହିଥିଲେ । ରାଜ୍ୟରେ ସୁଶାସନ ପାଇଁ ବିଜେପି ସରକାର ଦରକାର । ସରକାର ଆସିଲେ



ମହିଳାଙ୍କୁ ସୁଭଦ୍ରା ଯୋଜନାରେ ୫୦ହଜାର ଟଙ୍କା ପ୍ରଦାନ କରାଯିବ । ସ୍ୱାସ୍ଥ୍ୟ, ଶିକ୍ଷା,କୃଷି,ଗମନାଗମନ, ରେଳ, ନିଯୁକ୍ତି କ୍ଷେତ୍ରରେ ଐତିହାସିକ ବିକାଶ ସହ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ଶାସନ ପାଇଁ ବିଜେପିର ଏମପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ । ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡା, ପ୍ରଚାର କମିଟି ଅଧକ୍ଷ ଶ୍ୟାମାପ୍ରସାଦ ବେହେରା,ମଣ୍ଡଳ ସଭାପତି ରଞ୍ଜନ କୁମାର ମହାନ୍ତି ,ବରିଷ୍ଠ ନେତା ସୂର୍ଯ୍ୟ ନାରାୟଣ ସାହୁ,ପୂର୍ବତନ ସମିତି ସଭାପତି ହରେନ୍ଦ୍ର ଦାସ, ମିଡ଼ିଆ ସଂଯୋଜକ ଦିବାକର ରାଉତ, ପଞ୍ଚାୟତ ସଭାପତି ଅଞ୍ଜନ ବେହେରା, ମଣ୍ଡଳ ସାଧରଣ ସମ୍ପାଦକ ପ୍ରସନ୍ନ କୁମାର ପଣ୍ଡା,କୈଳାସ ଚନ୍ଦ୍ର ନାୟକ,ପ୍ରତାପ ସିଂ ପ୍ରମୁଖ ମଞ୍ଚାସିନ ହୋଇ ରାଜ୍ୟରେ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ ପାଇଁ ବିଜେପି ହିଁ ଏକମାତ୍ର ବିକଳ୍ପ ବୋଲି ବକ୍ତବ୍ୟରେ କହିଥିଲେ ।

# କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ବାଲେଶ୍ୱର, ୨୬/୫ (ନି.ପ୍ର): ଆଜି ରବିବାର ଦିବା ୧୦ ଘଟିକା ସମୟରେ ସ୍ଥାନୀୟ ମିଶନ ପଡ଼ିଆ ପାଖ 'ଟପ୍ ଏଣ୍ଡ ଟେଷ୍ଟି' (ଫାଣ୍ଟାସି)ରେ କଂଗ୍ରେସ ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜିବ କୁମାର ଗିରିଙ୍କ ଅଧକ୍ଷତାରେ ଏଆଇସିସି ସମ୍ପାଦକ ତଥା ଓଡ଼ିଶା ସହପ୍ରଭାରୀ ସାହାନାବାଜ ଚୈଧୁରୀ, ଏଆଇସିସି ବାଲେଶ୍ୱର ପ୍ରଭାରୀ ଶ୍ରୀଯୁକ୍ତ ଅଭୟ, ଜିଲ୍ଲା ଗଣମାଧମ ଓ ଯୋଗାଯୋଗ ବିଭାଗର ଅଧକ୍ଷ ବିକାଶ କୁମାର ଦାସ, ଜିଲ୍ଲା କଂଗ୍ରେସ ଉପସଭାପତି ଗୋପିନାଥ ପାଢ଼ୀ ମଞ୍ଚାସୀନ ହୋଇ ରାଜ୍ୟ ବିଜେଡି ନବୀନ ପଟ୍ଟନାୟକ ସରକାର ଓ କେନ୍ଦ୍ର ମୋଦୀ ସରକାରଙ୍କ ବିଫଳତା ଏବଂ ମିଥ୍ୟା ପ୍ରତିଶୃତି ର କଡ଼ା ସମାଲୋଚନା



କରିଥିଲେ। କଂଗ୍ରେସ ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନାଙ୍କ ବାଲେଶ୍ୱରରେ ଅଳ୍ପ ଦିନରେ ଯେଉଁ ଉନ୍ନତି ମୂଳକ ବହୁମୁଖି କାର୍ଯ୍ୟ ଯଥା ସିପେଟ, ଏମ୍ସ ହସ୍ପିଟାଲ,ନୋସି ପାର୍କ, ବାଲେଶ୍ୱର ଟ୍ରୋମା ସେଣ୍ଟର, ରେଲୱେ ଲେବୁଲ କ୍ରସିଙ୍ଗ ଉଡନ୍ତା ପୋଲ ପ୍ରଭୃତି ଉନ୍ନତି ମୂଳକ କାର୍ଯ୍ୟକ୍ରମ କରିଛନ୍ତି ୧୦ ବର୍ଷର ବିଜେପି ମୋଦି ସରକାର କିଛି କରି ନାହାଁନ୍ତି। ଖାଲି ମିଥ୍ୟା ପ୍ରତିଶୃତି ଦେଇ ଭୋଟ ନେଇ ଚାଲିଛନ୍ତି। ଓଡିଶା ଏକ ପ୍ରାକୃତିକ ସମ୍ପଦର ଗନ୍ତାଘର ହୋଇଥିବାରୁ ଏ ଦୁଇ ସରକାର ଓଡିଶାକୁ ଲୁଟି ଭାରତର ସବୁଠାରୁ ଗରିବ ରାଜ୍ୟରେ ପରିଣତ କରିଛନ୍ତି,ସେହିଭଳି ଓଡ଼ିଶାରେ ୨୫ବର୍ଷ ସରକାର ସମୟରେ ଯେଉଁ ଚିଟଫଣ୍ଡ ଦୁର୍ନୀତି ହୋଇଛି ଯାହାଫଳରେ ଓଡ଼ିଶାର ବହୁ ପରିବାର ପ୍ରଭାବିତ ହୋଇଛନ୍ତି ,କଂଗ୍ରେସ ସରକାରକୁ ଆସିଲେ ପ୍ରଭାବିତ ପରିବାରଙ୍କୁ ସହାୟତା କରିବା ପାଇଁ ପ୍ରତିଶ୍ରୁତି ବଦ୍ଧ ।ସେହିପରି କେନ୍ଦ୍ର କଂଗ୍ରେସ ଓ ରାଜ୍ୟ କଂଗ୍ରେସ ଗ୍ୟାରେଣ୍ଟି ବିଷୟରେ ବିଶଦ ଭାବେ ଆଲୋଚନା କରିଥିଲେ। ଏଣୁ ଏଥର ନିର୍ବାଚନରେ ବାଲେଶ୍ୱରର ବିକାଶ ପୁରୁଷ ଶ୍ରୀକାନ୍ତ ଜେନା ଏବଂ ସମସ୍ତ ବିଧାୟକ ପ୍ରାର୍ଥୀ ମାନଙ୍କୁ ବିପୁଳ ସଂଖ୍ୟାରେ ହାତ ଚିହ୍ନରେ ଭୋଟ ଦେବାକୁ ସହ ପ୍ରଭାରୀ ସାହାନାବାଜ ଚୌଧୁରୀ ନିବେଦନ କରିଥିଲେ।

# କୁରୁଡା ପଞ୍ଚାୟତରେ ବିଜେପି ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଭୋଟ ଭିକ୍ଷା

ବାଲେଶ୍ୱର, ୨୬/୫ (ନି.ପ୍ର): ରବିବାର ସକାଳେ ବିଜେପି ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ କୁରୁଡା ପଞ୍ଚାୟତରେ ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ। ପଞ୍ଚାୟତ ସଭାପତି ସୁରେଶ କୁମାର ସ,ଉପସଭାପତି ହରିଶଙ୍କର ନାୟକ ,ପ୍ରଭାରୀ ଗୀତାରାଣୀ ସାମଲ ଏବଂ ପଞ୍ଚାୟତର ସମସ୍ତ କାର୍ଯ୍ୟକର୍ତ୍ତା ମଧ ଏଥିରେ ଯୋଗ ଦେଇଥିଲେ। ଶ୍ରୀ ଦାସ ଘର ଘର ବୁଲି ଭୋଟ ଭିକ୍ଷା କରିବା ସହ ରେମୁଣାରେ ବିଜେପିକୁ ବିପୁଳ ସଂଖ୍ୟାରେ ଆଶୀର୍ବାଦ ମିଳିଲେ ରେମୁଣା ବିକାଶ ପଥରେ ଆଗେଇବ ଏବଂ ରେମୁଣା ବସୀଙ୍କ ଆଶା ପୂରଣ ହେବ। ଏ ଲଢେଇ ତାଙ୍କର ନୁହେଁ ,ଏ ଲଢେଇ ରେମୁଣା ବାସୀଙ୍କ ହକର ଲଢେଇ ବୁଲି ସେ କହିଥିଲେ । ରେମୁଣା ଏକ କୃଷି ପ୍ରାଧାନ୍ୟ ଅଞ୍ଚଳ, ଏଠି ଚାଷଜମିକୁ ଜଳ ଠିକ୍ ଭାବରେ ମିଳୁନାହିଁ



,ଚାଷୀମାନେ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ରେମୁଣାରେ ଜନତାଙ୍କ ଆଶୀର୍ବାଦ ପାଇବା ସହ ଓଡ଼ିଶାରେ ବିଜେପିର ସରକାର ଗଢିଲେ ଚାଷୀ ଭାଇ ମାନେ ନିଜ ହକ ପାଇପାରିବେ ଏବଂ କୃଷିଜାତ ଦ୍ରବ୍ୟ ଉଚିତ୍ ଦାମରେ ବିକିପରିବେ। ଓଡ଼ିଶାରେ ବିଜେପି ସରକାର ଆସିଲେ ଓଡ଼ିଶା ବିକାଶ ରାସ୍ତାରେ ଆଗେଇବ ଏଣୁ ସମୟ ଆସିଛି ବିଜେପିକୁ ବିପୁଳ ସଂଖ୍ୟାରେ ଆଶୀର୍ବାଦ କରିବା ପାଇଁ ଶ୍ରୀ ଦାସ ଲୋକଙ୍କୁ ବୋଝାଇ ଥିଲେ। କାର୍ଯ୍ୟକର୍ତ୍ତା ମାନେ ମୋଦୀ ଜୀଙ୍କ ନାରା 'ଇସ ବାର ୪୦୦ ପାର' ନାରା ଲଗାଇବା ସହିତ ଓଡ଼ିଶାରେ ପରିବର୍ତ୍ତନ ଦରକାର ବୋଲି କହିଥିଲେ।

## ତେଜସ୍ୱୀ ଯାଦବ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଲେଖିଲେ ଖୋଲା ପତ୍ର

ପାଟନା, ୨୬/୫ : ବିରୋଧି ଦଳର ନେତା ତେଜସ୍ୱୀ ଯାଦବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଖୋଲା ପତ୍ର ଲେଖିଛନ୍ତି। ଏହି ପତ୍ରରେ ତେଜସ୍ୱୀ ଜାତିଗତ ଜନଗଣନା, ସଂରକ୍ଷଣ, ମଣ୍ଡଳ କମିଶନ ଏବଂ ସମ୍ବିଧାନ ଉପରେ କେତେକ ପ୍ରଶ୍ନ ପଚାରିଛନ୍ତି । ଏଥି ସହିତ ପ୍ରଧାନମନ୍ତ୍ରୀ ମୋଦୀ ବିହାର ଗସ୍ତ ବେଳେ ଜନସଭାକୁ ସମ୍ବୋଧିତ କରି କହିଥିବା କେତେକ ଶବ୍ଦ ଉପରେ ମଧ ସେ ପ୍ରହାର କରିଛନ୍ତି । ତେଜସ୍ୱୀ ଏହି ପତ୍ରରେ ଲେଖିଛନ୍ତି ଯେ, ପ୍ରଧାନମନ୍ତ୍ରୀ, ଆପଣଙ୍କ ପାଇଁ ଏହି ଖୋଲା ଚିଠି ଲେଖିଛି । ଦୟାକରି କିଛି ସମୟ ବାହାର କରି ଜାତିଗତ ଜନଗଣନା, ସଂରକ୍ଷଣ, ମଣ୍ଡଳ କମିଶନ ଏବଂ ସମ୍ବିଧାନ ଉପରେ ନିଜର ଜ୍ଞାନବର୍ଦ୍ଧନ କରିବା ହେବେ ।

## ସୁରତରେ ଓଡ଼ିଆ ଯୁବକଙ୍କୁ ହତ୍ୟା ଘଟଣା: ଅଭିଯୁକ୍ତ ଗିରଫ

ଗଞ୍ଜାମ, ୨୬/୫ (ନି.ପ୍ର): ସୁରତରେ ଓଡ଼ିଆ ଯୁବକଙ୍କୁ ହତ୍ୟା ଘଟଣାରେ ଅଭିଯୁକ୍ତକୁ ଗିରଫ କରିଛି ପୋଲିସ । ଅଭିଯୁକ୍ତ ଶ୍ୟାମଲାଲ ଜୟଶ୍ୱାଲ ଉତର ପ୍ରଦେଶର ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ଗୁରୁବାର ରାତିରେ ଫୁଟପାଥ୍ ରେ ଶୋଇବାକୁ ନେଇ ଅଭିଯୁକ୍ତ ଶ୍ୟାମଲାଲ ଓ ମୃତକ ଓଡ଼ିଶାର ଗଞ୍ଜାମ ଅଂଚଳର ଦେବାଶିଷ ବେହେରାଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା । ପରେ ସେହିଦିନ ବିଳମ୍ବିତ ରାତିରେ ଅଭିଯୁକ୍ତ ଶ୍ୟାମଲାଲ ଏକ ଧାରୁଆ ଛୁରୀ ସାହାଯ୍ୟରେ ଦେବାଶିଷଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା । ହତ୍ୟାକାଣ୍ଡ ଘଟାଇବା ପରେ ଅଭିଯୁକ୍ତ ଶ୍ୟାମଲାଲ ସେଠାରୁ ଫେରାର୍ ହୋଇଯାଇଥିଲା । ଅଭିଯୁକ୍ତକୁ ଧରିବାକୁ ସୁରତ ପୋଲିସ ସିସିଟିଭି ଫୁଟେଜ୍ ଯାଂଚ୍ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା । ଏଥିସହ ସୁରତ କ୍ରାଇମବ୍ରାଂଚ ର ସହାୟତା ନେଇଥିଲା ପୋଲିସ ।

# ବିଶେଷ ସମ୍ପର୍କ ଅଭିଯାନ ପକ୍ଷରୁ ବୌଦ୍ଧିକ ବୈଠକ ଅନୁଷ୍ଠିତ



ଲଙ୍ଗଳେଶ୍ୱର , ୨୬/୫ (ନି.ପ୍ର): ବାଲିଆପାଳ ବ୍ଲକ ଛକ ନିକଟ କହ୍ନେୟା ହୋଟେଲ ସମ୍ମିଳନୀ କକ୍ଷରେ ରବିବାର ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଶେଷ ସମ୍ପର୍କ ଅଭିଯାନର ବୈଦ୍ଧିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେପିର ନିର୍ବାଚନ ମଣ୍ଡଳୀ ପ୍ରଚାର କମିଟି ଅଧକ୍ଷ ଶ୍ୟାମାପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୌଦ୍ଧିକ ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରାର୍ଥୀ ବ୍ରିନ୍ଦ୍ର ନାଥ ଅଣ୍ଡିଆ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ଅଭିଯାନର ଜିଲ୍ଲା ସଂଗଯୋଜକ ମମତା ମହାପାତ୍ର, ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା ଉପ ସଭାପତି ସଂଯୁକ୍ତା ମହାପାତ୍ର, ଶିକ୍ଷପତି ସଞ୍ଜୀବ କୁମାର ପାଢୀ,ଭୂତପୂର୍ବ ସୈନିକ କମିଟିର ପ୍ରାକ୍ତନ ସଭାପତି ମନୋଜ ସି ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କର ଐତିହାସିକ ବିକାଶ ଭିତ୍ତିକ ସ୍ୱତନ୍ତ୍ର ବାର୍ତ୍ତାକୁ ଉପସ୍ଥାପନା କରିଥିଲେ। ବରିଷ୍ଠ ବିଜେପି ନେତା ତଥା ସାମ୍ବାଦିକ ଅଜୟ କୁମାର ସାହୁ ପ୍ରାକ ସୂଚନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧରେ ହିମାଂଶୁ କୁହ୍ଲାରୀ, ଜୟନ୍ତ କୁମାର ଭୂୟାଁ, ମାଳତୀ ନାୟକ, ମନ୍ମଥ କୁମାର ପାତ୍ର, ଶିବାନନ୍ଦ ଦାସ, ହେମନ୍ତ କୁମାର ଦାସ, ପ୍ରକାଶ କୁମାର କୁଣ୍ଡୁ, ରମାକାନ୍ତ ଜେନା, ସୁଜାତା ସି, ସୁବଳ ଚନ୍ଦ୍ର ଦାସ, ରତ୍ନାକର କୁହ୍ଲାରୀ ତଥା ବହୁ କବି, ସାହିତ୍ୟିକ, ସାମ୍ବାଦିକ, ସ୍ୱେଚ୍ଛାସେବୀ, ସ୍ୱୟଂ ସହାୟିକା ଗୋଷ୍ଠୀ,ଲାୟନ୍ସ କ୍ଲବ୍,ରୋଟାରୀ କ୍ଲବ୍, ବୁଦ୍ଧିଜୀବୀ, ଜ୍ଞାନୀ ଗୁଣୀ ଉପସ୍ଥିତ ଥିଲେ।ମାନସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ମୋଦୀ ଏକମାତ୍ର ଲୋକ ଯାହାଙ୍କର ପରମାତ୍ମାଙ୍କ ସହ ସମ୍ପର୍କ ଅଛି: ରାହୁଲ

ନୂଆଦିଲ୍ଲୀ, ୨୬/୫ : କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିର୍ବାଚନ ପ୍ରଚାରର ଶେଷ ପର୍ଯ୍ୟାୟରେ ରବିବାର ହିମାଚଳ ପ୍ରଦେଶର ନାହାନରେ ପହଞ୍ଚିଛନ୍ତି। ସାଧାରଣ ସଭାକୁ ସମ୍ବୋଧିତ କରିବାବେଳେ ରାହୁଲ ଗାନ୍ଧୀ ଅନେକ ସାମ୍ବାଦିକଙ୍କୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କଠୋର ପ୍ରଶ୍ନ ପଚାରି ନ ଥିବାରୁ ସେମାନଙ୍କୁ ପୁଣି ଥରେ 'ଚାମଚା' ବୋଲି କହିଛନ୍ତି। ଏହାପୂର୍ବରୁ ଦିଲ୍ଲୀରେ ଏକ ସାଧାରଣ ସଭାରେ ରାହୁଲ ଗାନ୍ଧୀ ଅନେକ ସାମ୍ବାଦିକଙ୍କୁ ମଧ ଚାମଚା ଡାକିଥିଲେ। ପ୍ରଧାନମନ୍ତ୍ରୀଙ୍କୁ ସହଜ ପ୍ରଶ୍ନ ପଚାରିଥିଲେ। ରାହୁଲ ଗାନ୍ଧୀ କହିଛନ୍ତି, "ଆଜିକାଲି ନରେନ୍ଦ୍ର ମୋଦୀଙ୍କ ସାକ୍ଷାତକାର ଚାଲିଛି, ଚାରିଜଣ ଚାମଚା ବସୁଛନ୍ତି ଏବଂ ତା' ପ୍ରଶ୍ନ କରାଯାଉଛି । ସେ ଆହୁରି କହିଛନ୍ତି, "ମୋଦୀ ଜୀ



ଉତ୍ତର ଦିଅନ୍ତି, ମୁଁ ସବୁକିଛି ସ୍ୱୟଂଚାଳିତ ହୁଏ । ବାକି ଭାରତ ଚାଷ କରେ ଏବଂ କଠିନ ପରିଶ୍ରମ କରେ । ଭଗବାନ ମୋତେ ମାର୍ଗଦର୍ଶନ କରନ୍ତି । ମୁଁ ଭାରତର ଏକମାତ୍ର ବ୍ୟକ୍ତି ଯିଏ ଭଗବାନଙ୍କ ସହ ସିଧାସଳଖ ସମ୍ପର୍କ ରଖିଛି। ଏହି ପ୍ରସଙ୍ଗରେ ଚାମଚାମାନେ କୁହନ୍ତି ଯେ କେତେ ଚମତ୍କାର କଥା କହିଛନ୍ତି । ରାହୁଲ ଗାନ୍ଧୀ କହିଛନ୍ତି, "ଯେଉଁ ବ୍ୟକ୍ତିଙ୍କ ସହିତ ଭଗବାନଙ୍କ ସହ ସିଧାସଳଖ ସମ୍ପର୍କ ଅଛି, ତାଙ୍କୁ କାହିଁକି ସମ୍ବିଧାନ ଦରକାର ? ସେ ସିଧାସଳଖ କଥା ହେଉଛନ୍ତି। ମୁଁ ତାଙ୍କୁ ପଚାରିବାକୁ ଚାହେଁ । ନରେନ୍ଦ୍ର ମୋଦୀ ଜୀ, ଆପଣ ଯାହା ଅନୁଭବ କରନ୍ତି । କେତେବେଳେ କରନ୍ତି । ଏହି ଅନୁଭବ ସକାଳ, ସନ୍ଧ୍ୟା କିମ୍ବା ୨୪ ଘଣ୍ଟା ଆସିଥାଏ । ସୂଚନା ଥାଉ କି ଯେ, ଦିଲ୍ଲୀରେ ଏକ ସାଧାରଣ ସଭାରେ ସମ୍ବୋଧିତ କରିବାବେଳେ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ତାଙ୍କୁ ସାକ୍ଷାତକାର ଦେଇଥିବା ସାମ୍ବାଦିକମାନଙ୍କୁ ଚାମଚା ବୋଲି କହିଥିଲେ। ସେ ଆହୁରି ମଧ କହିଛନ୍ତି ଯେ ମୁଁ ପଚାରିଲି ଭଗବାନ କିପରି ପଠାଇଛନ୍ତି ? 'କୋଭିଡ ସମୟରେ ଏସେ ଥାଳି ବଜାଇବା ପାଇଁ କହିଥିଲେ । ଏଏସବୁ ସତ୍ତ୍ୱେ ହଜାର ହଜାର ମୃତଦେହ ଦିଲ୍ଲୀର ଯମୁନା ପାର୍ଶ୍ୱରେ ଥିଲା। ଡାକ୍ତରଖାନାଗୁଡ଼ିକରେ ମଧ ଜାଗା ନଥିଲା।

# ଉଦଳା ବିଧାନସଭା ନିର୍ବାଚନ ମଣ୍ଡଳି: ୪ଜଣ ପୋଷ୍ଟ ଗ୍ରାଜୁଏଟ ଓ ୨ ଜଣ ଗ୍ରାଜୁଏଟ ପ୍ରାର୍ଥୀ ଅଛନ୍ତି

ଉଦଳା , ୨୬/୫ (ନି.ପ୍ର): ଉଦଳା ବିଧାନସଭା ନିର୍ବାଚନ ମଣ୍ଡଳି ମଧରେ ଏଥର ୧୫ ଜଣ ପ୍ରାର୍ଥି ରଣାଙ୍ଗନରେ ଅବତିର୍ଣ୍ଣ ହୋଇଛନ୍ତି । ଏହିସବୁ ପ୍ରାର୍ଥି ମାନଙ୍କ ମଧରୁ ୪ ଜଣ ପ୍ରାର୍ଥିଙ୍କର ଶିକ୍ଷାଗତ ଯୋଗ୍ୟତା ପୋଷ୍ଟ ଗ୍ରାଜୁଏଟ ହୋଇଥିବା ବେଳେ ୨ ଜଣ ପ୍ରାର୍ଥିଙ୍କର ଶିକ୍ଷାଗତ ଯୋଗ୍ୟତା ଗ୍ରାଜୁଏଟ ଅଟେ । ପୋଷ୍ଟ ଗ୍ରାଜୁଏଟ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥି ମାନେ ହେଲେ କାଳିଚରଣ ପାତ୍ର, କଲ୍ଲୋଲ ସିଂ, ମାୟା ଟୁଡୁ ଓ ମିନାକ୍ଷୀ ମୁର୍ମୁ । ସେହିପରି ଗ୍ରାଜୁଏଟ ପ୍ରାର୍ଥିଙ୍କ ମଧରେ ମଦନ ମୋହନ ମାଝୀ ଓ ବେଣୁଧର ମହାପାତ୍ର ଅଛନ୍ତି । କାଳିଚରଣ ପାତ୍ରଙ୍କ ଚିହ୍ନ (ଟ୍ରକ), କଲ୍ଲୋଳ ସିଂଙ୍କ ଚିହ୍ନ (ବ୍ୟାଟ), ମାୟା ଟୁଡୁ ଙ୍କ ଚିହ୍ନ (କୋଟ୍), ମିନାକ୍ଷୀ ମୁର୍ମୁଙ୍କ ଚିହ୍ନ (ବେଂଚ) ଅଟେ । ସେହିପରି ଗ୍ରାଜୁଏଟ ପ୍ରାର୍ଥି ମଦନ ମୋହନ ମାଝୀଙ୍କ ଚିହ୍ନ (କଦଳି), ବେଣୁଧର ମହାପାତ୍ରଙ୍କ ଚିହ୍ନ (ଫ୍ୟାନ) ଅଟେ । ଏହିସବୁ ଉଚ୍ଚ ଶିକ୍ଷିତ ପ୍ରାର୍ଥି ମାନେ ସମସ୍ତେ ସ୍ୱାଧିନ ପ୍ରାର୍ଥି ଅଟନ୍ତି । ତେବେ ଭୋଟର ପାର୍ଟି ହାୱା ଦେଖି ଭୋଟ ଦେବେ କିମ୍ବା ପ୍ରାର୍ଥିଙ୍କର ଶିକ୍ଷାଗତ ଯୋଗ୍ୟତା ଦେଖି ଭୋଟ ଦେବେ ତାହା ଦେଖିବା ବାକି ରହିଛି ।

# ବିଭିନ୍ନ ସ୍ଥାନରେ ବିଜେପିର ବିଜୟ ସଂକଳ୍ପ ସମାବେଶ

ଖଇରା, ୨୬/୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଣ୍ଟା, ମାଖନପୁର, ଡାଲଙ୍ଗ୨,ନନ୍ଦୁର,ଅଚ୍ୟୁତପୁର ଏବଂ ମହତୀପୁର ପଞ୍ଚାୟତରେ ବିଜେପିର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ମହତୀପୁର ପଞ୍ଚାୟତର ବଟେଶ୍ୱର ପଡିଆରେ ଆୟୋଜିତ କର୍ମୀ ସମାବେଶରେ ଖଇରା ମଣ୍ଡଳର ସାଧାରଣ ସମ୍ପାଦକ ନିଳାମ୍ବର ପଣ୍ଡା ପୌରହିତ୍ୟ କରିଥିଲେ । ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା,ଯୁବନେତା ନିଳମାଧବ ପଣ୍ଡା,କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ମାଝୀ,ଯୁବନେତା ଜଗଦିଶ ପଣ୍ଡା,ବରିଷ୍ଠ ନେତା ରବିନ୍ଦ୍ର ନାୟକ,ପୂର୍ବତନ ସମିତି ସଭ୍ୟ କୈଳାସ ମାଝୀ,ସୁଣ୍ଡିରା ସରପଞ୍ଚ



ପ୍ରତିନିଧି ହରିଶ ପରିଡା,ପଞ୍ଚାୟତ ପ୍ରମୁଖ ଦେବାଶିଷ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଏଥର ସିମୁଳିଆ ପଦ୍ମ ଫୁଟିବା ସହ ଓଡିଶାରେ ମଧ୍ୟ ବିଜେପି ଶାସନ କରିବ ବୋଲି ଉପରୋକ୍ତ ବକ୍ତାମାନେ ପ୍ରକାଶ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo